

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୨୨ ଜୁଲାଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 22 JULY 2025

Vol.No. 36 ■ No.193 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ
ବାର୍ଷିକ ସଂଖ୍ୟା

ସାଗରିକା

ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net


# ଢାକାରେ ଭୟଙ୍କର ବିମାନ ଦୁର୍ଘଟଣା: ୧୯ ମୃତ

## ଶିକ୍ଷାନୁଷ୍ଠାନ ଉପରେ ଖସିଥିଲା ବାଂଲାଦେଶ ବାୟୁସେନାର ଏଫ-୭ ବିମାନ



ନୂଆଦିଲ୍ଲୀ,୨୧/୭ : ବାଂଲାଦେଶ ବାୟୁସେନାର ତାଲିମ ବିମାନ ଅପରାହ୍ନ ଗୋଟାଏ ୧୦ ସମୟରେରେ ଢାକାର ଉତ୍ତରା ଅଞ୍ଚଳରେ ଥିବା ମାଇଲଷ୍ଟୋନ୍ ସ୍କୁଲ ଆଣ୍ଡ କଲେଜ ପରିସରରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏହି ଭୟାବହ ଦୁର୍ଘଟଣାରେ ବର୍ତ୍ତମାନ ସୁଦ୍ଧା ୧୯ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦୦ରୁ ଅଧିକ ଆହତ ହୋଇଛନ୍ତି । ବିଦ୍ୟାଳୟରେ ପାଠପଢ଼ା ଚାଲିଥିବା ବେଳେ ବିମାନଟି ଖସିପଡିଥିଲା, ଯେଉଁଥିରେ ପ୍ରାୟ ୨,୦୦୦ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଦୁର୍ଘଟଣା ସ୍ଥଳରୁ ନିଆଁ ଓ କଳା ଧୂଆଁ ଉଠୁଥିବା ଦୃଶ୍ୟ ଦେଖାଯାଇଛି । ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ବିମାନଟି ସ୍କୁଲର ଗେଟ୍ ନିକଟରେ ପଡି ନିଆଁ ଲାଗିଯାଇଥିଲା । ୫୦ ଆହତଙ୍କୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ବର୍ଣ୍ଣ ଆଣ୍ଡ ପ୍ଲାଷ୍ଟିକ ସର୍ଜରୀ ସମେତ ବିଭିନ୍ନ ହସ୍ପିଟାଲକୁ ନିଆଯାଇଛି । ବାଂଲାଦେଶ ସେନା ଓ ଅଗ୍ନିଶମ ବାହିନୀ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସ ଏହି ଘଟଣାକୁ ଦୁଃଖର ମୁହୂର୍ତ୍ତ ବୋଲି ବର୍ଣ୍ଣନା କରି ଆହତମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି । ସରକାର ଦୁର୍ଘଟଣାର କାରଣ ଅନୁସନ୍ଧାନ ପାଇଁ ତଦନ୍ତ ଆରମ୍ଭ କରିଛନ୍ତି । ତେବେ ଏହି ଟ୍ରେନି ବିମାନଟି ଚୀନ୍-ନିର୍ମିତ ଏଫ-୭ ଜେଟ୍ । ଦୁର୍ଘଟଣାସ୍ଥଳରୁ ଧୂଆଁ ଉଠିବା ସହିତ, ପରିବାରର ଲୋକେ ସ୍କୁଲ ଫାଟକ ବାହାରେ ଏକାଠି ହୋଇଥିଲେ, କେତେକ ପ୍ରାର୍ଥନା କରୁଥିଲେ, କେତେକ କାନ୍ଦୁଥିଲେ ଏବଂ ଅନେକ ସାହାଯ୍ୟ ପାଇଁ ନିବେଦନ କରୁଥିଲେ ଅଗ୍ନିଶମ ସେବା ଏବଂ ନାଗରିକ ପ୍ରତିରକ୍ଷା ନିର୍ଦ୍ଦେଶକ ମହମ୍ମଦ ଜାହେଦ କମଲ କହିଛନ୍ତି , ସ୍କୁଲ ପରିସରରୁ ୧୯ ଟି ମୃତଦେହ ଉଦ୍ଧାର କରାଯାଇଛି, ଇନଷ୍ଟିଚ୍ୟୁଟ୍ ଅଫ୍ ବର୍ନ ଆଣ୍ଡ ପ୍ଲାଷ୍ଟିକ୍ ସର୍ଜରୀରେ ବରିଷ୍ଠ ଡାକ୍ତର କହିଛନ୍ତି, ଦୁର୍ଘଟଣାଟି ବହୁତ ବଡ଼ ,ଆମେ ଯଥାସମ୍ଭବ ଚେଷ୍ଟା କରୁଛୁ ।

# ଉପରାଷ୍ଟ୍ରପତି ଜଗଦୀପ ଧନଖଡଙ୍କ ଇସ୍ତଫା

## ସ୍ୱାସ୍ଥ୍ୟଗତ କାରଣରୁ ଇସ୍ତଫା ଦେଇଥିବା ସୂଚନା



ନୂଆଦିଲ୍ଲୀ,୨୧/୭ :ଦେଶର ଉପରାଷ୍ଟ୍ରପତି ତଥା ରାଜ୍ୟସଭାର ସଭାପତି ଥିବା ଜଗଦୀପ ଧନଖଡ଼ ଆଜି ପଦରୁ ଇସ୍ତଫା ଦେଇଛନ୍ତି। ସ୍ୱାସ୍ଥ୍ୟଗତ କାରଣରୁ ଇସ୍ତଫା ଦେଇଥିବା ସୂଚନା ମିଳିଛି । ସେ ତାଙ୍କର ଇସ୍ତଫା ପତ୍ର ରାଷ୍ଟ୍ରପତିଙ୍କୁ ଲେଖିଛନ୍ତି। ଚିକିତ୍ସାକୁ ପ୍ରାଥମିକତା ଓ ଡାକ୍ତରଙ୍କ ପରାମର୍ଶ ପାଳନ କରି ସେ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିବା ଲେଖିଛନ୍ତି । ଏହାସହ ସହଯୋଗ ଓ ସୁସମ୍ପର୍କ ପାଇଁ ସେ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଦେଇଛନ୍ତି। କେବଳ ସେତିକି ନୁହେଁ ପ୍ରଧାନମନ୍ତ୍ରୀ ଓ ମନ୍ତ୍ରୀମଣ୍ଡଳର ସହଯୋଗ ପାଇଁ ସେ କୃତଜ୍ଞ ବୋଲି ଉଲ୍ଲେଖ କରିଛନ୍ତି । ୨୦୨୨ ସେ ୧୪ ତମ ଉପରାଷ୍ଟ୍ରପତି ଭାବେ ଶପଥ ନେଇଥିଲେ । ୨୦୨୨ ଅଗଷ୍ଟ ୬ ରେ ହୋଇଥିବା ଉପରାଷ୍ଟ୍ରପତି ନିର୍ବାଚନରେ ସେ ବିରୋଧୀମେଣ୍ଟର ପ୍ରାର୍ଥୀ ମାଗରିଟ ଅଲ୍ୱାଙ୍କୁ ପରାଜିତ କରିଥିଲେ । ମୋଟ ୭୨୫ ଭୋଟରୁ ଧନଖଡ଼ଙ୍କୁ ୫୨୮ ଟି ଭୋଟ ମିଳିଥିଲା ଓ ତାଙ୍କ ବିରୋଧୀ ପ୍ରାର୍ଥୀଙ୍କୁ ମାତ୍ର ୧୮୨ ଖଣ୍ଡ ଭୋଟ ମିଳିଥିଲା ।

## ଅନଲାଇନ୍ ବେଟିଂ ଆପ୍ ମାମଲା: ୨୯ କଳାକାରଙ୍କୁ ଇଡିର ନୋଟିସ

ନୂଆଦିଲ୍ଲୀ,୨୧/୭ : କଳାକାରଙ୍କ ଉପରେ ଇଡିର ଛାଟ । ଦକ୍ଷିଣ ଭାରତ ସିନେମାର ପ୍ରାୟ ୨୯ କଳାକାର ଏବେ ଅନଲାଇନ ବେଟିଂ ଆପସ ମାମଲାରେ ଫସିଛନ୍ତି । ଜେରା ପାଇଁ ଏମାନଙ୍କୁ ନୋଟିସ ଜାରି କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । ଏକ ଅନଲାଇନ୍ ବେଟିଂ ଆପ୍ ଠକେଇ ମାମଲାରେ ବିଜୟ ଦେବରକୋଣ୍ଡା, ରାଣା ଦୁଗବତି, ମାଞ୍ଚୁ ଲକ୍ଷ୍ମୀ, ପ୍ରକାଶ ରାଜ, ନିଧି ଅଗ୍ରୱାଲ, ଅନନ୍ୟା ନାଗାଲା ଏବଂ ଶ୍ରୀମୁଖୀ ସମେତ ୨୯ ଜଣ ସେଲିବ୍ରିଟିଙ୍କ ବିରୋଧରେ ତଦନ୍ତ ଆରମ୍ଭ ହୋଇଛି ।

# ରାଜ୍ୟପାଳଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ: ବଢିଲା ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ଚର୍ଚ୍ଚା



ଭୁବନେଶ୍ୱର, ୨୧/୭ (ନି.ପ୍ର): ରାଜ୍ୟରେ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ଚର୍ଚ୍ଚା ଭିତରେ ରାଜଭବନରେ ରାଜ୍ୟପାଳଙ୍କୁ ଭେଟିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି। ଭେଟଘାଟ ପଛରେ କିଛି ବଡ ବାର୍ତ୍ତା ରହିଛି ବୋଲି କୁହାଯାଉଛି। ଯଦିଓ ଏହାକୁ ଏକ ସୌଜନ୍ୟମୂଳକ ସାକ୍ଷାତ ବୋଲି କୁହାଯାଇଛି ତେବେ ସାମ୍ପ୍ରତିକ ରାଜନୈତିକ ପରିସ୍ଥିତିରେ ଏହି ସାକ୍ଷାତ ଅନେକ ଗୁରୁତ୍ୱ ବହନ କରୁଛି। ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ନେଇ ଏ ଆଲୋଚନା ହୋଇପାରେ ବୋଲି ରାଜନୈତିକ ସମୀକ୍ଷକ ଅନୁମାନ କରୁଛନ୍ତି। ଏବେ ରାଜ୍ୟ ମନ୍ତ୍ରୀମଣ୍ଡଳରେ ୬ଟି ମନ୍ତ୍ରୀ ପଦ ଖାଲି ପଡିଛି, ତେଣୁ ଏ ପ୍ରସଙ୍ଗରେ ହୁଏତ ଉଭୟ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ମଧ୍ୟରେ ଆଲୋଚନା ହୋଇଥାଇପାରେ। ନିକଟରେ ଉଭୟ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ବିଜେପି ସଭାପତି ଦିଲ୍ଲୀ ଗସ୍ତରେ ଯାଇଥିଲେ। ସେଠାରେ ସବିଶେଷ ଆଲୋଚନା ହୋଇଥାଇପାରେ। ତେବେ ଏହା ଏକ ପୂର୍ବାନୁମାନ ବୋଲି କୁହାଯାଉଛି। ଯଦିଓ ମୁଖ୍ୟମନ୍ତ୍ରଇଙ୍କ କାର୍ଯ୍ୟାଳୟ ତରଫରୁ ଏହାକୁ ଏକ ସୌଜନ୍ୟମୂଳକ ସାକ୍ଷାତ ବୋଲି କୁହାଯାଇଛି ତେବେ ଏହି ଅବସରରେ ଆଉ କିଛି ପ୍ରସଙ୍ଗ କଥା ଉଠିଥାଇପାରେ ବୋଲି କୁହାଯାଉଛି।

▶▶ପୃଷ୍ଠା ୭

# ଛାତ୍ର କଂଗ୍ରେସ ସଭାପତି ଗିରଫ



ଭୁବନେଶ୍ୱର, ୨୧/୭ (ନି.ପ୍ର): ଏଫ୍.ଏମ୍ ଓ ବଳଙ୍ଗା ଘଟଣାକୁ ନେଇ ରାଜରାସ୍ତାକୁ ଓହ୍ଲାଇ ସରକାରଙ୍କୁ ହରଡଘଣାରେ ପକାଇଛି କଂଗ୍ରେସ। ସରକାର ବିଫଳ ବୋଲି ନାରା ଦେଇ ଓଡିଶା ବନ୍ଦ ଡାକରା ବି ଦେଲା। ହେଲେ ମହାକାଳ ଫଳ ଭଳି କଂଗ୍ରେସର ଏହି ଆନ୍ଦୋଳନ ଯେ ଡ୍ରାମା ଥିଲା ତାହା ଉଦିତଙ୍କ କଳା କାରନାମାରୁ ସ୍ପଷ୍ଟ ବୋଲି ଅଭିଯୋଗ ଆଣିଛି ବିଜେପି । ପୀଡିତା କରିଥିବା ଅଭିଯୋଗ ଅନୁସାରେ ଉଦିତ ଗତ ମାର୍ଚ୍ଚ ୧୮ ରେ ତାଙ୍କୁ ମୃଦୁ ପାନୀୟରେ ନିଶା ଦେଇ ଭୁବନେଶ୍ୱରର ଏକ ହୋଟେଲ୍ ରେ ଦୁଷ୍କର୍ମ କରିଥିଲେ । ଏପରିକି ଦୁଷ୍କର୍ମ ପରେ ଭୟଭୀତ କରିବା ସହ ଧମକ ଚମକ ଦେଉଥିଲେ। ଯେଉଁଥିପାଇଁ ପୀଡିତା ପୂର୍ବରୁ ଥାନାରେ ଏତଲା ଦେଇପାରିନଥିଲେ।

▶▶ପୃଷ୍ଠା ୭

# ପଞ୍ଚମ ଦିନରେ ଘାଣ୍ଟୁଛି କ୍ରାଇମବ୍ରାଞ୍ଚ : କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ଜେରା

ବାଲେଶ୍ୱର, ୨୧/୭ (ନି.ପ୍ର): ଫକୀରମୋହନ କଲେଜରେ ଛାତ୍ରୀ ଆତ୍ମହୁତି ଘଟଣାରେ ତଦନ୍ତକୁ ଜୋରଦାର କରିଛି କ୍ରାଇମବ୍ରାଞ୍ଚ । ତଦନ୍ତକାରୀ ଏଜେନ୍ସି କଲେଜରେ ଆଜି କିଛି କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ପଚରାଉଚରା କରିଛନ୍ତି । ସେପଟେ ଆଇସିସି ରିପୋର୍ଟ ଆସିବା ପରେ ନିଜ ଦୋଷ ଲୁଚାଇବାକୁ ଉଦ୍ୟମ କରିଛନ୍ତି ଆଇସିସି ସଦସ୍ୟ ମିନୀତି ସେଠୀ । ବାଲେଶ୍ୱରେ ଫକୀରମୋହନ ଛାତ୍ରୀ ଆତ୍ମହୁତି ଘଟଣାର ସତ ଖୋଳୁଛନ୍ତି କ୍ରାଇମବ୍ରାଞ୍ଚର ଟିମ୍ । ଆଜି ପଞ୍ଚମ ଦିନରେ କଲେଜର କିଛି କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ଜେରା କରାଯାଇଛି । ଜେରା ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୂର୍ବରୁ କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ଡାକିଥିଲା । ଆଉ ସେହି ଅନୁସାରେ କିଛ ଛାତ୍ରଛାତ୍ରୀ ତଦନ୍ତକାରୀ ଏଜେନ୍ସି ଆଗରେ ହାଜର ହୋଇଥିଲେ । ଆଜି କଲେଜରେ ପାଠପଢା ସ୍ୱାଭାବିକ ଥିଲା , ସ୍ପଟ୍ ସିଲେକସନ ବି ହୋଇଛି ।

▶▶ପୃଷ୍ଠା ୭

## ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ମନା: କାଚ ଓ ଟିଣ ଡ଼ବାକୁ ଅନୁମତି

ଭୁବନେଶ୍ୱରଭୁବନେଶ୍ୱର, ୨୧/୭ (ନି.ପ୍ର): ରାସ୍ତାଘାଟରେ ପ୍ଲାଷ୍ଟିକ୍ ବୋତଲରେ ପେଟ୍ରୋଲ ବିକ୍ରି କରିବା ମନା। ଏପରିକି ପେଟ୍ରୋଲ ପମ୍ପରେ ବି ପ୍ଲାଷ୍ଟିକ ବୋତଲ କି ଜାର ଧରି ଆସିଲେ ମିଳିବ ନାହିଁ ତେଲ। ଏନେଇ ବିଧିବଦ୍ଧ ଭାବରେ ନିଷ୍ପତ୍ତି ନେଇଛନ୍ତି ସରକାର। ଯଦି କେହି ଅମାନ୍ୟ କରି ତେଲ ବିକ୍ରି କରିବେ ତେବେ କାର୍ଯ୍ୟାନୁଷାନ ହେବ । ଜିଲ୍ଲାପାଳଙ୍କୁ ଏନେଇ କ୍ଷମତା ଦିଆଯାଛି ବିଭିନ୍ନ ସ୍ଥାନରେ ଧରପଗଡ କରି କାର୍ଯ୍ୟାନୁଷ୍ଠାନ ନେଇପାରିବେ। ମଙ୍ଗଳବାରଠାରୁ ବିଭିନ୍ନ ପେଟ୍ରୋଲ ପମ୍ ?ରେ ଯାଞ୍ଚ ହେବ ବୋଲି କହିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ପ୍ରଥମ ଦଫାରେ ବିଭିନ୍ନ ପେଟ୍ରୋଲ ପମ୍ପ ଗୁଡିକରେ ଚଢାଉ ହେବ। ଯିଏ ପେଟ୍ରୋଲ ନେବେ ପ୍ଲାଷ୍ଟିକ ବଦଳରେ କାଚ କିମ୍ବା ଟିଣ ବୋତଲରେ ନେଇ ପାରିବେ। ବାହାରେ ବିକ୍ରି କରିବାକୁ ହେଲେ କାଚ ବୋତଲ କିମ୍ବା ଟିଣ ଡବା ବ୍ୟବହାର କରିବାକୁ ପଡିବ। ହେବ ।

# ମୌସୁମୀ ଅଧିବେଶନର ପ୍ରଥମ ଦିନରୁ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ



ନୂଆଦିଲ୍ଲୀ,୨୧/୭ : ସଂସଦର ମୌସୁମୀ ଅଧିବେଶନ ଆଜିଠାରୁ ଆରମ୍ଭ ହୋଇଛି । ଆରମ୍ଭରୁ ସରଗରମ ରହିଛି ଉଭୟ ଲୋକସଭା ଓ ରାଜ୍ୟସଭା । ଉଭୟ ଗୃହ ବାରମ୍ବାର ମୁଲତବୀ ରହିଛି । ପହଲଗାମ୍ ଆତଙ୍କୀ ଆକ୍ରମଣ, ଅପରେସନ ସିନ୍ଦୂର, ଭାରତ- ପାକିସ୍ତାନ ଅସ୍ତ୍ରବିରତି, ଏଥିରେ ପ୍ରମୁଖ ଭୂମିକା ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦାବି, ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ପାଇଁ ବିରୋଧୀ ଦାବି କରିଥିଲେ ।

▶▶ପୃଷ୍ଠା ୭

# ଇଡ଼ିକୁ ପୁଣି ସୁପ୍ରିମକୋର୍ଟଙ୍କ ଭର୍ତ୍ସନା




ନୂଆଦିଲ୍ଲୀ,୨୧/୭ : ସୁପ୍ରିମକୋର୍ଟରେ କର୍ଣ୍ଣାଟକର ବହୁଚର୍ଚ୍ଚିତ ମହୀଶୂର ଅର୍ବାନ ଡେଭଲପମେଣ୍ଟ ଅଥରିଟି ବା ମୁଦା ଦୁର୍ନୀତି ମାମଲାର ଶୁଣାଣି ହୋଇଛି। ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟା ଓ ତାଙ୍କ ପତ୍ନୀ ପାର୍ବତୀଙ୍କୁ ସୁପ୍ରିମକୋର୍ଟ ବଡ଼ ଆଶ୍ୱସ୍ତି ଦେଇଛନ୍ତି । ଅନ୍ୟପଟେ ତଦନ୍ତକାରୀ ସଂସ୍ଥା ଇଡିକୁ କଡ଼ା ଶବ୍ଦରେ ଭର୍ତ୍ସନା କରିଛନ୍ତି ସର୍ବୋଚ୍ଚ ଅଦାଲତ । ପ୍ରଧାନ ବିଚାରପତି ଜଷ୍ଟିସ ବି.ଆର ଗଭାଇ ଓ ଜଷ୍ଟିସ କେ. ବିନୋଦ ଚନ୍ଦ୍ରନଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ରାଜନୈତିକ ଲଢ଼େଇରେ ଇଡିର ଭୂମିକା କ'ଣ ? ଇଡି ନିଜର ଭୂମିକା ଓ ସୀମାକୁ ଜାଣିବା ଜରୁରୀ । ସୀମା ଅତିକ୍ରମ କରିବା ଠିକ୍ ନୁହେଁ । ତଦନ୍ତକାରୀ ସଂସ୍ଥା ପାଇଁ ଗାଇଡଲାଇନ୍ ଆବଶ୍ୟକ । ଇଡିକୁ ରାଜନୈତିକ ଅସ୍ତ୍ରଭାବେ ବ୍ୟବହାର କଲେ ଏହା ଆଇନଗତ ପ୍ରକ୍ରିୟାର ସ୍ୱତନ୍ତ୍ରତାକୁ ପ୍ରଭାବିତ କରିବ । କର୍ଣ୍ଣାଟକର ବହୁଚର୍ଚ୍ଚିତ ମୁଦା ମାମଲା ଓ ଇଡିର ନିରପେକ୍ଷ ତଦନ୍ତ ସପକ୍ଷରେ ସଲିସିଟର ଜେନେରାଲ ଏସ୍.ବି ରାଜୁ ଯୁକ୍ତି ବାଢ଼ିବା ବେଳେ କୋର୍ଟ ଅସନ୍ତୋଷ ପ୍ରକାଶ କରି କହିଥିଲେ, ଇଡି ବିରୋଧରେ ଅଧିକ କଠୋର ଟିପ୍ପଣୀ କରିବାକୁ ବାଧ କରନ୍ତୁ ନାହିଁ । କିଛି ଦିନ ଧରି ତଦନ୍ତକାରୀ ସଂସ୍ଥାର ଭୂମିକା ନେଇ କୋର୍ଟ ଅଗବତ ଅଛନ୍ତି । କର୍ଣ୍ଣାଟକର ବହୁଚର୍ଚ୍ଚିତ ମହୀଶୂର ଅର୍ବାନ ଡେଭଲପମେଣ୍ଟ ଅଥରିଟି ବା ମୁଦା ମାମଲାରେ ଉଭୟ ମୁଖ୍ୟମନ୍ତ୍ରୀ ଓ ପତ୍ନୀଙ୍କ ନାଁରେ ବଡ଼ ଧରଣର ଦୁର୍ନୀତି ମାମଲା ଚାଲିଛି। ହାଇକୋର୍ଟ ଉଭୟଙ୍କ ବିରୋଧରେ ଚାଲିଥିବା ମାମଲା ଉପରେ ଅସ୍ଥାୟୀ ରୋକ୍ ଲଗାଇବା ପରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା ଇଡି । କର୍ଣ୍ଣାଟକ ହାଇକୋର୍ଟ ଅଭିଯୁକ୍ତଙ୍କ ବିରୋଧରେ ଇଡି ଦ୍ୱାରା ଜାରି ସମନକୁ ରଦ୍ଦ କରିଥିଲେ । ଯାହାକୁ ବର୍ତ୍ତମାନ ସୁପ୍ରିମକୋର୍ଟ ସମର୍ଥନ କରିଛନ୍ତି । ସୁପ୍ରିମକୋର୍ଟ କହିଛନ୍ତି, ହାଇକୋର୍ଟଙ୍କ

▶▶ପୃଷ୍ଠା ୭

# ୨୦୦୬ ମୁମ୍ବାଇ ଟ୍ରେନ ବିସ୍ଫୋରଣ ଘଟଣା: ସମସ୍ତ ୧୨ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ



ନୂଆଦିଲ୍ଲୀ,୨୧/୭ : ପୂରା ଦେଶକୁ ଦୋହଲାଇ ଦେଇଥିବା ୨୦୦୬ ମୁମ୍ବାଇ ଟ୍ରେନ ବିସ୍ଫୋରଣ ଘଟଣାରେ ଦୋଷୀ ସାବ୍ୟସ୍ତ ହୋଇଥିବା ସମସ୍ତ ୧୨ ଜଣଙ୍କୁ ଆଜି ବମ୍ବେ ହାଇକୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ମାମଲାର ଶୁଣାଣି ବେଳେ ପ୍ରାଣ ହରାଇ ସାରିଥିଲେ। ଏବେ ବାକି ୧୧ ଜଣ ୧୯ ବର୍ଷ ପରେ ଜେଲ ଦଣ୍ଡରୁ ମୁକ୍ତି ପାଇଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ୧୨ ଜଣଙ୍କ ମଧ୍ୟରୁ ୫ ଜଣଙ୍କୁ ମୃତ୍ୟୁ ଦଣ୍ଡ ମିଳିଥିଲା। ୨୦୦୬ ମୁମ୍ବାଇ ସମେତ ପୂରା ଦେଶକୁ ଦୋହଲାଇ ଦେଇଥିବା ଟ୍ରେନ ବିସ୍ଫୋରଣରେ ୧୮୯ ଜଣଙ୍କ ମୃତ୍ୟୁ ହୋଇଥିଲା ଓ ୮୦୦ରୁ ଅଧିକ ଲୋକ ଆହତ ହୋଇଥିଲେ। ବମ୍ବେ ହାଇକୋର୍ଟର ସ୍ୱତନ୍ତ୍ର ବେଞ୍ଚ ବିଚାରପତି ଜଷ୍ଟିସ ଅନୀଲ କିଲୋର ଓ ଜଷ୍ଟିସ ଶ୍ୟାମ ଚନ୍ଦକ

▶▶ପୃଷ୍ଠା ୭


ସାଗରିକା
ଧ୍ୱନି ପ୍ରତିଧ୍ୱନି
ସ୍ୱନକ୍ଷତ୍ର ଦିବସ ସମାରୋହ-୨୦୨୫

ଅବଗଣନା

୦୫ ଦିନ ବାକି

ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ରାଜ୍ୟର ବିଶିଷ୍ଟ ସାହିତ୍ୟ ସାଧକମାନଙ୍କ ସମାଗମରେ ପ୍ରତିଭା ସମ୍ମାନ ପର୍ବ, ଏବଂ ବହୁ ଆକାଂକ୍ଷିତ 'ଧ୍ୱନିପ୍ରତିଧ୍ୱନି' ଓ 'ସାଗରିକା'ର ସ୍ୱନକ୍ଷତ୍ର ବିଶେଷାଙ୍କ ଉନ୍ମୋଚନ ଓ ସ୍ୱରଚିତ କବିତା ପାଠୋତ୍ସବ କରାଯିବ ।

ସମସ୍ତଙ୍କୁ ସାଦର ଆମନ୍ତ୍ରଣ ।

୨୭ ଜୁଲାଇ, ୨୦୨୫, ରବିବାର ପୂର୍ବାହ୍ନ @ ୯.୩୦ ଘଟିକା
ସ୍ଥାନ : ଭେନିଆ ପାରାଡାଇଜ୍, ବାଲେଶ୍ୱର

# ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା କ୍ରିୟାନୁଷ୍ଠାନ ସମିତି, ବାଲେଶ୍ୱରର ମାସିକ ବୈଠକ



ବାଲେଶ୍ୱର, ୨୧/୦୭ (ନି.ପ୍ର): ସରକାରୀ ମେଡିକାଲ୍ କଲେଜ୍ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି କାର୍ଯ୍ୟାଳୟରେ ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା କ୍ରିୟାନୁଷ୍ଠାନ ସମିତି, ବାଲେଶ୍ୱରର ମାସିକ ବୈଠକ ସମିତିର ସଭାପତି ଡ. କେଶବ ଚରଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି। ଏହି ସଭାରେ ଓଡ଼ିଶାର ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କ ଉପସ୍ଥିତିରେ ବଲାଙ୍ଗିରରେ ଏକ ଜନସଭାରେ ଓଡ଼ିଶା ସରକାରଙ୍କର ବଲାଙ୍ଗିରରେ ଏକ କୃଷି ମହାବିଦ୍ୟାଳୟ ଓ ସୋନପୁରରେ ଏକ ମତ୍ସ୍ୟବିଜ୍ଞାନ ମହାବିଦ୍ୟାଳୟ ଖୋଲିବାର ଯୋଜନା ଅଛି ବୋଲି ଘୋଷଣା କରିଥିଲେ। ଓଡ଼ିଶା ବିଧାନସଭାର ମାନ୍ୟବର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ନୀଳଗିରି ବିଧାୟକ ମାନ୍ୟବର ସନ୍ତୋଷ କୁମାର ଖଟୁଆ, ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତଙ୍କୁ ଏ ସଂପର୍କରେ ଦୃଷ୍ଟି ଆକର୍ଷଣ କରାଇବା ସହ ବାଲେଶ୍ୱରରେ ୨୦୨୨ ମସିହାରୁ ଗଢ଼ା ଯାଇଥିବା ସମିତିର ବାର୍ଷିକ ଅଧିବେଶନରେ ନିଆଯାଇଥିବା ପ୍ରସ୍ତାବ କ୍ରମେ ଆଗାମୀ ମୌସୁମୀ ଅଧିବେଶନରେ ଓଡ଼ିଶା ସରକାରଙ୍କ ପାଖରେ ବାଲେଶ୍ୱରରେ ଏକ ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣାକ୍ଷେତ୍ର ପ୍ରତିଷ୍ଠା ଦାବି ଉପସ୍ଥାପନା କରିବା ପାଇଁ ଅନୁରୋଧ କରାଗଲା। ଏହାସହିତ ବାଲେଶ୍ୱରର ସମସ୍ତ ବିଧାୟକ ମିଳିତ ଭାବେ ଏ ସମ୍ବନ୍ଧରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଅନୁରୋଧ କରାଗଲା। ଏହି ବୈଠକରେ ସାଧାରଣ ସମ୍ପାଦକ ଅଭୟ ଚରଣ ମିଶ୍ରଙ୍କ ସମେତ, ନିରଞ୍ଜନ ପରିଡ଼ା, ଡ. କ୍ଷିତୀଶ୍ୱର ଦାଶ, ହରନାରାୟଣ ମଡୁଆଳ, ଭାସ୍କର ଚନ୍ଦ୍ର ପାଢ଼ୀ, ପ୍ରଫୁଲ୍ଲ କୁମାର ଦାସ, ରବି ପାଣିଗ୍ରାହୀ, ସୁରେନ୍ଦ୍ର ପ୍ରସାଦ ଦିକ୍ଷିତ୍, ରବିନାରାୟଣ ଭୋଳ, ଶ୍ୟାମସୁନ୍ଦର ଜେନା, ଭୂପତି କୁମାର ପାତ୍ର, ସରସ୍ୱତୀ ପଣ୍ଡା, ସଂଯୁକ୍ତା ବେହେରା, ସରୋଜିନୀ ନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଶିଶୁ ସମାଚାରର ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା

ପୁରୀ, ୨୧/୦୭ (ନି.ପ୍ର): ଶିଶୁ ମାନଂକ ମାସିକ ଖବର କାଗଜ ଶିଶୁ ସମାଚାରର ଅଷ୍ଟାଦଶ ସ୍ୱନକ୍ଷତ୍ର ଦିବସ ସମାରୋହ ଆସନ୍ତା ଅଗଷ୍ଟ ୨ ତାରିଖ ପୁରୀ ଟାଉନ ହଲ ରେ ଅନୁଷ୍ଠିତ ହେବ। ତା ପୂର୍ବରୁ ରବିବାର ଦିନ ଦୋଳ ମଣ୍ଡପ ସାହି ୟୁ ପି ସ୍କୁଲ ରେ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗୀତା ରେ ଶତାଧିକ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ। ଶିଶୁ ସମାଚାରର ସମ୍ପାଦକ୍ ସୁକାନ୍ତ ପଣ୍ଡା, ପରିଚାଳନା ମଣ୍ଡଳୀ ସଦସ୍ୟ ଶରତ କୁମାର୍ ରାୟଗୁରୁ, ଉପଦେଷ୍ଟା ଧ୍ରୁବ ଚରଣ କର, ବିଜୟ କୁମାର ପଣ୍ଡା ପ୍ରତିଯୋଗିତାକୁ ଶୁଭାରମ୍ଭ କରି କହିଲେ ଯେ, ପିଲା ମାନଂକ ମଧ୍ୟରେ ପ୍ରତିଭା କୁ ଲୋକ୍ ଲୋଚନ କୁ ଆଣିବା ପାଇଁ ଶିଶୁ ସମାଚାର ତାର ଅହରହ ଚେଷ୍ଟା ଚାଲୁ ରଖିଛି। ଏଥିରେ ଶିକ୍ଷକ ଅଭିଭାବକ ମାନଙ୍କର ସହଯୋଗକୁ ପ୍ରଶଂସା କରିଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ଦୁର୍ଗା ମାଧବ କର, ଚନ୍ଦ୍ର ଶେଖର ମହାରଣା, ସତ୍ୟ ପାଢ଼ୀ, ବିଶ୍ୱନାଥ ପଣ୍ଡା କେଶବ ନାୟକ ଓ ବକ୍ତୃତା ରେ ଶିବ ସୁନ୍ଦର ମିଶ୍ର, ବାସନ୍ତୀ ଦେବୀ, ସଂଘମିତ୍ରା ଦାସ, ସିଦ୍ଧାର୍ଥ ରୟ, ଶୁଭ ନାରାୟଣ ଶତପଥି, ରେଣୁକା ମିଶ୍ର ବିଚାରକ ଭାବେ ଯୋଗ ଦେଇଥିଲେ।

# କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଯାଦବ ସମିତି ପୁର୍ନଃଗଠିତ

ଭବାନୀପାଟଣା, ୨୧/୦୭ (ନି.ପ୍ର):ରବିବାର ନର୍ଲା ବ୍ଲକ ଯାଦବ ସମିତି ପୁନଃଗଠନ ନେଇ ଏକ ସାଧାରଣ ସଭା ସ୍ଥାନୀୟ ଯାଦବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ନର୍ଲା ବ୍ଲକ୍ ଯାଦବ ସମିତି ସଭାପତି ଯୁଧିଷ୍ଠିର ଗଉଡଙ୍କ ଅଧକ୍ଷତାରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ଅଭ୍ୟର୍ଥନା କମିଟି ସଭାପତି ଗିରିଧାରୀ ଗଉଡ ଓ ସାଧାରଣ ସମ୍ପାଦକ ତ୍ରିପୁରା ଗଉଡ, ପର୍ଯ୍ୟବେକ୍ଷକ ଭାବେ ଜିଲ୍ଲା ଅଭ୍ୟର୍ଥନା କମିଟିର ମାଧବ ଲହଜଲ ଓ ଅରଖିତ ଭଇଁସାଲ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ସଭାପତି ନୃପରାଜ ଯାଦବ, ସମ୍ମାନିତ ଅତିଥି ଭାବେ ଭବାନୀପାଟଣା ଯାଦବ ସମିତିର ସତ୍ୟ ନାରାୟଣ ବିଶି ଓ ନଳିନୀକାନ୍ତ ରାଉତ, କେସିଙ୍ଗା ବ୍ଲକ ଯାଦବ ସମିତିର ଜଗନ୍ନାଥ ବାଗ ଓ ମହିପାଳ ନାଏକ, ଧର୍ମଗଡ଼ ଏନଏସି ଯାଦବ ସମିତିର ଅନିରୁଦ୍ଧ ଲହଜାଲ, ଶିକ୍ଷାବିତ ପ୍ରଶୁନ୍ନ କୁମାର ଜାଲ, କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ଉପ ସଭାପତି ଦୁଲ୍ଲଭ ମାହାର, ବରିଷ୍ଠ ଯାଦବ ନେତା ହୃଷିକେଶ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ମଂଚ ପରିଚାଳନା କରିଥିଲେ ଭାଗବତିଆ କବି ମଧୁସୂଦନ ରାଉତ। ଏହି ଅବସରରେ କର୍ମକର୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ନର୍ଲା ବ୍ଲକ ଯାଦବ ସମିତିର ନୂତନ ସଭାପତି ଭାବେ ଲିଙ୍ଗରାଜ କରୁଆଁ, ଉପସଭାପତି ଭାବରେ ଦୁଲ୍ଲଭ ମାହାର, ସୁନୀଲ କୁମାର ଧଙ୍ଗଡାମାଝୀ ଓ ମାର୍କଣ୍ଡ ଜାଲ, ସାଧାରଣ ସମ୍ପାଦକ ଭାବେ ମଧୁସୂଦନ ରାଉତ, ଯୁଗ୍ମ ସମ୍ପାଦକ ଭାବରେ ଅଜିତ କରୁଆଁ, କୋଷାଧକ୍ଷ ଭାବେ ଗିରିଧାରୀ ଗଉଡ, ବ୍ଲକ ଯୁବ ଯାଦବ ସଭାପତି ଭାବେ ପ୍ରଶୁନ୍ନ କୁମାର ଜାଲ ନିର୍ବାଚିତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ୨୫ ଗୋଟି ଆଞ୍ଚଳିକ ଯାଦବ ସମିତିର କର୍ମକର୍ତାଙ୍କ ସମେତ ବହୁ ଯାଦବ ପୁରୁଷ ଓ ମହିଳାମାନେ ଉପସ୍ଥିତ ଥିଲେ।

# ନୃତ୍ୟ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କଲେ ବିଧାୟକ

କେନ୍ଦୁଝର, ୨୧/୦୭ (ନି.ପ୍ର): ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୌଷୟିକ ନୃତ୍ୟ ଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁଯାୟୀ ରବିବାର ଦିନ କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ତୁରୁମୁଙ୍ଗା ଲକ୍ଷ୍ମୀ ମଣ୍ଡପ ପରିସରରେ ବାର୍ଷିକ ନୃତ୍ୟ ଦକ୍ଷତା ବିକାଶ ଓ ନୈବେଦ୍ୟ ଡ୍ୟାନ୍ସ ଏକାଡେମୀର ନୃତ୍ୟ ଗୁରୁ ସିପୁନ କୁମାର ମହାକୁଡ଼ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ସ୍ଥାନୀୟ ସରପଂଚ ସୁଲେଖା ନାଏକ, ଚିତ ରଂଜନ ନାଏକ, ବ୍ରଜେଶ୍ୱର ମହାନ୍ତ, ସାମ୍ବାଦିକ ସନ୍ତୋଷ କୁମାର ପତି, ବିଜୟ କୁମାର ମହାନ୍ତ ଦଶରଥ ବାରିକଙ୍କୁ ନୈବେଦ୍ୟ ଡ୍ୟାନ୍ସ ଏକାଡେମୀ କମିଟି ତରଫରୁ ଉତ୍ତରୀୟ ଦେଇ ସଂମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଦକ୍ଷତା ବିକାଶର ବାର୍ଷିକ ନୃତ୍ୟ ଶିକ୍ଷା ଛାତ୍ର ଛାତ୍ରୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଓଡ଼ିଶୀ ନୃତ୍ୟର ଶିକ୍ଷା ଦେବା ସହ କିଭଳି ଛାତ୍ର ଛାତ୍ରୀ ମାନଙ୍କୁ ଦକ୍ଷତା ନୃତ୍ୟ ଶିକ୍ଷା ଅର୍ଜନ କରାଇ, ସେମାନେ ଯେଭଳି ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବନଶୀଳ ହେବେ ତା ଉପରେ ଅତିଥିମାନେ ମତପ୍ରକାଶ କରିଥିଲେ। ଶେଷରେ ଓଡିଶୀ ନୃତ୍ୟ ପରିବେଷଣରେ ଉତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀଙ୍କୁ ବିଧାୟକ ମାନପତ୍ର ପ୍ରଧାନ କରିଥିଲେ। କମିଟିର ଶୁଚିସ୍ମିତା ନାୟକ, ବେବି ରାଣୀ ମହାନ୍ତ, ତୋପସିନୀ ପାତ୍ର,ଭବାନୀ ମହାନ୍ତ,ରଶ୍ମି ରେଖା ସାହୁ, ଜ୍ୟୋସ୍ନାମୟୀ ସାହୁ ପ୍ରମୁଖଙ୍କ ସହଯୋଗ କରିଥିଲେ। ଶେଷରେ ନୃତ୍ୟ ଗୁରୁ ସିପୁନ ମହାକୁଡ଼ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଚାରା ବାଂଟିଲେ ରୋଟାରୀ କ୍ଲବ

କେନ୍ଦୁଝର, ୨୧/୦୭ (ନି.ପ୍ର): ରୋଟାରି କ୍ଲବ କେନ୍ଦୁଝର ଦ୍ୱାରା ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ଜନତାଙ୍କୁ ମୂଲ୍ୟବାନ ବୃକ୍ଷ ଚାରା ରୋଟାରୀ କ୍ଲବ୍ ଦ୍ୱାରା ବଣ୍ଟା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡିଏଫଓ ଯୋଗ ଦେଇ ଚାରା ବାଣ୍ଟିଥିବା ବେଳେ ବହୁ ସଦସ୍ୟ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ଗୋଟିଏ ବୃକ୍ଷ ଗୋଟିଏ ଜୀବନର ସନ୍ଦେଶ ଦେଇଛି ରୋଟାରି କ୍ଲବ।

# ରାଉରକେଲା ଇସ୍ପାତ କାରଖାନା ଅଧିନସ୍ଥ ଇସ୍ପାତ ଇଂଲିସ ମିଡିୟମ ବିଦ୍ୟାଳୟରେ ଡେଙ୍ଗୁ ପ୍ରତିରୋଧ ଉପରେ ଏକ ସଚେତନଭିତ୍ତିକ ଅଧିବେଶନ ଅନୁଷ୍ଠିତ




ରାଉରକେଲା, ୨୧/୦୭ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନାର ଟାଉନ୍ ଇଞ୍ଜିନିୟରିଂ ବିଭାଗର ଜନସ୍ୱାସ୍ଥ୍ୟ ୟୁନିଟ୍ ଦ୍ୱାରା ଜୁଲାଇ ୧୯ ତାରିଖରେ ସେକ୍ଟର-୨୦ସ୍ଥିତ ଇସ୍ପାତ ଇଂଲିସ ମିଡିୟମ ବିଦ୍ୟାଳୟରେ ଡେଙ୍ଗୁ ପ୍ରତିରୋଧ ଏବଂ ନିୟନ୍ତ୍ରଣ ଉପରେ ଏକ ସଚେତନଭିତ୍ତିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଏହି ଅଧିବେଶନରେ ଟାଉନ୍ ଇଞ୍ଜିନିୟରିଂ-ଜନ ସ୍ୱାସ୍ଥ୍ୟ ବିଭାଗର ଉପ-ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ଦୀପା ଲାଭାଙ୍ଗରେ ନେତୃତ୍ୱ ନେବା ସହିତ ଡେଙ୍ଗୁ ସମ୍ବନ୍ଧୀୟ କାରଣ ଏବଂ ଏହାର ଲକ୍ଷଣ ସହିତ ପ୍ରତିରୋଧମୂଳକ ପଦକ୍ଷେପ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିଥିଲେ।

ଏହି ଅଧିବେଶନରେ ପ୍ରାୟ ୨୦୦ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସେମାନଙ୍କୁ ସ୍ୱଚ୍ଛତା ବଜାୟ ରଖିବା, ମଶା ପ୍ରଜନନ ସ୍ଥାନ ଚିହ୍ନଟ କରିବା ଏବଂ ରୋଗ ବ୍ୟାପିବାରୁ ରୋକିବା ପାଇଁ ସହଜ ଏବଂ ପ୍ରଭାବଶାଳୀ ଉପାୟ ସହ ଅଭ୍ୟସ୍ତ କରିବା ଏହି ଅଧିବେଶନର ଲକ୍ଷ୍ୟ ଥିଲା । ଡକ୍ଟର ଲାଭାଙ୍ଗରେ ‘ଚିକିତ୍ସା ଅପେକ୍ଷା ପ୍ରତିରୋଧ ଉତ୍ତମ’ ଏହି ପୁରୁଣା ଉକ୍ତିର ଗୁରୁତ୍ୱାରୋପ କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ପରିବେଶରେ ସତର୍କ ଏବଂ ଦାୟିତ୍ୱବାନ ହେବାକୁ ଉତ୍ସାହିତ କରିଥିଲେ। ଡକ୍ଟର ଲାଭାଙ୍ଗରେ ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ଏବଂ ସମୟୋଚିତ ଚିକିତ୍ସା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜନ ସ୍ୱାସ୍ଥ୍ୟ ବିଭାଗର ସହାୟକ ପରିଚାଳକ ଶ୍ରୀ. ରସାନନ୍ଦ ପ୍ରଧାନ ସଂଯୋଜନା କରିଥିଲେ।

ଉଲ୍ଲେଖଯୋଗ୍ୟ ଯେ, ଜନ ସ୍ୱାସ୍ଥ୍ୟ ବିଭାଗ ଇସ୍ପାତ ସହରାଞ୍ଚଳ ରେ ଡେଙ୍ଗୁ ନିରାକରଣ ଉପରେ ଏକ ବ୍ୟାପକ ସଚେତନତା ଅଭିଯାନ ଚଳାଇଛି। ଆରଏସପି ତରଫରୁ ୨୧ ଜଣିଆ ଡେଙ୍ଗୁ ତାଲିମପ୍ରାପ୍ତ ବ୍ୟକ୍ତିଙ୍କ ଏକ ଉତ୍ସର୍ଗୀକୃତ ଦଳ ଘରକୁ ଘର ବୁଲି ସଚେତନତା ଅଭିଯାନ ଚଳାଇବାକୁ ନିୟୋଜିତ ହୋଇଛନ୍ତି ଯେଉଁମାନେ ଏପର୍ଯ୍ୟନ୍ତ ପ୍ରାୟ ୭୦୦୦ କ୍ୱାର୍ଟରରେ ସର୍ବେକ୍ଷଣ କରିସାରିଛନ୍ତି। ମଶା ପ୍ରଜନନ ସ୍ଥାନ ନିୟନ୍ତ୍ରଣ କରିବା ପାଇଁ ପାଣି ଜମୁଥିବା ସ୍ଥାନରେ ଲାର୍ଭା ପ୍ରତିରୋଧୀ ଚିକିତ୍ସା ସହ ଘର ଭିତରେ ଔଷଧ ଛିଞ୍ଚନ କାର୍ଯ୍ୟ ମଧ୍ୟ କରାଯାଉଛି। ଏଥିସହିତ ମଶା ପ୍ରଜନନ ସ୍ଥାନ କୁ ନଷ୍ଟ କରିବା ସହିତ କେତେକ ସ୍ଥାନରେ ବୁଦା ସଫା କରିବା ଅଭିଯାନ ଆରମ୍ଭ କରାଯାଇଛି।

# ସାହାଣୀ କପ ଫୁଟବଲ ଟୁର୍ନାମେଂଟ ପଂଚମ ଦିବସ : ଅନୁଗୋଳ ବିଜୟୀ

କେନ୍ଦୁଝର, ୨୧/୦୭ (ନି.ପ୍ର): କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଏବଂ ଫୁଟବଲ ଆସୋସିଏସନ ଅଫ ଓଡିଶା, ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ସହାୟତାରେ କେନ୍ଦୁଝର ଷ୍ଟାଡିୟମ ପଡିଆ ଠାରେ ଆଜି ୬୪ତମ ସାହାଣୀ କପ ସିନିଅର ଆନ୍ତଃ ଜିଲ୍ଲା ପୁରୁଷ ଫୁଟବଲ ଟୁର୍ନାମେଂଟର ପଂଚମ ଦିବସର ଖେଳ ଅନୁଷ୍ଠିତ ହୋଇଯାଇଛି । ଲିଗ୍ କମ୍ ନକ ଆଉଟ ପଦ୍ଧତିରେ ଅନୁଷ୍ଠିତ ଆଜିର ଏକ ତୀବ୍ର ପ୍ରତିଦ୍ୱନ୍ଦୀତା ଏବଂ ସଂଘର୍ଷପୂର୍ଣ୍ଣ ଏହି ପ୍ରଥମ ଖେଳରେ ଅନୁଗୋଳ ଜିଲ୍ଲା ଯାଜପୁର ଜିଲ୍ଲା ବିପକ୍ଷରେ ୪-୩ ଗୋଲରେ ଗୋଲରେ ଏକ କଷ୍ଟଲବ୍ଧ ବିଜୟ ଲାଭ କରି ପୁରା ପଏଂଟ ହାସଲ କରିଛି । ପ୍ରଥମାର୍ଦ୍ଧ ଖେଳର ୩୬ତମ ମିନିଟରେ ଯାଜପୁରର ଜର୍ସି ନମ୍ବର ୧୧ ରାଜ କୁମାର ମାରାଣ୍ଡି ଏକ ଦର୍ଶନୀୟ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ । ପ୍ରଥମକ୍ଷର୍ଦ୍ଧ ଖେଳରେ ୧-୦ ଗୋଲରେ ପଛୁଆ ରହିବା ପରେ ଅନୁଗୋଳ ଦ୍ୱିତୀୟକ୍ଷର୍ଦ୍ଧରେ ପରସ୍ପର ମଧ୍ୟରେ ବୁଝାମଣା ରକ୍ଷା କରି ପ୍ରତିପକ୍ଷ ଗୋଲ ଉପରେ ଘନ ଘନ ଆକ୍ରମଣ କରି ପ୍ରତିପକ୍ଷ ରକ୍ଷଣ ଭାଗକୁ ବ୍ୟତିବ୍ୟସ୍ତ କରି ଦେଇଥିଲା ଏବଂ ଦ୍ୱିତୀୟାର୍ଦ୍ଧର ୫୨ତମ ମିନିଟରେ ଏବଂ ୬୦ତମ ମିନିଟରେ ଅନୁଗୋଳର ମିଡ଼ ଫିଲଡର ଫାତୁ ମୁର୍ମୁ ଲଗାତାର ଦୁଇଟି ଗୋଲ ସ୍କୋର କରି ଦଳକୁ ୨-୧ ଗୋଲରେ ଅଗ୍ରଣୀ କରାଇଥିଲେ । ମାତ୍ର ୬୨ତମ ମିନିଟରେ ଯାଜପୁରର ଲେଫ୍ଟ ଉଇଙ୍ଗର ଭାଦୁ ମୁର୍ମୁ ଏକ ଗୋଲ ସ୍କୋର କରି ଖେଳକୁ ସମାନ ସ୍ତରକୁ ଆଣିଥିବା ବେଳେ ୬୯ତମ ମିନିଟରେ ଭଞ୍ଜ ହାଁସଦା ଅନ୍ୟ ଏକ ଦର୍ଶନୀୟ ଗୋଲ ଜରିଆରେ ଯାଜପୁରକୁ ୩-୨ ଗୋଲରେ ଅଗ୍ରଣୀ କରାଇଥିଲେ। କିନ୍ତୁ ଅନୁଗୋଳର ରାଇଟ ଉଇଙ୍ଗର ପ୍ରଶାନ୍ତ ବାରୀ ୭୦ତମ ମିନିଟରେ ଓ ୭୬ତମ ମିନିଟରେ କ୍ରମାଗତ ଦୁଇଟି ଗୋଲ ସ୍କୋର କରି ଦଳକୁ ବିଜୟୀ କରାଇବାରେ ମୁଖ୍ୟ ପୁରୋଧା ସାଜିଥିଲେ । ଆଜି ଅନୁଷ୍ଠିତ ଦ୍ୱିତୀୟ ଖେଳ ମଧ ସଂଘର୍ଷପୂର୍ଣ୍ଣ ତଥା ଉତେଜନାପୂର୍ଣ୍ଣ ବାତାବରଣ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ଖେଳରେ ରାଉରକେଲା ଷ୍ଟିଲ ପ୍ଲାଂଟ ଘରୋଇ କେନ୍ଦୁଝର ବିପକ୍ଷରେ ୧-୦ ଗୋଲରେ ବିଜୟୀ ହୋଇ ୩ଟି ମ୍ୟାଚରୁ ସମୁଦାୟ ୯ ପଏଂଟ ହାସଲ କରି ପ୍ରଥମ ଦଳ ଭାବେ ଗ୍ରୁପ ’ବି ’ ରୁ ଜୋନାଲ ଫାଇନାଲ ଖେଳିବାର ଯୋଗ୍ୟତା ହାସଲ କରିଛି । ଖେଳ ଆରମ୍ଭ ହେବା ପୂର୍ବରୁ ଆଜିର ମୁଖ୍ୟଅତିଥି ବରିଷ୍ଠ ଆଇନଜୀବୀ ତଥା କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ସଦସ୍ୟ ଗୋପାଳକ୍ରିଷ୍ଣା ପରିଡା ଏବଂ ଚତୁର୍ଭୁଜ ହୋତାଙ୍କ ସହ ଖେଳାଳି ମାନଙ୍କୁ ପରିଚିତ କରାଇ ଦିଆଯାଇଥିଲା । ଆଜିର ଏହି ଖେଳରେ ଜିଲ୍ଲା କ୍ରୀଡା ସଂସ୍ଥା ଉପ ସଭାପତି ସୁରେଶ ଚନ୍ଦ୍ର ପଟ୍ଟନାୟକ,ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ରବୀନ୍ଦ୍ର ପାଢ଼ୀ, କୋଷାଧକ୍ଷ ସରୋଜ ରଣା, କାଉନସିଲ ସଦସ୍ୟ , ରାଜକୁମାର ମିଶ୍ର,ସୁରେଶ ରଣା, ଗିରୀଶ ଚନ୍ଦ୍ର ହୋତା, ପ୍ରଶାନ୍ତ ସାହୁ, ଦିଲ୍ଲୀପ କୁମାର ପଣ୍ଡା ଏବଂ ବୀରେନ୍ଦ୍ର ମହାନ୍ତ ପ୍ରମୁଖ ମଂଚାସିନ ହୋଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଆଜି ଅନୁଷ୍ଠିତ ପ୍ରଥମ ଖେଳରେ ଶୁଭମ ପାତ୍ର ରେଫରୀ ଦାୟିତ୍ୱ ତୁଲାଇ ଥିବା ବେଳେ ଲାଇନରେ ମହେଶ ପ୍ରଧାନ ଓ ରତ୍ନାକର ସୋରେନ ସହାୟତା କରିଥିଲେ । ଚତୁର୍ଥ ରେଫରୀ ଥିଲେ ଚକ୍ରଧର ଚାଟକ୍ଷର । ଫୁଟବଲ ଆସୋସିଏସନ ଅଫ ଓଡିଶା ପକ୍ଷରୁ ଫାଓର ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡେଇ କେନ୍ଦୁଝର ଜୋନ ପାଇଁ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିବା ବେଳେ ସଞ୍ଜୟ କୁମାର ନାଏକ, କରୁଣାକର ବେହେରା ଓ ସନ୍ତୋଷ ମହାରଣା ଚୟନକର୍ତା ଭାବେ ସୁରେଶ କୁମାର ଦାଶ ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ । ଏହି ପ୍ରତିଯୋଗିତାରେ ଭାଷ୍ୟକାର ପ୍ରେମାନନ୍ଦ ମହାନ୍ତ ଧାରବିବରଣୀ ପ୍ରଦାନ କରିବା ସହ ଉପସ୍ଥିତ ଦର୍ଶକ ମାନଙ୍କୁ ବିମୋହିତ କରିଥିଲେ ।

## କଇଁ ଫୁଲ ତୋଳିବାକୁ ଯାଇ ଟିକରପଡା ବନ୍ଧରେ ବୃଦ୍ଧ ମୃତ

କେନ୍ଦୁଝର, ୨୧/୦୭ (ନି.ପ୍ର): ସଦର ଥାନା ଅନ୍ତର୍ଗତ ମହାଦେଇଯୋଡା ପଞ୍ଚାୟତ ଟିକରପଡା ବଡ଼ବନ୍ଧରେ ବୁଡି ବୃଦ୍ଧ ମୃତ୍ୟୁ ବରଣ କରିଥିବା ଜଣାପଡିଛି। ଉକ୍ତ ବୃଦ୍ଧ ଜଣକ ସ୍ଥାନୀୟ ମଦରଙ୍ଗାଯୋଡି ଅଞ୍ଚଳର ଦିନୁ ମହାନ୍ତ ବୋଲି ଜଣାପଡିଛି। ପ୍ରକାଶ ଯେ ଦିନୁ ବନ୍ଧରେ କଇଁ ଫୁଲ ତୋଳିବାକୁ ଯାଇ ଅକାତକାତ ପାଣି ଭିତରେ ବୁଡ଼ି ଯାଇଥିଲେ । ସ୍ଥାନୀୟ ଯୁବକ ମାନେ ଅନେକ ଚେଷ୍ଟା ସତ୍ତ୍ୱେ ପ୍ରବଳ ଦଳ ରହିଥିବାରୁ ତାଙ୍କୁ ଉଦ୍ଧାର କରିବାକୁ ସକ୍ଷମ ହୋଇ ପାରିନଥିବା ବେଳେ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ବୃଦ୍ଧଙ୍କୁ ଉଧାର କରିଥିବା ବେଳେ ସଦର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ରଥଯାତ୍ରା ବିଭ୍ରାଟକୁ ନେଇ ପରିଚାଳନା ସମିତିର ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା, ୨୧/୦୭ (ନି.ପ୍ର): ତୁଳସୀ କ୍ଷେତ୍ରାଧିପତି ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ଚଳିତ ବର୍ଷର ଶ୍ରୀ ଗୁଣ୍ଡିଚା ଓ ବାହୁଡା ରଥଯାତ୍ରା ରେ ଚରମ ବିଶୃଙ୍ଖଳା ଓ ରଥ ବାରମ୍ବାର ବାମ ମୋଡ ନେବା ଘଟଣାକୁ ନଇ ପରିଚଳନା ସମିତିର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ପରିଚଳନା ସମିତିର ସଭାପତି ତଥା ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତଥା ଟ୍ରଷ୍ଟ ସଦସ୍ୟ ନବକୃଷ୍ଣ ଜେନା, ଏସଡିପିଓ ଜ୍ୟୋତି ରଂଜନ ଗୌଡ, ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ପୂର୍ବତନ ପୌରପାଳ ତଥା ଟ୍ରଷ୍ଟି ଧିରେନ ସାହୁ, ପଣ୍ଡିତ ହୃଷିକେଶ ରଥ, ନୃସିଂହ ପ୍ରସାଦ ପତ୍ରୀ, ପୌରସଂସ୍ଥା ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି, ବଡପଣ୍ଡା ମାଧବ ଚନ୍ଦ୍ର ପତ୍ରୀ, ରଥ ନିର୍ମାଣ ଦାୟିତ୍ୱ ରେ ଥିବା ବିଶ୍ୱକର୍ମା ମହାରଣା ପ୍ରମୁଖ ବୈଠକରେ ଉପସ୍ଥିତ ରହି ବିଭ୍ରାଟ ଓ ବିଳମ୍ବ ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲେଚନା କରିଥିଲେ । କେନ୍ଦ୍ରାପଡା ର ପରମ୍ପରା ଅନୁଯାଇ ଶ୍ରୀ ଗୁଣ୍ଡିଚା ଦୁଇ ଦିନ ଓ ବାହୁଡା ଦୁଇ ଦିନରେ ରଥ ଟଣା ଶେଷ ହେଉଥିବା ବେଳେ ଚଳିତ ବର୍ଷ ଚାରି ଚାରି ଦିନ ରଥ ଟଣା ଲାଗି ରହିବାରୁ ଶ୍ରଦ୍ଧାଳୁ ଭକ୍ତ ଓ ଜନ ସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଆଗକୁ ଯେପରି ଏଭଳି ବିଭ୍ରାଟ ନହୁଏ ସେଥିପାଇଁ ରଥ ନିର୍ମାଣ ଠାରୁ ରଥ ଟଣା ହେବା ପର୍ଯ୍ୟନ୍ତ ସ୍ୱତନ୍ତ୍ର ଭାବରେ ଦୃଷ୍ଟି ଦେବାକୁ ବୈଠକରେ ନିଷ୍ପତି ନିଆଯାଇଛି । ରଥଯାତ୍ରା ପରିଚାଳନା ପାଇଁ ଗୋଟିଏ କମିଟି ଓ ରଥ ନିର୍ମାଣ ତଦାରଖ ପାଇଁ ଅନ୍ୟ ଏକ କମିଟି ଗଠନ କରାଯାଇ ଅଭିଜ୍ଞ ବ୍ୟକ୍ତିମାନଙ୍କ ମାଧମରେ କାର୍ଯ୍ୟ ସଂପାଦନ କରାଯିବ ବୋଲି ନିଷ୍ପତି ନିଆଯାଇଛି । ଏହାସହିତ ପୁରୀ ରଥ ନିର୍ମାଣରେ ମୁଖ୍ୟ ଭୂମିକା ନିର୍ବାହ କରୁଥିବା ଭୋଇ ସେବକ ମାନଙ୍କ ମଧ୍ୟରୁ ୨ ଜଣ ଅଭିଜ୍ଞ ସେବକଙ୍କୁ ରଥ ନିର୍ମାଣ ସମୟରେ ଡକାଇ ସେମାନଙ୍କ ତତ୍ତ୍ୱାବଧାନରେ ରଥ ନିର୍ମାଣରେ ରହୁଥିବା ତ୍ରୁଟି ସଂଶୋଧନ କରାଯିବ । ଅପର ପକ୍ଷରେ ପୁରୀ ରଥରେ ଲାଗୁଥିବା ନେ ପୁଲି ବ୍ୟବସ୍ଥା ଭ୍ରହ୍ମ ତାଳଧ୍ୱଜ ରଥରେବ୍ୟବହାର କରାଯିବାକୁ ନିଷ୍ପତି ନିଆଯାଇଛି । ରଥ ନିର୍ମାଣରେ ଆଇଟିଆଇ ସଂସ୍ଥାର ଅଭିଜ୍ଞ ଟେକନିସିଆନମାନଙ୍କ ସହାୟତା ନିଆଯାଇ ଆଗକୁ ଯେପରି ନିର୍ମାଣ ଜନିତ ତ୍ରୁଟି ନରହେ ତାହାର ତଦାରଖ କରାଯିବ ବୋଲି ନଷ୍ପତି ନିଆଯାଇଛି । ଅସନ୍ତା ବର୍ଷ ଠାରୁ ରଥଯାତ୍ରା କୁ ସୁରୁଖୁରୁରେ କରିବା ପାଇଁ ବୈଠକରେ ଗୁରୁତ୍ୱ ଦିଆଯାଇଥିବା ଜଣାପଡିଛି।

# ଜାରକା ରୋଟାରୀ ଓ ଇନରହୁଇଲ କ୍ଲବର ଅଧିଷ୍ଠାନ ଉତ୍ସବ

ଧର୍ମଶାଳା, ୨୧/୦୭ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ଜାରକା ଷ୍ଟାଡିୟମ ପରିସରରେ ରୋଟାରୀ ଓ ଇନରହୁଇଲ କ୍ଲବ ଜରକାର ମିଳିତ ଭାବେ ଅଧିଷ୍ଠାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ ପ୍ରଦ୍ୱୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ଗଭର୍ଣ୍ଣର ରୋଟାରୀଆନ ମନୋଜ କୁମାର ତ୍ରିପାଠୀ, ଜିଲ୍ଲା ଅଧକ୍ଷା ମଧୁସ୍ମିତା ତ୍ରିପାଠୀ ଯୋଗଦେଇ ନିସ୍ୱାର୍ଥପର ସେବା କରିବାକୁ ରୋଟାରୀ ଓ ଇନରହୁଇଲ ସଦସ୍ୟମାନଙ୍କୁ ପରାମର୍ଶ ଦେଇଥିଲେ । ଉକ୍ତ ଅଧିଷ୍ଠାନ ଉତ୍ସବରେ ଜାରକା ରୋଟାରୀ କ୍ଲବର ପୁର୍ବତନ ସଭାପତି ଆଇନଜିବୀ ରାଜେନ୍ଦ୍ର ପଲେଇ ଓ ସମ୍ପାଦକ ଜୟ ପ୍ରକାଶ ତ୍ରିପାଠୀଙ୍କ ଠାରୁ ନବନିର୍ବାଚିତ ସଭାପତି ସୁକାନ୍ତ କୁମାର ସ୍ୱାଇଁ ଓ ସମ୍ପାଦକ ରୋଟାରୀଆନ ଦୀପକ ଜେନା ୨୦୨୫/୨୬ ପାଇଁ ଦାୟିତ୍ୱ ଗ୍ରହଣ କରିଥିଲେ । ସେହିପରି ଜାରକା ଇନରହୁଇଲର ପୁର୍ବତନ ସଭାପତି ରଶ୍ମିତା ନାୟକ ଓ ସମ୍ପାଦକ ଲୋପାମୁଦ୍ରା ଷେଣ୍ଢ ୨୦୨୫/୨୬ ବର୍ଷ ପାଇଁ ନିବନିର୍ବାଚିତ ସଭାପତି ଲୋପାମୁଦ୍ରା ଷେଣ୍ଢ ଓ ସମ୍ପାଦକ ପ୍ରଭାତ ନଳିନୀ ସାହୁଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ । ଏହି ଅଧିଷ୍ଠାନ ଉତ୍ସବରେ ରୋଟାରୀଆନ ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ ସ୍ୱାଗତ କରିଥିବା ବେଳେ ରୋଟାରିଆନ ବିନୋଦ ପରିଡା ମଂଚ ପରିଚାଳନା କରିଥିଲେ । ଏହି ଅବସରରେ ପୂର୍ବତନ ଇନରହୁଇଲ ସଭାନେତ୍ରୀ ମିନତୀ ସାହୁ, ସଦସ୍ୟା ଅର୍ଚ୍ଚନା ସ୍ୱାଇଁ ଓ ବିଶ୍ୱାମିତ୍ରା ସାହୁ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ ।

ଏହି କାର୍ଯ୍ୟକ୍ରମରେ ରୋଟାରୀଆନ ପ୍ରଦୀପ୍ତ କୁମାର ବରାଳ, ଇଂ ବିପିନ ଷଡ଼ଙ୍ଗୀ, ହରିହର ପଣ୍ଡା, ଅଜାମ୍ବର ସାହୁ, ପ୍ରଶାନ୍ତ ପୃଷ୍ଟି, ଜୟପ୍ରକାଶ ତ୍ରିପାଠୀ, କଳାକର ମହାନ୍ତି, କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ, ପ୍ରମୋଦ ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ସମ୍ବଲପୁର ନାଟ୍ୟକଳା ପରିଷଦ ନିର୍ବାଚନରେ ଡ଼. ମେହେର ନୂଆ ସଭାପତି

ସମ୍ବଲପୁର, ୨୧/୦୭ (ନି.ପ୍ର): ସମ୍ବଲପୁର ନାଟ୍ୟକଳା ପରିଷଦର ନିର୍ବାଚନ ବରିଷ୍ଠ ସଦସ୍ୟ ନାଟ୍ୟବିତ ଭବାନୀ ଶଙ୍କର ଦାଶଙ୍କ ପରିଚାଳନା ଓ ସଦସ୍ୟ ଅଶୋକ କୁମାର ମିଶ୍ରଙ୍କ ସହଯୋଗୀତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଡ. ସୁରୁବାବୁ ମେହେର ସଭାପତି, ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ ଉପ ସଭାପତି, ଡ.ସିଦ୍ଧାର୍ଥ ପଣ୍ଡା ସମ୍ପାଦକ, ବିରୂପାକ୍ଷ ପ୍ରଧାନ ସହ ସମ୍ପାଦକ ଓ ପୂର୍ଣ୍ଣଚନ୍ଦ୍ର ଦାଶ କୋଷାଧ୍ୟକ୍ଷ ଭାବରେ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ଗୋରେଖଲାଲ ଦାସ, ପ୍ରଶାନ୍ତ ମହାରଣା, ଦୀନବନ୍ଧୁ ପଣ୍ଡା, ଶିରୀଷ ପୂଜାରୀ, ଯୋଗେଶ କୁମାର ନନ୍ଦ,ତାପସ ରଞ୍ଜନ ସାହୁ ଓ ଗାୟତ୍ରୀ ବହିଦାର ନିର୍ବାଚିତ ହୋଇଥିଲେ।

# ସହାୟତାର ହାତ ବଢ଼ାଇଲା ଭରସା ପରିବାର

ଚମ୍ପୁଆ, ୨୧/୦୭ (ନି.ପ୍ର): ଶୁଦ୍ଧିକ୍ରିୟା ପାଇଁ ଅସହାୟ ପରିବାରକୁ ସହାୟତାର ହାତ ବଢାଇଲା ଭରସା ପରିବାର ଟ୍ରଷ୍ଟ । ମୟୁରଭଞ୍ଜ ଜିଲ୍ଲା ଶୁକ୍ରୁଳି ବ୍ଲକ ଅନ୍ତର୍ଗତ ଅର୍ଜ୍ଜୁନବିଲା ଗ୍ରାମର ନନ୍ଦ ମୁଣ୍ଡାଙ୍କ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବା ବେଳେ ପରିବାରର ସେ ଏକ ମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତେବେ ପାରାଲିସିସ ରୋଗରେ ପୀଡିତ ହୋଇ ନନ୍ଦଙ୍କ ମୃତ୍ୟୁ ଘଟିବା ପରେ ପରିବାରର ମେରୁଦଣ୍ଡ ଦୋହଲି ଯାଇଥିଲା। ମୃତ୍ୟୁ ପରେ ତାଙ୍କର ଶୁଦ୍ଧିକ୍ରିୟା କରିବାକୁ ମଧ ପରିବାରଲୋକେ ଅସମର୍ଥ ହୋଇ ପଡିଥିଲେ। ଏହି ଘଟଣା ଭରସା ପରିବାରର ଚମ୍ପୁଆ ସଦସ୍ୟଙ୍କ ଦୃଷ୍ଟିଗୋଚର ହେବା ପରେ ଭରସା ପରିବାରର ଉପଦେଷ୍ଟା ଦୁଷ୍ମନ୍ତ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଚମ୍ପୁଆ ବ୍ଲକ ସଭାପତି ରଶ୍ମିରେଖା ମହାକୁଡ଼, ରକ୍ତ ସଂଯୋଜକ ଦିଲ୍ଲୀପ ମୁଣ୍ଡାଙ୍କ ସମେତ ସଦସ୍ୟ ଶରତ ଖିଲାର, ବାପୁନ୍ ମହାନ୍ତ, ପ୍ରଦୀପ ମୁଣ୍ଡା, ଦୀପକ ନାଏକ, ଅସିତ୍ ମହାକୁଡ଼, ଚିନ୍ମୟ ମଲିକ, କୀର୍ତନ ମୁଣ୍ଡା, ବିକାଶ ଓରାମ, ଶିବଚରଣ ଓରାମ, ସରେନ ମୁଣ୍ଡା, ଗଗନ ମହାନ୍ତ, ତପନ କୁମାର ବେହେରା, ହରିଚରଣ ଓରାମ, ହୃଦାନନ୍ଦ ପ୍ରଧାନ, ହୃଷିକେଶ ବାରିକ, କୀର୍ତନ ମୁଣ୍ଡା ଓ ଦେବାଶିଷ ଗିରି ପ୍ରମୁଖ ମୃତ ନନ୍ଦ ମୁଣ୍ଡାଙ୍କ ଅର୍ଜ୍ଜୁନବିଲା ସ୍ଥିତ ଘରେ ପହଂଚି ତାଙ୍କ ସ୍ତ୍ରୀଙ୍କୁ ଶୁଦ୍ଧିକ୍ରିୟା ପାଇଁ ଆବଶ୍ୟକ ସାମଗ୍ରୀ ସହାୟତା ପ୍ରଦାନ କରିଥିଲେ। ତା ସହିତ ସ୍ଥାନୀୟ ସରପଂଚ ଲକ୍ଷ୍ମୀପ୍ରିୟା ମୁଣ୍ଡାଙ୍କୁ ଯୋଗାଯୋଗ କରି ହରିଶ୍ଚନ୍ଦ୍ର ଭତା ପ୍ରଦାନ କରାଇବାର ବ୍ୟବସ୍ଥା କରିଥିଲେ।

# ପିଲାଙ୍କୁ ଶିଖାନ୍ତୁ ଉତ୍ତମ ବ୍ୟବହାର

## ପିଲାଙ୍କୁ ଉତ୍ତମ ବ୍ୟବହାର ଶିଖାଇବା ଅଭିଭାବକଙ୍କର ପ୍ରଥମ କର୍ତ୍ତବ୍ୟ। ଏ ସମ୍ପର୍କରେ ଜାଣନ୍ତୁ କିଛି ଟିପ୍ସ।



-ପିଲାଙ୍କୁ ଉତ୍ତମ ବ୍ୟବହାର ବିଷୟରେ ଶିକ୍ଷା ଦେବା ପୂର୍ବରୁ ପ୍ରଥମେ ନିଜର ବ୍ୟବହାର ଠିକ୍ ରଖନ୍ତୁ। ଗୁରୁଜନଙ୍କୁ ସମ୍ମାନ ଦେବାକୁ ପିଲାଙ୍କୁ କୁହନ୍ତୁ।

- ନିଜର ବ୍ୟବହାର କିପରି ସବୁବେଳେ ମାର୍ଜିତ ହେବ ସେ ନେଇ ପ୍ରଥମେ ଧ୍ୟାନ ଦିଅନ୍ତୁ। ଏ ବିଷୟରେ ପିଲାଙ୍କୁ ଶିଖାଇବା ଦ୍ୱାରା ସେମାନଙ୍କର ଆଚାର ବ୍ୟବହାରରେ ପରିବର୍ତ୍ତନ ଆସିଥାଏ।



- ବେଳେବେଳେ ପିଲାଙ୍କୁ ଶାସନ କଲାବେଳେ ଅଭିଭାବକମାନେ ଅତ୍ୟଧିକ ରାଗି ଯାଆନ୍ତି। ଏହି ସମୟରେ ପିଲାମାନଙ୍କୁ ଆମେ ବଡ଼ ପାଟିରେ ତାଗିଦ୍ କରିଥାଉ। ପରବର୍ତ୍ତୀ ସମୟରେ ପିଲାମାନେ ଠିକ୍ ସେହିଭଳି କହିବା ଆରମ୍ଭ କରିଥାଆନ୍ତି। ତେଣୁ ପିଲାଙ୍କର ଏଭଳି ବ୍ୟବହାର ପ୍ରତି ସତର୍କ ରହିବା ସହ ସେମାନେ କିପରି ଏଥିରୁ ବିରତ ରହିବେ ସେ ନେଇ ସେମାନଙ୍କୁ ଶିଖାନ୍ତୁ।

- ପିଲା କିଛି ଭଲ କାମ କଲେ ତା'ର ପ୍ରଶଂସା କରନ୍ତୁ। ଏହା ଦ୍ୱାରା ସେ ଅନ୍ୟର ଭଲ ଗୁଣ ଦେଖି ପ୍ରଶଂସା କରିବ।



- ପିଲା ଯଦି କୌଣସି ଭୁଲ କାମ କରୁଛି ତେବେ ସେ ନେଇ ତାକୁ ବୁଝାନ୍ତୁ। ଏହାଦ୍ୱାର ସେ ଭବିଷ୍ୟତରେ କୌଣସି ଭୁଲ କଲେ ତାହା ନିଜେ ଜାଣିପାରିବ। ଭଲକୁ କିପରି ସୁଧାରି ପାରିବ ସେ ନେଇ ଶିଖାନ୍ତୁ।

- ଅନ୍ୟମାନଙ୍କୁ କିପରି ବିନମ୍ର ବ୍ୟବହାର କରିବ ସେ ନେଇ ଶିଖାନ୍ତୁ। ଏହାଦ୍ୱାରା କେବଳ ବାହାରେ ନୁହେଁ ସ୍କୁଲରେ ମଧ୍ୟ ସେ ଅନ୍ୟମାନଙ୍କ ଦ୍ୱାରା ପ୍ରଶଂସାର ପାତ୍ର ହେବେ ।



# ଇମ୍ୟୁନିଟି ବଢ଼ାଉଥିବା ଡ୍ରିଙ୍କ୍ସ



ବର୍ଷାଦିନେ ରୋଗପ୍ରତିରୋଧକ ଶକ୍ତି କମିଯିବା କାରଣରୁ ଅନେକଙ୍କଠାରେ ଥଣ୍ଡା, କାଶ, ଛିଙ୍କ, ଜ୍ୱର ଆଦି ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇଥାଏ। ଏଭଳି ପରିସ୍ଥିତିରୁ ରକ୍ଷା ପାଇବା ପାଇଁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଏମିତି ଏକ ହେଲ୍‌ଦି ଡ୍ରିଙ୍କ୍ସ ବା ପାନୀୟ ସମ୍ପର୍କରେ କହିଛନ୍ତି; ଯାହାକୁ ପ୍ରତିଦିନ ପିଇବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହ ଶରୀରକୁ ବେଶ୍ ଫୂର୍ତ୍ତି ଅନୁଭବ ହୋଇଥାଏ। ଆଉ ସେହି ପାନୀୟକୁ ଖୁବ୍ ସହଜରେ ଘରେ ତିଆରି କରିହୁଏ। ଉକ୍ତ ପାନୀୟକୁ ହନି ଲେମନ୍ ୱାଟର ବୋଲି କୁହାଯାଏ। ହନି ବା ମହୁ, ଲେମନ୍ ବା ଲେମ୍ବୁରେ ଭିଟାମିନ୍ ସି ଓ ଆଣ୍ଟିଅକ୍ସିଡାଣ୍ଟ ସାଙ୍ଗକୁ ଆହୁରି ଅନେକ ଗୁଣକାରୀ ତତ୍ତ୍ୱ ଭରି ରହିଥିବା ଯୋଗୁ ଏହାକୁ ନିୟମିତ ଉଷୁମ ପାଣିରେ ମିଶାଇ ପିଇଲେ ଶରୀରରେ ଇମ୍ୟୁନିଟି ବୁଷ୍ଟ ହେବା ସହିତ ବଡି ଫିଟ୍‌ନେସ୍ ରହିଥାଏ ବୋଲି ବିଶ୍ୱାସ କରାଯାଏ। କେବଳ ସେତିକି ନୁହେଁ, ପେଟରେ ଥିବା ଏକ୍ସଟ୍ରା ଚର୍ବିକୁ କମାଇବାରେ ବି ଏହା ବେଶ୍ ସହାୟକ ହୋଇଥାଏ। ଅନ୍ୟଦିନ ତୁଳନାରେ ବର୍ଷାଦିନେ ଏହି ପାନୀୟକୁ ପିଇବା ଶରୀର ପକ୍ଷେ ଖୁବ୍ ଉପକାରୀ ହୁଏ। ଏହା ଗଳାକୁ ସଫା ରଖିବା ସହ ଥଣ୍ଡା, କାଶ ସମସ୍ୟାରୁ କେତେକାଂଶରେ ରକ୍ଷା କରିଥାଏ ବୋଲି ମାନ୍ୟତା ରହିଛି।



# ବିଟ୍ ରୁଟକୁ କଞ୍ଚା ଖାଇବା ଠିକ ନା ସିଝାଇ ଖାଇବା ଠିକ? ଜାଣନ୍ତୁ ଏହାର ସଠିକ ଉପାୟ ନଚେତ ହୋଇପାରେ ବଡ଼ ସମସ୍ୟା

ଅଧିକାଂଶ ଲୋକ ବିଟ ରୁଟ ରସ ପିଇବାକୁ ପସନ୍ଦ କରନ୍ତି, ଅନେକ ଲୋକ ବିଟ ରୁଟକୁ ସାଲାଡ ଭାବରେ ଖାଆନ୍ତି। କଞ୍ଚା ବିଟ ରୁଟ ଉଭୟ ଜିନିଷରେ ବ୍ୟବହାର କରାଯାଏ। ବିଟ ରୁଟ ଏକ ପୁଷ୍ଟିକର ପରିବା, ଯେଉଁଥିରେ ଆଇରନ, ଫାଇବର, ଫୋଲେଟ, ପୋଟାସିୟମ, ମ୍ୟାଗ୍ନେସିୟମ ଏବଂ ଆଣ୍ଟିଅକ୍ସିଡାଣ୍ଟ ରହିଥାଏ। ବିଟ ରୁଟ ରକ୍ତହୀନତା ଦୂର କରିବା, ରକ୍ତଚାପ ନିୟନ୍ତ୍ରଣ କରିବା, ପାଚନକୁ ସୁସ୍ଥ ରଖିବା ଏବଂ ଯକୃତକୁ ଡିଟକ୍ସ କରିବା ପାଇଁ ବହୁତ ପ୍ରଭାବଶାଳୀ ବୋଲି ବିବେଚନା କରାଯାଏ। ବିଟ ରୁଟରେ ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ ମଧ୍ୟ ଥାଏ, ଯାହା ଶରୀରକୁ ମୁକ୍ତ ରାଡିକାଲ୍ସରୁ ରକ୍ଷା କରେ। ଅନେକ ଲୋକଙ୍କ ମନରେ ଏକ ପ୍ରଶ୍ନ ଅଛି ଯେ ବିଟ ରୁଟ କଞ୍ଚା ଖାଇବା ଉଚିତ ନା ସିଝା ? ଯଦି ଆପଣ ମଧ ଏହି ଦ୍ୱନ୍ଦ୍ୱରେ ଅଛନ୍ତି, ତେବେ ଆସନ୍ତୁ ଜାଣିବା ସତ୍ୟ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ, କଞ୍ଚା ବିଟ ରୁଟରେ ସମସ୍ତ ପୋଷକ ତତ୍ତ୍ୱ ପୂର୍ଣ୍ଣ ପରିମାଣରେ ଥାଏ, ଯେତେବେଳେ ଏହାକୁ ରାନ୍ଧିବା କିଛି ପୋଷକ ତତ୍ତ୍ୱ ନଷ୍ଟ କରିପାରେ। କଞ୍ଚା ବିଟ ରୁଟକୁ ସାଲାଡ, ଜୁସ ଭାବରେ ଗ୍ରହଣ କରିବା ଲାଭଦାୟକ। ଏହା ଶରୀରକୁ ଡିଟକ୍ସିଫାଇ କରିବାରେ, ଚର୍ମକୁ ସୁସ୍ଥ ରଖିବାରେ ଏବଂ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ। ଏହା ଲୌହର ଏକ ଭଲ ଉତ୍ସ, ଯାହା ରକ୍ତଚାପ ସହିତ ଲଢ଼ିବାରେ ସାହାଯ୍ୟ କରେ। ଯଦି ଆପଣ ରକ୍ତଚାପକୁ କମ କରିବାକୁ ଚାହାଁନ୍ତି, ତେବେ କଞ୍ଚା ବିଟ ରୁଟ ରସ ସବୁଠାରୁ ପ୍ରଭାବଶାଳୀ। ବିଟ ସିଝାଇଲେ, ଏହାର କିଛି ପୁଷ୍ଟିକର ମୂଲ୍ୟ ହ୍ରାସ ପାଏ। ଏଥିରେ ଥିବା ଫୋଲେଟ ଏବଂ ଭିଟାମିନ ସି ଭଳି ଅନେକ ପୁଷ୍ଟିକର ପଦାର୍ଥର ପରିମାଣ ହ୍ରାସ ପାଏ। ତଥାପି, ସିଝା ବିଟ ପେଟ ପାଇଁ ହାଲୁକା ଏବଂ ସହଜରେ ହଜମ ହୁଏ। ଯେଉଁମାନଙ୍କର ଗ୍ୟାସ, ବଦହଜମୀ କିମ୍ବା ସମ୍ବେଦନଶୀଳ ପାଚନ ତନ୍ତ୍ରର ସମସ୍ୟା ଅଛି, ସେମାନଙ୍କ ପାଇଁ ସିଝା ବିଟ ଏକ ଭଲ ବିକଳ୍ପ। ଏହା ବ୍ୟତୀତ, ଫୁଟାଇବା ଦ୍ୱାରା ବିଟର ସ୍ୱାଦ ହାଲକା ମିଠା ହୋଇଥାଏ, ଯାହା ଦ୍ୱାରା ପିଲା ଏବଂ ବୟସ୍କ ଲୋକମାନେ ଏହାକୁ ସହଜରେ ଖାଇପାରିବେ।

# ସ୍ୱାସ୍ଥ୍ୟ ସମସ୍ୟା ଦୂରକାରୀ ସର୍ବାଙ୍ଗସନ

କିପରି କରିବେ:

- ଆସନ ଉପରେ ଦୁଇ ଗୋଡ଼କୁ ଯୋଡ଼ି ସିଧା ଶୋଇ ରୁହନ୍ତୁ।

- ଦୁଇ ଗୋଡ଼କୁ ୯୦ ଡିଗ୍ରୀ ଉଚ୍ଚତାରେ ଧୀରେ ଧୀରେ ଉଠାନ୍ତୁ। ଏହି ସମୟରେ ଦୁଇ ହାତର ପାପୁଲି ଭୂଇଁକୁ ଲଗାଇ ରଖିବେ।

- ଏହା ପରେ ଦୁଇ ହାତ ସାହାଯ୍ୟରେ ଅଣ୍ଟାର ଦୁଇ ପାଖକୁ ଉପରକୁ ଉଠାନ୍ତୁ। ଏପରି ଉଠାଇବେ ଗୋଡ଼ ଦୁଇଟି ଯେପରି ସିଧା ଓ ସ୍ଥିର ରୁହେ।

- ଦୁଇ ଆଖିର ନଜର ପାଦର ବୁଢ଼ା ଆଙ୍ଗୁଠିରେ ରଖିବେ। ଏହି ଆସନରେ ଦୁଇରୁ ତିନି ମିନିଟ୍ ପର୍ଯ୍ୟନ୍ତ ରୁହନ୍ତୁ।

- କିଛି ସମୟ ପରେ ପ୍ରଥମେ ଧୀରେ ଆଗ ଦୁଇ ଗୋଡ଼କୁ ଆଣ୍ଠୁ ପାଖରୁ ଭାଙ୍ଗି ତଳକୁ ଖସାନ୍ତୁ ଓ ପରେ ପୁରା ଶରୀରକୁ ଖସାଇ ପୂର୍ବ ପରି ସିଧା ଶୋଇ ରୁହନ୍ତୁ। ଏହି ଆସନ କଲେ ଭଲ ଶ୍ୱାସକ୍ରିୟା, ହଜମ ଏବଂ ରକ୍ତ ସଞ୍ଚାଳନ ଉତ୍ତମ ରୂପେହୁଏ।

- ଥାଇରଏଡ୍ ସମସ୍ୟା ଦୂର ହୁଏ।

- କେଶ ଝଡ଼ିବା ଓ ଅସମୟରେ କେଶ ଧଳା ହେବା ସମସ୍ୟାରେ ନିୟନ୍ତ୍ରଣ ଆଣେ।

- ପ୍ରତିଦିନ ଅଭ୍ୟାସ ଦ୍ୱାରା ଶରୀରର ଓଜନ ଅଧିକ କିମ୍ବା କମ୍ ଥିଲେ ଏଥିରେ ନିୟନ୍ତ୍ରଣ ଆଣେ ଏବଂ ଦୃଷ୍ଟି ଶକ୍ତି ବଢ଼ାଏ।



**ସର୍ବାଙ୍ଗସନ ଏପରି ଗୋଟିଏ ଆସନ ଯାହର ବହୁ ସ୍ୱାସ୍ଥ୍ୟଗତ ଉପକାରିତା ରହିଛି। ଏହି ଆସନରେ ପୂରା ଶରୀର କାର୍ଯ୍ୟକ୍ଷମ ହୋଇଯାଏ।**

# କେତେ ଉପକାରୀ ଗାଜର



- ନିୟମିତ ଗାଜର ଖାଇବା ଦ୍ୱାରା ଦୃଷ୍ଟିଶକ୍ତି ଆହୁରି ପ୍ରଖର ହୋଇଥାଏ।

- ଗାଜରରେ କ୍ୟାନସର ପ୍ରତିହତ ଶକ୍ତି ରହିଛି। ବିଶେଷ ଭାବରେ ବ୍ରେଷ୍ଟ କ୍ୟାନସର ଏବଂ କଲୋନ କ୍ୟାନସର ରୋଗୀଙ୍କ ପାଇଁ ଏହା ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।

- ବୟସ ବଢ଼ିବା ସହ ଏହାର ପ୍ରଭାବ ଶରୀର ଉପରେ ପଡ଼ିଥାଏ। ଏହି ସମୟରେ ଶରୀର ଭିତରେ କୋଷ (ସେଲ) ଗୁଡ଼ିକ ନଷ୍ଟ ହେବା ଆରମ୍ଭ କରିଥାଆନ୍ତି। କିନ୍ତୁ ବୟସ୍କ ବ୍ୟକ୍ତିମାନେ ଯଦି ନିୟମିତ ଖାଦ୍ୟ ତାଲିକାରେ ଗାଜର ସାମିଲ କରନ୍ତି ତେବେ ତାହା ସେମାନଙ୍କର କୋଷକୁ ସୁରକ୍ଷିତ ରଖିଥାଏ।

- ଗାଜରରେ ଭିଟାମିନ 'ଏ' ଭରି ରହିଛି। ଏହାକୁ ଖାଇବା ଦ୍ୱାରା ଚର୍ମଜନିତ ରୋଗ ହେବାର ଆଶଙ୍କା ଅନେକାଂଶରେ କମ ଥାଏ।

- ଶରୀର ଭିତରେ ସଂକ୍ରମଣ (ଇନଫେକଶନ)କୁ ପ୍ରତିହତ କରିବାରେ ଗାଜର ସାହାଯ୍ୟ କରିଥାଏ।

- ଗାଜରର ଅଉ ଏକ ଉପକାରୀ ଗୁଣ ରହିଛି। ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ, ହୃଦରୋଗୀଙ୍କ ପାଇଁ ଏହା ଏକ ଉତ୍ତମ ଖାଦ୍ୟ।

- ଏହାକୁ ନିୟମିତ ଖାଇଲେ ତାହା ଉଭୟ ଦାନ୍ତ ଏବଂ ମାଢ଼ିକୁ ସୁରକ୍ଷିତ ରଖିଥାଏ।

# ମସ୍ତିଷ୍କର ଆୟତନ ବୃଦ୍ଧି କରେ ଏରୋବିକ୍

ଏକ ସପ୍ତାହକୁ ଚାରିଥର ଏରୋବିକ କରୁଥିବା ବ୍ୟକ୍ତିଙ୍କ ମସ୍ତିଷ୍କ ଆୟତନ ବୃଦ୍ଧି ହୋଇଥାଏ ବୋଲି ଏହି ରିସର୍ଚ୍ଚରୁ ଜଣାପଡ଼ିଛି। ଆମେରିକାରେ ନର୍ଥ କାରୋଲିନାର ବେକ୍ ଫରେଷ୍ଟ ବିଶ୍ୱବିଦ୍ୟାଳୟର ପ୍ରଫେସର ଜିୟୋଙ୍ଗରୁଲ କିମଙ୍କ ମତରେ ଯେକୌଣସି ପ୍ରକାର ବ୍ୟାୟାମ ମସ୍ତିଷ୍କ ପାଇଁ ଲାଭକାରୀ ଅଟେ। କିନ୍ତୁ ଏରୋବିକ ଗତିବିଧି ମସ୍ତିଷ୍କର ଉଚ୍ଚ ସଂଜ୍ଞାନତ୍ମକ କାର୍ଯ୍ୟ ପ୍ରତି ଅଧିକ ଲାଭଦୟକ ବୋଲି ରିସର୍ଚ୍ଚରୁ ଜଣାପଡ଼ିଥିଲା। ଏମସିଆଇ (ହାଲକା ସଂଜ୍ଞାତ୍ମକ ବ୍ୟକ୍ତି)ଙ୍କ ମସ୍ତିଷ୍କରେ ଏହା ପ୍ରଭାବ ପଡ଼ିଥାଏ ଓ ସେମାନଙ୍କ ସ୍ମୃତିଶକ୍ତି ତଥା ବିଚାର କୌଶଳ ଉନ୍ନତ ହୋଇଥାଏ। ଏହା ଆଲଜେମିଅର ରୋଗର ଆଶଙ୍କା ମଧ୍ୟ କମାଇଥାଏ। ଏରୋବିକ୍ ଅଳ୍ପଦିନ ମଧ୍ୟରେ ମସ୍ତିଷ୍କର ଉନ୍ନତି ଘଟାଇଥାଏ। ଅଧ୍ୟୟନ ଦଳ ୩୫ରୁ ଅଧିକ ଏମସିଆଇ ବ୍ୟକ୍ତିଙ୍କୁଟ ପରୀକ୍ଷଣ କରିଥିଲେ। ପ୍ରତିଯୋଗଙ୍କୁ ଦୁଇଟି ଭାଗରେ ବିଭକ୍ତ କରାଯାଇ ସପ୍ତାହକୁ ଚାରିଥର ବିଭିନ୍ନ ବ୍ୟାୟାମ କରାଯାଇଥିଲା। ଛଅମାସ ପରେ ସେମାନଙ୍କ ମସ୍ତିଷ୍କର ଗ୍ରେ ଅଂଶର ଆୟତନ ବୃଦ୍ଧି ପାଇଥିବା ଦେଖାଯାଇଥିଲା।

# ଶରୀର ପାଇଁ କେତେ ଉପକାରୀ ସଜନା ଶାଗ, ଜାଣନ୍ତି କି ?

**ସଜନା ଶାଗରେ ଭିଟାମିନ୍ ଏ, ଭିଟାମିନ୍ ସି, କ୍ୟାଲସିୟମ୍, ପୋଟାସିୟମ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ପରି ଭଲ ପରିମାଣର ପୋଷକ ତତ୍ତ୍ୱ ରହିଥାଏ। ଯାହା ଫଳରେ ଏହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ ଏବଂ ଅନେକ ରୋଗର ମୁକାବିଲା କରିବାରେ ସାହାଯ୍ୟ କରିଥାଏ।**

ରକ୍ତହୀନତାକୁ ରୋକିବାରେ ସହାଯ୍ୟ କରେ ସଜନା: ସଜନା ଗଛ ଯାହାର ବୈଜ୍ଞାନିକ ନାମ ହେଉଛି 'ମୋରିଙ୍ଗା ଓଲିଫେରା'। ଏହାର ପତ୍ର ଫଳ, ମଞ୍ଜି, ଛାଲ, ମୂଳ ଇତ୍ୟାଦି ସବୁ ବ୍ୟବହୃତ ହୁଏ। ସଜନା ଶାଗ 'ଚମତ୍କାର ବୃକ୍ଷ' ଏହାକୁ 'ଡ୍ରମଷ୍ଟିକ୍ ପ୍ଲାଣ୍ଟ' ମଧ କୁହାଯାଏ କାରଣ ଏହାର ମଧ ଅନେକ ଗୁଣ ଅଛି। ସଜନା ଶାଗକୁ ଆମେ ବିଭିନ୍ନ ଉପାୟରେ ଖାଇପାରିବେ। ଏଗୁଡିକ ସାଲାଡ, ପନିପରିବା ସହିତ କିମ୍ବା ଚା' କରି ମଧ ଖାଇପାରିବେ। ସଜନା ଚା' ତିଆରି କରିବା ପାଇଁ ପତ୍ରକୁ ଗ୍ରାଇଣ୍ଡ କରି ଗରମ ପାଣିରେ ଫୁଟାନ୍ତୁ। ଏହି କାରଣରୁ, ଆଣ୍ଟିଅକ୍ସିଡାଣ୍ଟ ଏବଂ ପୋଷକ ତତ୍ତ୍ୱ ପାଣିରେ ରହିବ। ସଜନା ଶାଗ ଖାଇବା କେବଳ ସ୍ୱାସ୍ଥ୍ୟର ଉପକାର ହୁଏ ନାହିଁ ବରଂ ଏହାର ସ୍ୱାଦ ମଧ ଭଲ ।

*ରକ୍ତହୀନତା ରୋକିଥାଏ:* ସଜନାରେ ଅନେକ ପୋଷକ ତତ୍ତ୍ୱ ମିଳିଥାଏ ଯାହା ରକ୍ତହୀନତାକୁ ରୋକିବାରେ ସହାୟକ ହୋଇଥାଏ। ଆଇରନ, ଭିଟାମିନ୍ ସି, ଫୋଲିକ୍ ଏସିଡ୍, ଭିଟାମିନ୍ ବି ଏବଂ ଆଣ୍ଟିଅକ୍ସିଡାଣ୍ଟ ପରି ପୁଷ୍ଟିକର ଖାଦ୍ୟ ସଜନାରେ ମିଳିଥାଏ। ରକ୍ତରେ ହେମୋଗ୍ଲୋବିନ୍ ସୃଷ୍ଟି କରେ ଯାହା ଅମ୍ଳଜାନ ଯୋଗାଇବାରେ ସାହାଯ୍ୟ କରିଥାଏ। ଏହା ସହ ଭିଟାମିନ୍ ସି ଆଇରନ୍ ଅବଶୋଷଣରେ ମଧ ସାହାଯ୍ୟ କରେ। ସଜନା ଫଲିକ୍ ଏସିଡ୍ ଜଇଉ ଉତ୍ପାଦନକୁ ପ୍ରୋତ୍ସାହିତ କରେ। ରକ୍ତହୀନତାର ଚିକିତ୍ସାରେ ଭିଟାମିନ୍ ଇ୧୨ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେଣୁ ରକ୍ତହୀନତାକୁ ରୋକିବାରେ ସଜନା ଶାଖ ଖାଇବା ଲାଭଦାୟକ।

*ଥାଇରଏଡ ପାଇଁ ଉପକାରୀ:* ସଜନା ଶାଗରେ ଅନେକ ପୋଷକ ତତ୍ତ୍ୱ ମିଳିଥାଏ ଯାହା ଥାଇରଏଡ୍ କାର୍ଯ୍ୟରେ ଉନ୍ନତି ଆଣିବାରେ ସାହାଯ୍ୟ କରିଥାଏ। ସଜନା ଶାଗରେ ଆୟୋଡିନ୍, ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍ ଏ, ସି ଏବଂ ଇ, ଜିଙ୍କ ଏବଂ ସେଲେନିୟମ୍ ପରି ପୁଷ୍ଟିକର ଖାଦ୍ୟ ମିଳିଥାଏ। ଯାହାକି ଆୟୋଡିନ୍ ଥାଇରଏଡ୍ ହରମୋନ୍ ସନ୍ତୁଳନ କରିବାରେ ସାହାଯ୍ୟ କରେ।

*ଉଚ୍ଚ ରକ୍ତଚାପ ହ୍ରାସ କରେ:* ଏହିପରି ଅନେକ ଗୁଣ ସଜନା ଶାଗରେ ମିଳିଥାଏ ଯାହା ଉଚ୍ଚ ରକ୍ତଚାପ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ସଜନା ଶାଗରେ ପୋଟାସିୟମ ଥାଏ ଯାହା ରକ୍ତଚାପ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ସଜନା ଶାଗରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ମଧ ଏଥିରେ ମିଳିଥାଏ ଯାହା ଧମନୀକୁ ଆରାମ ଦେଇଥାଏ। ସଜନା ଶାଗରେ ନାଇଟ୍ରିକ୍ ଅକ୍ସାଇଡ୍ ସ୍ତରକୁ ମଧ ହ୍ରାସ କରିଥାଏ ଯାହା ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ତେଣୁ ଉଚ୍ଚ ରକ୍ତଚାପ ଥିବା ଲୋକଙ୍କ ପାଇଁ ସଜନା ଶାଗ ବରଦାନ ସ୍ୱରୂପ।



*ଡାଇବେଟିସ ସମସ୍ୟାକୁ ଦୂରକରେ:* ଯେଉଁମାନଙ୍କର ଡାଇବେଟିସ ସମସ୍ୟା ଥାଏ ସେମାନେ ସଜନା ଶାଗର ଜୁସ ସେବନ କଲେ ଡାଇବେଟିସ ନିୟନ୍ତ୍ରଣରେ ରହିଥାଏ। ଯେଉଁ ଲୋକମାନେ ଥାଇରଏଡ ସମସ୍ୟା,ଯେଉଁମାନଙ୍କର ଅନିଦ୍ରା ସମସ୍ୟା ଅଛି ସେମାନେ ସଜନା ଶାଗ ସେବନ କଲେ ଅନିଦ୍ରା ସମସ୍ୟା ଦୂର ହୋଇଥାଏ

*ଚର୍ବିକୁ ହ୍ରାସ କରାଏ:* ଯଦି ଆପଣ ନିଜ ଶରୀରର ଚର୍ବିକୁ ହ୍ରାସ କରିବାକୁ ଚାହାନ୍ତି ସଜନା ଶାଗ ସେବନ କରନ୍ତୁ,ଏହା ମେଟାବୋଲିଜିମକୁ ଦୂର କରିଥାଏ,ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ିଥାଏ।

ମୁଣ୍ଡରୁ କେଶ ଝଡ଼ିବା ସମସ୍ୟା ଓ ରୁପି ହେବା ସମସ୍ୟାରୁ ରକ୍ଷା ପାଇବାପାଇଁ ଏହାକୁ ସେବନ କରନ୍ତୁ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୨୨ ଜୁଲାଇ ୨୦୨୫, ମଙ୍ଗଳବାର




## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ବିଡ଼ି: ଶସ୍ତା ନିଶା, ମାତ୍ର ଜୀବନ ପାଇଁ ମହଙ୍ଗା

ଭାରତରେ ବିଡ଼ି କେବଳ ଏକ ଧୂମପାନ ସାମଗ୍ରୀ ନୁହେଁ, ବରଂ ଏହା ଏକ ବିଶାଳ ଅର୍ଥନୀତିର ମୂଳଦୁଆ, ଯାହା ଶ୍ରମିକ ଅଧିକାରର ଉଲ୍ଲଂଘନ, ନୀତିଗତ ତ୍ରୁଟି ଏବଂ ଗମ୍ଭୀର ସ୍ୱାସ୍ଥ୍ୟଗତ ବିପଦ ଉପରେ ନିର୍ଭର କରି ବଞ୍ଚିଛି । ଏହା ଶସ୍ତା ହୋଇଥିବାରୁ ସହଜରେ ଉପଲବ୍ଧ ଏବଂ ଅନେକ ସମୟରେ ଏହାର ଭୟାବହତାକୁ ଅଣଦେଖା କରାଯାଏ । ଏହି ସମସ୍ୟାର ବିଶ୍ଳେଷଣ କଲେ ଏହାର ଭୟାବହତା ସ୍ପଷ୍ଟ ହୋଇଥାଏ ।

ଭାରତରେ ୨୬୭ ନିୟୁତରୁ ଅଧିକ ଲୋକ ତମାଖୁ ବ୍ୟବହାର କରନ୍ତି । ୨୦୧୬-୧୭ର ଗ୍ଲୋବାଲ ଆଡଲ୍ଟ ଟବାକୋ ସର୍ଭେ ଅନୁଯାୟୀ, ଦେଶର ୪୨.୪ ପ୍ରତିଶତ ପୁରୁଷ ଏବଂ ୧୪.୨ ପ୍ରତିଶତ ମହିଳା କୌଣସି ନା କୌଣସି ପ୍ରକାରର ତମାଖୁ ସେବନ କରନ୍ତି । ପାଶ୍ଚାତ୍ୟ ଦେଶମାନଙ୍କରେ ସିଗାରେଟ୍ ତମାଖୁ ବ୍ୟବହାରର ମୁଖ୍ୟ ମାଧ୍ୟମ ହୋଇଥିବା ବେଳେ, ଭାରତରେ ଏହାର ଚିତ୍ର ଭିନ୍ନ । ଏଠାରେ ଧୂଆଁବିହୀନ ତମାଖୁର ବ୍ୟବହାର ସର୍ବାଧିକ, ଏବଂ ତା'ପରେ ରହିଛି ବିଡ଼ି । ଗ୍ରାମାଞ୍ଚଳ ଓ ଅଣସଂଗଠିତ ବଜାରରେ ବିଡ଼ିର ପ୍ରାଧାନ୍ୟ ବେଶୀ ଏବଂ ଏହାର ବ୍ୟବହାର ସିଗାରେଟ୍ ତୁଳନାରେ ପ୍ରାୟ ଦୁଇଗୁଣ । ବିଡ଼ିର ମୂଲ୍ୟ ଏତେ କମ୍ ଯେ ମାତ୍ର ଏକ ଟଙ୍କାରେ ଏକ ଛୋଟ ବଣ୍ଡଲ ମିଳିଯାଏ, ଯାହା ଏହାକୁ 'ଗରିବର ନିଶା' ଭାବରେ ପରିଚିତ କରାଇଛି ।

ସ୍ୱାସ୍ଥ୍ୟ ଦୃଷ୍ଟିକୋଣରୁ ବିଡ଼ି ସିଗାରେଟ୍ ଠାରୁ ମଧ୍ୟ ଅଧିକ ହାନିକାରକ । ବିଡ଼ିରେ ତମାଖୁ ଅପେକ୍ଷାକୃତ ଢିଲା ଭାବରେ ଗୁଡ଼ାଯାଇଥିବାରୁ, ଏହାକୁ ଟାଣିବା ପାଇଁ ଅଧିକ ଶକ୍ତି ପ୍ରୟୋଗ କରିବାକୁ ପଡ଼େ । ଫଳରେ ଏହା ଅଧିକ ନିକୋଟିନ୍, ଟାର୍ ଏବଂ କାର୍ବନ ମୋନୋକ୍ସାଇଡ୍ ଶରୀରକୁ ପଠାଇଥାଏ, ଯାହା କର୍କଟ ରୋଗର ଆଶଙ୍କା ବଢ଼ାଇଥାଏ । ବିଶେଷଜ୍ଞଙ୍କ ମତରେ, ବିଡ଼ି ଟାଣୁଥିବା ବ୍ୟକ୍ତିଙ୍କଠାରେ ମୁଖ ଗହ୍ୱର କର୍କଟ ହେବାର ଆଶଙ୍କା ଅନ୍ୟମାନଙ୍କ ତୁଳନାରେ ୩.୧ ଗୁଣ ଅଧିକ ଏବଂ ଫୁସଫୁସ କର୍କଟର ଆଶଙ୍କା ୪.୬ ଗୁଣ ଅଧିକ । ଏହା କେବଳ ଗ୍ରାମାଞ୍ଚଳର ସମସ୍ୟା ହୋଇ ରହିନାହିଁ, ବରଂ ସହରାଞ୍ଚଳରେ ମଧ୍ୟ ଏହାର ବ୍ୟବହାର ବୃଦ୍ଧି ପାଇଛି, ଯାହା ସଚେତନତାର ଅଭାବକୁ ସୂଚାଉଛି ।

ଏତେସବୁ ସ୍ୱାସ୍ଥ୍ୟଗତ ବିପଦ ସତ୍ତ୍ୱେ ବିଡ଼ି ଶିଳ୍ପ ସରକାରୀ ନିୟମରୁ ବହୁତ ପରିମାଣରେ ମୁକ୍ତ । ଭାରତରେ ତମାଖୁ ନିୟନ୍ତ୍ରଣ ପାଇଁ 'ସିଗାରେଟ୍ ଏବଂ ଅନ୍ୟାନ୍ୟ ତମାଖୁ ଉତ୍ପାଦ ଅଧିନିୟମ, ୨୦୦୩' (**COTPA**) ରହିଛି, କିନ୍ତୁ ବିଡ଼ି କ୍ଷେତ୍ରରେ ଏହାର ପ୍ରୟୋଗ ଅତ୍ୟନ୍ତ ଦୁର୍ବଳ । ଏହି ଆଇନର ଧାରା ୬ ଅନୁଯାୟୀ ୧୮ ବର୍ଷରୁ କମ୍ ବୟସର ପିଲାଙ୍କୁ ତମାଖୁ ବିକ୍ରି କରିବା ଏବଂ ଶିକ୍ଷାନୁଷ୍ଠାନ ନିକଟରେ ବିକ୍ରି କରିବା ନିଷେଧ । ସେହିପରି ଧାରା ୭ ଅନୁଯାୟୀ ପ୍ୟାକେଟ୍ ଉପରେ ସଚିତ୍ର ସ୍ୱାସ୍ଥ୍ୟ ସତର୍କତା ବାଧ୍ୟତାମୂଳକ । କିନ୍ତୁ ବିଡ଼ି ପ୍ରାୟତଃ ଖୋଲା ଭାବରେ ବିକ୍ରି ହେଉଥିବାରୁ ଏହି ନିୟମଗୁଡ଼ିକରୁ ସହଜରେ ଖସିଯାଏ ।

ଏହି ଶିଳ୍ପର ଅନ୍ୟ ଏକ କଳା ଦିଗ ହେଉଛି ଏହା ସହ ଜଡ଼ିତ ଶ୍ରମିକମାନଙ୍କର ଦୁର୍ଦ୍ଦଶା । ଭାରତରେ ପ୍ରାୟ ପାଞ୍ଚ ନିୟୁତ ପଞ୍ଜୀକୃତ ବିଡ଼ି ଶ୍ରମିକ ଅଛନ୍ତି, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ମହିଳା । ସେମାନଙ୍କୁ ଦିନକୁ ପ୍ରାୟ ୧,୦୦୦ ବିଡ଼ି ଗୁଡ଼ାଇବାକୁ ପଡ଼ିଥାଏ, ଯାହା ବଦଳରେ ସେମାନେ ମାତ୍ର ପ୍ରାୟ ୨୦୦ ଟଙ୍କା ପାଇଥାନ୍ତି । କୌଣସି ସୁରକ୍ଷା ଉପକରଣ, ଯେପରିକି ମାସ୍କ ବା ଗ୍ଲୋଭସ୍, ବିନା ସେମାନେ ତମାଖୁ ଗୁଣ୍ଡ ଓ ଧୂଳି ସଂସ୍ପର୍ଶରେ ଆସିଥାନ୍ତି, ଯାହା ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ଗୁରୁତର ପ୍ରଭାବ ପକାଇଥାଏ । ସରକାରୀ ଭାବେ ଶିଶୁ ଶ୍ରମିକ ନିୟୋଜନକୁ ଅସ୍ୱୀକାର କରାଯାଉଥିଲେ ମଧ୍ୟ, ଅନେକ ପରିବାରରେ ପିଲାମାନେ ସ୍କୁଲ ପରେ ପରିବାରକୁ ସାହାଯ୍ୟ କରିବା ପାଇଁ ବିଡ଼ି ଗୁଡ଼ାଇଥାନ୍ତି ।

ସରକାରୀ ନୀତିରେ ମଧ୍ୟ ଏକ ବଡ଼ ବିରୋଧାଭାସ ଦେଖିବାକୁ ମିଳେ । ଗୋଟିଏ ପଟେ ସରକାର ତମାଖୁ ନିୟନ୍ତ୍ରଣ ପାଇଁ କାର୍ଯ୍ୟକ୍ରମ ଚଳାଉଛନ୍ତି, ଅନ୍ୟପଟେ ବିଡ଼ି ଶିଳ୍ପରୁ ରାଜସ୍ୱ ଆଦାୟ କରୁଛନ୍ତି । ବିଡ଼ି ଉତ୍ପାଦକମାନଙ୍କୁ 'କୁଟୀର ଶିଳ୍ପ'ର ମାନ୍ୟତା ଦେଇ ଟିକସରେ ଛାଡ଼ ଦିଆଯାଉଛି । ଏକ ଅଧ୍ୟୟନ ଅନୁଯାୟୀ, ଯଦି ଛୋଟ ଉତ୍ପାଦକମାନଙ୍କ ପାଇଁ ଥିବା ଟିକସ ଛାଡ଼କୁ ହଟାଇ ଦିଆଯାଏ, ତେବେ ବିଡ଼ି ବ୍ୟବହାର ୬ ପ୍ରତିଶତ କମିଯିବ, ୨.୨ ନିୟୁତ ଲୋକ ବିଡ଼ି ଟାଣିବା ଛାଡ଼ିଦେବେ ଏବଂ ସରକାରଙ୍କୁ ୧୪୮୦ କୋଟି ଟଙ୍କାର ଅତିରିକ୍ତ ରାଜସ୍ୱ ମିଳିବ । ଏହା ସତ୍ତ୍ୱେ ଏହି ଦିଗରେ ଦୃଢ଼ ପଦକ୍ଷେପ ନିଆଯାଉ ନାହିଁ । ତମାଖୁ ବ୍ୟବହାର ଯୋଗୁଁ ଭାରତରେ ବାର୍ଷିକ ପ୍ରାୟ ୧.୩ ନିୟୁତ ନୂଆ କର୍କଟ ରୋଗୀ ଚିହ୍ନଟ ହେଉଛନ୍ତି । ୨୦୧୮ର ଏକ ଅଧ୍ୟୟନ ଅନୁସାରେ, ତମାଖୁଜନିତ ରୋଗ ଓ ମୃତ୍ୟୁ କାରଣରୁ ଦେଶକୁ ବାର୍ଷିକ ୧.୭୭ ଲକ୍ଷ କୋଟି ଟଙ୍କାର ଆର୍ଥିକ କ୍ଷତି ସହିବାକୁ ପଡୁଛି, ଯାହା ତମାଖୁରୁ ମିଳୁଥିବା ଟିକସ ରାଜସ୍ୱଠାରୁ ବହୁତ ଅଧିକ । ସରକାରଙ୍କ ଦ୍ୱାରା ପରିଚାଳିତ 'ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ' (NTCP) ଅଧୀନରେ ତମାଖୁ ତ୍ୟାଗ କେନ୍ଦ୍ର (TCC) ସ୍ଥାପନ କରାଯାଇଛି । କିନ୍ତୁ ସମଗ୍ର ଦେଶରେ ମାତ୍ର ୬୦୦ଟି କେନ୍ଦ୍ର ରହିଛି, ଅର୍ଥାତ୍ ପ୍ରତି ଦୁଇ ନିୟୁତ ଲୋକଙ୍କ ପାଇଁ ମାତ୍ର ଗୋଟିଏ କେନ୍ଦ୍ର । ଏହା ସମୁଦ୍ରକୁ ଶଙ୍ଖେ ପରି । ଗ୍ରାମାଞ୍ଚଳରେ ଏହି ସୁବିଧାର ଘୋର ଅଭାବ ରହିଛି ।

ଯେ ପର୍ଯ୍ୟନ୍ତ ବିଡ଼ି ଶସ୍ତା ଓ ସହଜରେ ଉପଲବ୍ଧ ହେଉଥିବ, ସେ ପର୍ଯ୍ୟନ୍ତ ଏହାର ବ୍ୟବହାରକୁ ରୋକିବା କଷ୍ଟକର । ଏଥିପାଇଁ ଏକ ବହୁମୁଖୀ ରଣନୀତିର ଆବଶ୍ୟକତା ରହିଛି । ପ୍ରଥମତଃ, ବିଡ଼ି ଉପରେ ଟିକସ ବୃଦ୍ଧି କରାଯିବା ଉଚିତ୍, ଯାହାଦ୍ୱାରା ଏହାର ମୂଲ୍ୟ ବଢ଼ିବ ଏବଂ ବ୍ୟବହାର କମିବ । ଦ୍ୱିତୀୟତଃ, COTPA ଆଇନକୁ କଡ଼ାକଡ଼ି ଭାବେ ଲାଗୁ କରାଯିବା ଦରକାର, ବିଶେଷକରି ଖୋଲା ବିଡ଼ି ବିକ୍ରି ଏବଂ ନାବାଳକମାନଙ୍କୁ ବିକ୍ରି ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଯିବା ଆବଶ୍ୟକ । ତୃତୀୟତଃ, ବିଡ଼ି ଶ୍ରମିକମାନଙ୍କୁ ବିକଳ୍ପ ରୋଜଗାର ଯୋଗାଇ ଦେବା ପାଇଁ ସରକାରଙ୍କୁ ବ୍ୟାପକ ଯୋଜନା କରିବାକୁ ହେବ । ଚତୁର୍ଥତଃ, ସଚେତନତା କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବାକୁ ପଡ଼ିବ ଯେପରି ଲୋକମାନେ ଏହାର ଭୟାବହ ପରିଣାମ ବିଷୟରେ ଜାଣିପାରିବେ । ଯଦି ଏହି ପଦକ୍ଷେପଗୁଡ଼ିକ ଶୀଘ୍ର ଓ ଦୃଢ଼ତାର ସହ ନିଆଯାଏ, ତେବେ ଭାରତର 'ଶସ୍ତା ନିଶା' ଦେଶ ପାଇଁ ସବୁଠାରୁ ମହଙ୍ଗା ସାବ୍ୟସ୍ତ ହେବ ।

# ବ୍ରାଜିଲରେ ଭାରତ


ସୌମେନ୍ଦ୍ର ଜେନା


ଜୁଲାଇ ୬ ଓ ୭ ଦୁଇଦିନ ଧରି ବ୍ରାଜିଲର ରିଓ ଡି ଜେନେରୋଠାରେ ୧୭ଶ ବ୍ରିକ୍ସ ଗୋଷ୍ଠୀର ଶିଖର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନାରେ ଅଂଶଗ୍ରହଣ କରିବା ଲାଗି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ସେଥିରେ ସାମିଲ ହୋଇଥିଲେ । ପଞ୍ଚରାଷ୍ଟ୍ରୀୟ ମୂଳଗୋଷ୍ଠୀ ବ୍ରାଜିଲ, ରୁଷିଆ, ଭାରତ, ଚୀନ ଓ ଆଫ୍ରିକା ମଧ୍ୟରୁ ପ୍ରମୁଖ ଦୁଇଟି ଦେଶ ରୁଷିଆ ଏବଂ ଚୀନର ରାଷ୍ଟ୍ରମୁଖ୍ୟଙ୍କ ଅନୁପସ୍ଥିତିରେ ଅନ୍ୟତମ ବଡଦେଶ ଭାରତର ପ୍ରଧାନମନ୍ତ୍ରୀ ଉପସ୍ଥିତ ଥିବା ହେତୁ ଆଲୋଚନାରେ ଭାରତର ଗୁରୁତ୍ୱ ଅଧିକ ହୋଇଥିଲା । ଏହି ସୁଯୋଗକୁ ଉପଯୋଗ କରିବାଲାଗି ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ସମସ୍ତ ପ୍ରକାର ପ୍ରୟାସ କରିଥିଲେ । ଆର୍ଜେଣ୍ଟିନାରୁ ଯାଇ ସିଧାସଳଖ ମୋଦି ବ୍ରିକ୍ସ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଆମେରିକା ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପଙ୍କ ଦ୍ୱାରା ବ୍ରିକ୍ସ ବିରୋଧୀ ବୟାନ ଏବଂ ଟିକସବୃଦ୍ଧି ଧମକ ମଧ୍ୟରେ ଭବିଷ୍ୟତ ସହଯୋଗ ଏବଂ କାର୍ଯ୍ୟକ୍ରମ ପାଇଁ ସଦସ୍ୟଭୁକ୍ତ ରାଷ୍ଟ୍ରଗୁଡିକର ଆଭିମୁଖ୍ୟ ସ୍ପଷ୍ଟ ହେବା ଆବଶ୍ୟକ ଥିଲା । ଅପରେସନ ସିନ୍ଦୂର ପରେ ପ୍ରଧାନମନ୍ତ୍ରୀ ମୋଦି ଅନେକଗୁଡିଏ ରାଷ୍ଟ୍ରକୁ ସଂସଦୀୟ ପ୍ରତିନିଧି ମଣ୍ଡଳୀ ପଠାଇ ଭାରତର ନୀତି ଓ ସ୍ଥିତିକୁ ବୁଝାଇବାକୁ ଚେଷ୍ଟା କରିଥିଲେ । ଯେଉଁଥିପାଇଁ ସାଂଘାଇ ସଂଗଠନର ବୈଠକରେ ପହଲଗାମ ଘଟଣାକୁ ଆଦୌ ମିଳିତ ଘୋଷଣାନାମା ମଧ୍ୟରେ ସ୍ଥାନ ମିଳିନଥିଲେ ମଧ୍ୟ ବ୍ରିକ୍ସ ଘୋଷଣାନାମାରେ ତାହା ସ୍ଥାନ ପାଇଥିଲା । ଅପରପକ୍ଷେ ବ୍ରିକ୍ସ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସମ୍ମାନାର୍ଥେ ଏକ ସ୍ୱତନ୍ତ୍ର ଭୋଜୀର ଆୟୋଜନ ବ୍ରାଜିଲ ରାଷ୍ଟ୍ରପତି ଲୁଲାଙ୍କ ଯୋଜନାରେ ହୋଇଥିବା ହେତୁ ତାହା ଜିନ୍‌ପିଙ୍ଗଙ୍କ ପାଇଁ ଅସହନୀୟ ଥିଲା । ଯେଉଁ କାରଣରୁ ସେ ବ୍ରାଜିଲ ଗସ୍ତରୁ ଆଗୁଆ ଓହରି ଯାଇଥିଲେ ।

ବ୍ରିକ୍ସର ଆଲୋଚନାରେ ବିଶ୍ୱ ପ୍ରଶାସନରେ ସଂସ୍କାର, ଦକ୍ଷିଣ ବିଶ୍ୱର ସ୍ୱରକୁ ଗୁରୁତ୍ୱ, ଶାନ୍ତି ଓ ସୁରକ୍ଷା, ବହୁପକ୍ଷୀୟ ସହଯୋଗର ସଶକ୍ତିକରଣ, ବିଶ୍ୱର ବିକାଶ, କୃତ୍ରିମ ବୁଦ୍ଧିମତ୍ତା ବିଷୟ ସ୍ଥାନ ପାଇଥିଲା । ଆଲୋଚନାରେ ଅଂଶଗ୍ରହଣ କରି ପ୍ରଧାନମନ୍ତ୍ରୀ ମୋଦି ବିକାଶଶୀଳ ରାଷ୍ଟ୍ରମାନଙ୍କୁ ବିକାଶ ଏବଂ ପରିବେଶ ପାଇଁ ଅର୍ଥ ମିଳିବା ଉଚିତ୍ ବୋଲି ଯୁକ୍ତି ବାଢିଥିଲେ । ବିଶ୍ୱସ୍ତରୀୟ ସଂଗଠନରେ ଢାଞ୍ଚାଗତ ପରିବର୍ତ୍ତନ, ଦକ୍ଷିଣ ବିଶ୍ୱର ବିଶ୍ୱବାଣିଜ୍ୟ ସଂଗଠନରେ ପରିବର୍ତ୍ତନ କରାଯିବା ଉପରେ ଜୋର ଦେଇଥିଲେ । ସନ୍ତ୍ରାସବାଦ କିପରି ବିଶ୍ୱର ଶାନ୍ତି ଓ ସୁରକ୍ଷା ପାଇଁ ବିପଦ ତାହା ଶ୍ରୀ ମୋଦି ଉଦାହରଣ ପ୍ରଦାନ କରି ଉଲ୍ଲେଖ କରିଥିଲେ । ସନ୍ତ୍ରାସବାଦ ବିଷୟରେ ଦୋହରା ନୀତି ଗ୍ରହଣୀୟ ହେବନାହିଁ ବୋଲି ସେ ସ୍ପଷ୍ଟ କରିଥିଲେ । ପହଲଗାମ ସନ୍ତ୍ରାସବାଦୀ ଆକ୍ରମଣକୁ ବ୍ରିକ୍ସର ନେତୃବୃନ୍ଦ ନିନ୍ଦା କରିଥିବା ହେତୁ ଶ୍ରୀ ମୋଦି ସେମାନଙ୍କର ପ୍ରଶଂସା କରିଥିଲେ । ପଶ୍ଚିମ ଏସିଆ ଏବଂ ୟୁରୋପରେ ଦ୍ୱନ୍ଦ୍ୱ ଲାଗିରହିଥିବାରୁ ବିଚାର ଆଲୋଚନା ଏବଂ କୂଟନୀତି ଦ୍ୱାରା ସେ ସମସ୍ୟାର ସମାଧାନ ନିମିତ୍ତ ପ୍ରୟାସ କରାଯିବା ଆବଶ୍ୟକ । ବହୁପକ୍ଷୀୟ ନେତୃତ୍ୱ ଏବଂ ବିବିଧତା ବ୍ରିକ୍ସର ପରିଚୟ ବୋଲି ସେ ଉଲ୍ଲେଖ କରିଥିଲେ । ସେ ବ୍ରିକ୍ସକୁ ଚାରିଗୋଟି ପ୍ରସ୍ତାବ ଦେଇଥିଲେ । ସେଗୁଡିକ ହେଲା ବ୍ରିକ୍ସର ନୂତନ ଉନ୍ନୟନ ବ୍ୟାଙ୍କ, ଯାହାକି ଦୀର୍ଘକାଳୀନ ଏବଂ ଦୂରଦୃଷ୍ଟି ସଂପନ୍ନ ପ୍ରକଳ୍ପଗୁଡିକୁ ଅନୁମତି ଦେବା ଦରକାର । ଦକ୍ଷିଣବିଶ୍ୱର ରାଷ୍ଟ୍ରଗୁଡିକର ଏକ ବିଜ୍ଞାନ ଓ ବୈଜ୍ଞାନିକ ଜ୍ଞାନ ସଂପନ୍ନ ସଂସ୍ଥା ଖୋଲାଯିବା ଆବଶ୍ୟକ । ମୂଲ୍ୟବାନ ଧାତୁର ଉପଲବ୍‌ଧତା, ଯୋଗାଣର ନିର୍ଦ୍ଦିଷ୍ଟତାକୁ ସ୍ପଷ୍ଟ କରିବା, କୃତ୍ରିମ ବୁଦ୍ଧିମତ୍ତା ପାଇଁ କାର୍ଯ୍ୟ କରିବାକୁ ଉତ୍ତରଦାୟୀ ହୋଇ କାର୍ଯ୍ୟକରିବା ସମୟରେ ଉଦ୍‌ଭାବନ ଏବଂ ନବସର୍ଜନକୁ ସମାନ ଭାବେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ବ୍ରାଜିଲର ରାଷ୍ଟ୍ରପତି ଲୁଲା ଶୀତଳଯୁଦ୍ଧକାଳୀନ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ସହ ବ୍ରିକ୍ସର ତୁଳନା କରିଥିଲେ । ଗୋଟିଏ ପଟେ ଜି-୭, ଜି-୨୦ ପରି ଧନଶାଳୀ ରାଷ୍ଟ୍ରଗୁଡିକର ଗୋଷ୍ଠୀ ବିଶ୍ୱର ଅର୍ଥନୀତିକୁ କ୍ଷତି ପହଞ୍ଚାଇବା, ଆମେରିକା ପ୍ରଥମ ନୀତିକୁ ଟ୍ରମ୍ପ ଜୋର ଦେବା ବେଳେ ବ୍ରିକ୍ସ କୂଟନୀତିକ ବହୁପକ୍ଷୀୟ ବିଚାର ଆଲୋଚନା ବିଷୟରେ କହିଛି । ଏପରିକି ବ୍ରିକ୍ସ ମୁଦ୍ରା ବିଷୟ ଆଲୋଚନାକୁ ଆସିବା ପରେ ଟ୍ରମ୍ପ କଟକଣା ଧମକ ମଧ୍ୟ ଦେଇଛନ୍ତି । କାରଣ ବ୍ରିକ୍ସ ସଦସ୍ୟ ରାଷ୍ଟ୍ର ଭାରତ-ରୁଷ ମଧ୍ୟରେ ବାଣିଜ୍ୟ ସ୍ଥାନୀୟ ମୁଦ୍ରାରେ ହେଉଛି । ଆଗାମୀ ଦିନରେ ବ୍ରିକ୍ସ ମୁଦ୍ରା ପ୍ରଚଳନ ପରେ ଆମେରିକୀୟ ଡଲାର ପ୍ରତି ଯେ ଆହ୍ୱାନ ସୃଷ୍ଟି ହେବ ଏହା ସାଧାରଣ କଥା । ତେଣୁ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ସମ୍ଭାବ୍ୟ କ୍ଷତିକୁ ଆକଳନକରି ରୁଷିଆ, ଚୀନ ଏବଂ ଭାରତକୁ ଟାର୍ଗେଟ କରିଛନ୍ତି । ନିକଟରେ ଡିଜିଟାଲ ଦେଣନେଣ କ୍ଷେତ୍ରରେ ଭିସା ଏବଂ ମାଷ୍ଟରକାର୍ଡକୁ ପଛରେ ପକାଇ ଭାରତର ୟୁପିଆଇ ବ୍ୟବସ୍ଥା ପ୍ରଥମ ସ୍ଥାନ ଦଖଲ କରିଛି । ପୂର୍ବରୁ ବଜାରରେ ଆମେରିକା କାର୍ଡର ଯେଉଁ ପ୍ରଭୁତ୍ୱ ରହିଥିଲା ତାହା ଆଗାମୀ ଦିନରେ ଯେ ହ୍ରାସ ହେବ, ଏହା ତାର ପୂର୍ବ ସଂକେତ ।

ଯଦିଓ ବ୍ରାଜିଲ, ରୁଷିଆ, ଭାରତ, ଚୀନ ଓ ଦକ୍ଷିଣ ଆଫ୍ରିକା ବ୍ରିକ୍ସର ସ୍ଥାୟୀ ସଦସ୍ୟ ରାଷ୍ଟ୍ର ତଥାପି ଏହି ସଂଗଠନକୁ ସଶକ୍ତ କରିବା ଉଦ୍ଦେଶ୍ୟରେ ସମୟକ୍ରମେ ଅନ୍ୟାନ୍ୟ ସହଯୋଗୀ ରାଷ୍ଟ୍ରଗୁଡିକୁ ମଧ୍ୟ ସଦସ୍ୟତା ପ୍ରଦାନ କରାଯାଇଛି । ଇଜିପ୍ଟ, ଇଣ୍ଡୋନେସିଆ, ଇରାନ, ଇଥିଓପିଆ, ସଂଯୁକ୍ତ ଆରବ ଅମିରାତ (ୟୁଏଇ) ସେହି ନୂଆ ସଦସ୍ୟ ତାଲିବାର ରହିଛନ୍ତି । ପାହାଡ ପର୍ବତ ଘେରା, ସବୁଜିମା ଭରା ରିଓ ସ୍ଥିତ ମ୍ୟୁଜିୟମ୍, ଅଫ୍ ମଡର୍ଣ୍ଣ ଆର୍ଟଠାରେ ଶିଖର ବୈଠକର ଆୟୋଜନ ହୋଇଥିଲା । ଏଥିଲେ ବଲିଭିଆ, କ୍ୟୁବା, କାଜାଖସ୍ଥାନ, ଉଜ୍‌ବେକିସ୍ଥାନ, ମାଲେସିଆ ଓ ଭିଏତନାମ ଆଦି ରାଷ୍ଟ୍ର ସହଯୋଗୀ ତାଲିକାରେ ରହିଛନ୍ତି । ବ୍ରିକ୍ସ ଦେଶଗୁଡିକର ଜିଡିପି ବିଶ୍ୱର ୩୯ପ୍ରତିଶତ ଏବଂ ବାଣିଜ୍ୟିକ ଜିଡିପି ୨୩ ପ୍ରତିଶତ ରହିଛି । ଏହାଛଡା ସିଧାସଳଖ ବିଦେଶ ପୁଞ୍ଜିନିବେଶରେ ୨୪ପ୍ରତିଶତ ଏବଂ ବିଶ୍ୱ ତୈଳ ଉତ୍ପାଦନରେ ୪୩ପ୍ରତିଶତ ଅଂଶ ଏହିସବୁ ସଦସ୍ୟ ରାଷ୍ଟ୍ରଗୁଡିକଙ୍କ ହାତରେ ରହିଛି । ଜି୭ ପରି ଧନୀ ରାଷ୍ଟ୍ରଗୁଡିକର ମିଳିତ ଅର୍ଥନୀତି ୪୫ ଟ୍ରିଲିଅନ ଡଲାରରେ ଥିବା ସ୍ଥଳେ ବ୍ରିକ୍ସର ସଦସ୍ୟ ରାଷ୍ଟ୍ର ଗୁଡିକର ମିଳିତ ଅର୍ଥନୀତି ୬୦ ଟ୍ରିଲିଅନ ଡଲାରକୁ ଛୁଇଁଛି । ଏଥିରେ ଦକ୍ଷିଣ ବିଶ୍ୱ ଏବଂ ଏସୀୟ ରାଷ୍ଟ୍ରଗୁଡିକର ଅଧିକ ଅଂଶ ରହିଛି । ଏକଥା ସତ ଯେ ବ୍ରିକ୍ସ ରାଷ୍ଟ୍ରଗୁଡିକ ଏବେ ନଗଦମୁକ୍ତ ଦେଣନେଣ, ମହାକାଶ ଏବଂ ଉପଗ୍ରହ ଟେକ୍ନୋଲୋଜୀ, ଡିଜିଟାଲ ସାଧାରଣ ଢାଞ୍ଚାର ନିର୍ମାଣ, ସ୍ୱଚ୍ଛ ବିଦ୍ୟୁତ ଶକ୍ତି, ନବସର୍ଜନ ଆଧାରିତ ସହଯୋଗ ଉପରେ ଜୋର ଦେଉଛନ୍ତି । ଦେଶ- ଦେଶ ମଧ୍ୟରେ ଦେଣ-ନେଣ କ୍ଷେତ୍ରରେ ଭାରତ ନିଜ ୟୁପିଆଇକୁ ବ୍ୟବହାର କରି ବେଶ୍ ସଫଳତା ପାଇଛି ।

ବ୍ରିକ୍ସ ବୈଠକ ପରେ ପ୍ରଧାନମନ୍ତ୍ରୀ ମୋଦି ବ୍ରାଜିଲର ଓ ବ୍ରାସିଲିଆ ଗସ୍ତ କରି ଦ୍ୱିପାକ୍ଷିକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଦୁଇ ଦେଶର ଦ୍ୱିପାକ୍ଷିକ ସଂପର୍କ ୧୯୪୮ରେ ଆରମ୍ଭ ହୋଇଥିଲା । ୩ ମଇ ୧୯୪୮ରେ ଭାରତ ରିଓ ଡେ ଜେନେରୋଠାରେ ନିଜ କୂଟନୀତିକ କାର୍ଯ୍ୟାଳୟ ଖୋଲିଥିଲା ଯାହା ୧ ଅଗଷ୍ଟ ୧୯୭୧ରେ ବ୍ରାସିଲିଆକୁ ସ୍ଥାନାନ୍ତରିତ ହୋଇଥିଲା । ଭାରତରେ ଗୋଆର ସାମିଲକୁ କେନ୍ଦ୍ରକରି କିଛି ବର୍ଷ ଦୁଇଦେଶ ମଧ୍ୟରେ ସଂପର୍କ ତିକ୍ତ ହୋଇଥିଲା । ୨୦୦୬ରୁ ଦୁଇ ରାଷ୍ଟ୍ର ମଧ୍ୟରେ ସଂପର୍କ ରଣନୀତିକ ସ୍ତରକୁ ଆସିଛି । ବ୍ରାସିଲିଆଠାରେ ପ୍ରଧାନମନ୍ତ୍ରୀ ମୋଦି ପହଞ୍ଚିବା ପରେ ତାଙ୍କୁ ସଂସ୍କୃତ ଶ୍ଳୋକ ଏବଂ ପାରମ୍ପରିକ ବାଦ୍ୟ -ନୃତ୍ୟ ସହ ସ୍ୱାଗତ କରାଯାଇଥିଲା । ପ୍ରଧାନମନ୍ତ୍ରୀଙ୍କୁ ଘୋଡାସବାର ବାହିନୀର ସ୍ୱାଗତ ବଡ ଚିତ୍ତାକର୍ଷକ ଥିଲା । ବ୍ରାଜିଲ ରାଷ୍ଟ୍ରପତି ଲୁଲାଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ମୋଦିଙ୍କୁ ବ୍ରାଜିଲର ସର୍ବୋଚ୍ଚ ସମ୍ମାନ "ଦି ଗ୍ରାଣ୍ଡ କଲାର ଅଫ୍ ଦି ନେସନାଲ ଅର୍ଡର ଅଫ୍ ଦି ସାଉଦର୍ଣ୍ଣ କ୍ରସ" ପ୍ରଦାନ କରାଯାଇଥିଲା । ପ୍ରତ୍ୟୁତ୍ତରରେ ମୋଦି ସେହି ସମ୍ମାନ ଭାରତର ଜନସାଧାରଣଙ୍କ ସମ୍ମାନ ବୋଲି କହିଥିଲେ ।

ଦ୍ୱିପାକ୍ଷିକ ଆଲୋଚନାରେ ଆଗାମୀ ପାଞ୍ଚବର୍ଷରେ ବାଣିଜ୍ୟିକ ସହଯୋଗ ୨୦ବିଲିଅନ ଡଲାର ସ୍ତରକୁ ନେବା, କ୍ରୀଡା ଓ ପର୍ଯ୍ୟଟନକୁ ଗୁରୁତ୍ୱ ଦେବା, ସୁପର କମ୍ପ୍ୟୁଟର, କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ସହଯୋଗ, କୃଷି ଓ ପଶୁପାଳନ କ୍ଷେତ୍ରରେ ଦୁଇଦେଶ ମିଶି କାର୍ଯ୍ୟକରିବା, ଖାଦ୍ୟ ପ୍ରକ୍ରିୟାକରଣ ଏବଂ କୃଷି ଗବେଷଣା କ୍ଷେତ୍ରରେ ଅଧିକ ସହଯୋଗ, ପାରମ୍ପାରିକ ଓ ଆୟୁର୍ବେଦ ଚିକିତ୍ସାର ପ୍ରସାର, ୟୁପିଆଇର ପ୍ରଚଳନ, ସେମିକଣ୍ଡକ୍ଟର ମହାକାଶ ବିଜ୍ଞାନ କ୍ଷେତ୍ରରେ ମିଳିତ କାର୍ଯ୍ୟ, ସୁରକ୍ଷା, ପ୍ରତିରକ୍ଷା କ୍ଷେତ୍ରରେ ଅଧିକ ସହଯୋଗ ପାଇଁ ଆଲୋଚନା ହୋଇଥିଲା ।

କ୍ଷେତ୍ରଫଳ ଦୃଷ୍ଟିରୁ ବିଚାରକଲେ ବ୍ରାଜିଲ ପୃଥିବୀର ୫ମ ବୃହତରାଷ୍ଟ୍ର ହୋଇଥିଲାବେଳେ ଭାରତ ୭ମ ସ୍ଥାନରେ ରହିଛି । ଜନସଂଖ୍ୟା ଏବଂ ଅର୍ଥନୀତିର ଆକାର ଦୃଷ୍ଟିରୁ ଭାରତ ବ୍ରାଜିଲଠାରୁ ଆଗରେ ଥିଲେ ମଧ୍ୟ ମୁଣ୍ଡପିଛା ଅର୍ଥନୀତିରେ ବ୍ରାଜିଲ ଭାରତଠାରୁ ଆଗରେ ରହିଛି । ବ୍ରିକ୍ସ, ଜି-୨୦, ଜି -୪ ଆନ୍ତର୍ଜାତିକ ସୌର ମେଣ୍ଟ, ଆରବିଏସ୍ଏ, ବିଶ୍ୱ ଜୈବ ଇନ୍ଧନ ମେଣ୍ଟ ଆଦି ଅନେକ ସଂଗଠନରେ ଭାରତ ସହ ବ୍ରାଜିଲ ମିଶି କାର୍ଯ୍ୟ କରୁଛି । ଜାତିସଂଘ, ବିଶ୍ୱବାଣିଜ୍ୟ ସଂଗଠନ ଆଦିରେ ଭାରତ ସହ ବ୍ରାଜିଲ ଅନେକ ବିଷୟରେ ପରସ୍ପରକୁ ସମର୍ଥନ କରୁଛନ୍ତି । ଭାରତର ପରିବହନ ବିମାନ ଚଳାଚଳ କ୍ଷେତ୍ରରେ ବ୍ରାଜିଲର ଏମ୍ବ୍ରୋୟର କମ୍ପାନୀ ସ୍ଥିତି ମଜଭୁତ କରିବାକୁ ଚାହୁଁଛି । କାରଣ ଆଗାମୀ ଦିନରେ ଏକହଜାରରୁ ଅଧିକ ପରିବହନ ବିମାନ ଭାରତର କମ୍ପାନୀମାନେ କିଣିବେ । ଛୋଟ ବିମାନ କ୍ଷେତ୍ରରେ ଏମ୍ବ୍ରୋୟର ଅଧିକ ବିମାନ ବିକ୍ରି କରିବାକୁ ଚାହୁଁଛି । ସେହିପରି ଭାରତ ମଧ୍ୟ ଟେକ୍ନୋଲୋଜୀ, ଔଷଧପତ୍ର, ପ୍ରତିରକ୍ଷା ସାମଗ୍ରୀ କ୍ଷେତ୍ରରେ ବ୍ରାଜିଲରେ ନିଜର କାର୍ଯ୍ୟବୃଦ୍ଧି କରିବାକୁ ଯୋଜନା ରଖିଛି ।

ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ୨୦୨୪-୨୫ରେ ୧୨.୨୦ ବିଲିଅନ ଡଲାରକୁ ଛୁଇଁଛି । ଭାରତରୁ ବ୍ରାଜିଲକୁ ରପ୍ତାନୀ ୬.୭୭ ବିଲିଅନ ଡଲାର ଥିଲାବେଳେ ବ୍ରାଜିଲରୁ ଭାରତକୁ ଆମଦାନୀ ୫.୪୩ ବିଲିଅନ ଡଲାର ରହିଛି । ଭାରତରୁ ବ୍ରାଜିଲକୁ ମୁଖ୍ୟତଃ ପେଟ୍ରୋଲଜାତ ଦ୍ରବ୍ୟ, ରାସାୟନିକ ପଦାର୍ଥ, ଆଲୁମିନିୟମ , କୃଷି-ରାସାୟନିକ ଦ୍ରବ୍ୟ, ଔଷଧ ଆଦି ରପ୍ତାନୀ ହେଉଛି । ସେହିପରି ବ୍ରାଜିଲରୁ ତୈଳ, ସୋୟାବିନ ତୈଳ, ସୁନା, ଚିନି, କପା, କାଠ, ଲୁହାପଥର, ରାସାୟନିକ ପଦାର୍ଥ ଆମଦାନୀ କରୁଛି । ବ୍ରାଜିଲରେ ଭାରତର ନିବେଶ ପ୍ରାୟ ୬ ବିଲିଅନ ଡଲାରରୁ ଅଧିକ ହେବ । ଗ୍ଲେନମାର୍କ, ଜିଡସ କାଡିଲା, ସନ ଫାର୍ମା, ରେଡିସ ଲାବୋରେଟୋରିଜ୍, ପିଡିଲାଇଟ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ , ଓଏନ୍‌ଜିସି ବିଦେଶ ଲିମିଟେଡ୍ ଇଫକୋ, ବିପିଆରଏଲ, ଟାଟା ମୋଟର୍ସ, ବଜାଜ, ମହିନ୍ଦ୍ରା ଟ୍ରାକ୍ଟରସ୍, ଟିସିଏସ୍ ଇନ୍‌ଫୋସିସ୍, ଏଚସିଏଲ୍, ୱିପ୍ରୋ ପରି ଭାରତୀୟ କମ୍ପାନୀଗୁଡିକ ବ୍ରାଜିଲରେ ବ୍ୟବସାୟ କରୁଥିବା ସମୟରେ ପୋଲୋ, ବାଲେ, ଷ୍ଟେଫାନିନି, ଗେର୍ଡାଉ, ୱେଗ, କମ୍ପସିସ୍, ଡେଡିନୀ, ଫାର୍ମାସ କୁଞ୍ଜ, ପେର୍ଟୋ, ଫାନେସ୍ ପରି ବ୍ରାଜିଲର କମ୍ପାନୀ ଭାରତରେ କାମ କରୁଛନ୍ତି । ରାଜନୀତି-ପ୍ରତିରକ୍ଷା ଆଲୋଚନା (୨+୨) ୨୦୨୪ରୁ ଆରମ୍ଭ ହୋଇଛି । ମହାକାଶ କ୍ଷେତ୍ରରେ ୨୦୨୧ରେ ବ୍ରାଜିଲିର ଆମୋଜୋନିଆ -୧ ଉପଗ୍ରହକୁ ଭାରତ ମହାକାଶକୁ ପ୍ରେରଣ କରିଥିଲା । ସାଂସ୍କୃତିକ ଦୃଷ୍ଟିରୁ ଦେଖିଲେ ଭାରତର ଧର୍ମ-ସଂସ୍କୃତି ପ୍ରତି ବ୍ରାଜିଲବାସୀଙ୍କ ଶ୍ରଦ୍ଧା ରହିଛି । ରାମକୃଷ୍ଣ ମିଶନ, ଇସକନ୍, ସତ୍ୟସାଇ ଅନୁଷ୍ଠାନ, ମହର୍ଷି ମହେଶ ଯୋଗୀଙ୍କ ଅନୁଷ୍ଠାନଗୁଡିକ ବ୍ରାଜିଲରେ ନିଜର ଶାଖା ମାଧ୍ୟମରେ କାର୍ଯ୍ୟ କରୁଛନ୍ତି । ଓଡିଶୀ, ଭରତନାଟ୍ୟମ୍, କଥକ, କୁଚିପୁଡି ଆଦି ନୃତ୍ୟର ଶିକ୍ଷାକେନ୍ଦ୍ର ବ୍ରାଜିଲରେ ରହିଛି । ରାମାୟଣର ମଞ୍ଚାଭିନୟ ବ୍ରାଜିଲରେ ହେଉଛି । ମଇ ୨୦୨୧ରେ ସାଓ ପାଓଲୋଠାରେ ଲାଟିନ ଆମେରିକାରେ ଭାରତର ପ୍ରଥମ ସାଂସ୍କୃତିକ କେନ୍ଦ୍ର ଖୋଲାଯାଇଥିଲା । ବ୍ରାସିଲିଆ ଏବଂ ସାଓ ପାଓଲୋରେ ନୃତ୍ୟ ପ୍ରଶିକ୍ଷଣ ଏବଂ ଯୋଗଶିକ୍ଷା ଶିବିର ଚାଲୁରହିଛି । ୨୦୨୪ରେ ବ୍ରାଜିଲର ମାଟୋ ଏଗ୍ରୋସୋ ଡୋ ସୁଲ ପ୍ରଦେଶର ପାଠ୍ୟକ୍ରମରେ ଯୋଗଶିକ୍ଷାକୁ ସାମିଲ କରାଯାଉଛି । ବ୍ରାଜିଲର ଚିକିତ୍ସା ମଧ୍ୟରେ ଆୟୁର୍ବେଦ ଏବଂ ଯୋଗ ସାମିଲ ହୋଇଛି । ଦି ବ୍ରାଜିଲିଆନ୍ ଆସୋସିଏସନ୍ ଅଫ୍ ଆୟୁର୍ବେଦ ଦେଶର ନଅଗୋଟି ପ୍ରଦେଶରେ ନିଜ କାର୍ଯ୍ୟାଳୟ ଖୋଲି ଏ କ୍ଷେତ୍ରରେ ସରକାରଙ୍କୁ ସହଯୋଗ କରୁଛି । ସେହିପରି ଗ୍ଲୋରିଆ ୨୫ ଜାନୁଆରୀ ୨୦୨୦ରେ ଭାରତ ସରକାର ବ୍ରାଜିଲର ପ୍ରଫେସର ଲିଆଡିସକିନ୍ ଏବଂ ଏରିଏରାଙ୍କୁ ସାମାଜିକ କାର୍ଯ୍ୟ ଓ ଶିକ୍ଷାକ୍ଷେତ୍ରରେ ଅବଦାନ ପାଇଁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରିଛନ୍ତି । ମଇ ୨୦୨୫ରେ ବ୍ରାଜିଲର ବିଶ୍ୱବିଦ୍ୟା ଗୁରୁକୁଳମ୍‌ର ପ୍ରତିଷ୍ଠାତା ଜୋନାସ ମାସେଟୀଙ୍କୁ ମଧ୍ୟ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରାଯାଇଛି । ଗତବର୍ଷ ୧୭-୩୦ ଅକ୍ଟୋବର, ୨୦୨୪ ପର୍ଯ୍ୟନ୍ତ ଭାରତୀୟ ସିନେମା ପ୍ରଦର୍ଶନ ୪୮ତମ ସାଓପାଓଲୋ ଆନ୍ତର୍ଜାତିକ ସିନେମା ମହୋତ୍ସବ ସମୟରେ ହୋଇଥିଲା । ପ୍ରାୟ ଚାରିହଜାର ଭାରତୀୟ ରିଓ, ସାଓପାଓଲୋ, ମାନାଉସ୍‌ରେ ଏବେ କାର୍ଯ୍ୟ କରୁଛନ୍ତି । ପ୍ରଧାନମନ୍ତ୍ରୀ ମୋଦିଙ୍କ ଏହି ସଫଳ ଗସ୍ତପରେ ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କ ଅଧିକ ସୁଦୃଢ ହେବା ଆଶା କରାଯାଏ ।


ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩


# ପରମ ବୈଷ୍ଣବ ଶଙ୍କର


ଆଶ୍ରିତ ଅତୀଶ


ଶ୍ରୀମଦ ଭାଗବତର ଅନ୍ତିମ ଶ୍ଳୋକରେ କୁହାଯାଇଛି ନଦୀ ମାନଙ୍କ ମଧ୍ୟରେ ଯେପରି ଗଙ୍ଗା ଶ୍ରେଷ୍ଠ ସେହିପରି ବୈଷ୍ଣବ ମାନଙ୍କ ମଧ୍ୟରେ ଭଗବାନ ଶିବ ଶ୍ରେଷ୍ଠ ସେ ପରମ ଭାଗବତ । ଭଗବାନ ଆଶୁତୋଷ ଅଳ୍ପ ଉପଚାର ଓ ନିର୍ମଳ ଭକ୍ତି ଦେଖିଲେ ଭକ୍ତର ମନୋବାଞ୍ଛା ପୂରଣ କରନ୍ତି ହେଲେ ସେ ଯାହା ଉପରେ ବେଶୀ ଖୁସି ହୋଇଯାନ୍ତି ତାକୁ ଯୋଗ୍ୟ ଗୁରୁ ସହିତ ଶ୍ରୀ ହରିଙ୍କ ଭକ୍ତି ପ୍ରଦାନ କରନ୍ତି ଯାହାଦ୍ୱାରା ତାର ମାନବ ଜୀବନ ସଫଳ ହେବ ସେଥିପାଇଁ ଭାଗବତ କହିଲେ 'ମନୁଷ୍ୟ ଜନ୍ମେ ଲାଭ, ଯେବେ ଗୋବିନ୍ଦେ କରେ ଭାବ' । ମୋର ମାନସ ଗୁରୁ ଶ୍ରୀ ମଲୁକ ପୀଠାଧୀଶ୍ୱର ଶ୍ରୀ ରାଜେନ୍ଦ୍ର ଦାସ ମହାରାଜ କହନ୍ତି ଭଗବାନ ଭୂତଭାବନ ଶିବ ପ୍ରସନ୍ନେ ହେଲେ ରାମକୃଷ୍ଣଙ୍କୁ ତୁମ କୋଳରେ ଆଣି ବସାଇ ଦେବ ।

ଶ୍ରୀଧାମବୃନ୍ଦାବନ ଯମୁନା ନଦୀ କୂଳରେ ଶ୍ରୀଲସନାତନ ଗୋସ୍ୱାମୀ ବସି ଭାଗବତ ଚିନ୍ତା କରୁଥାନ୍ତି ଏହି ସମୟରେ ଜଣେ ବ୍ରହ୍ମଣ ଆସି ତାଙ୍କୁ ପ୍ରଣାମ କଲେ ଓ ନିଜ ପରିଚୟ ପ୍ରଦାନ କଲେ କହିଲେ ମୋର ନାମ ଜୀବନ ଭଟ୍ଟାଚାର୍ଯ୍ୟ ମୋର ଘର ହେଉଛି ବର୍ଦ୍ଧମାନ ଜିଲ୍ଲାର ମାନକର ଗ୍ରାମରେ । ଆସିବା କାରଣ କହିଲେ ମୁଁ ଜଣେ ଦରିଦ୍ର ବ୍ରାହ୍ମଣ ମୋର ପିତାମାତା ନାହାନ୍ତି ଜୀବନ ନିର୍ବାହ କରି ପାରିବ ବହୁତ କଷ୍ଟ ହେଲା ତେଣୁ କାଶୀ ଯାଇ ସେଠାରେ ଶ୍ରୀ ବିଶ୍ୱନାଥଙ୍କ ପାଖରେ ଅଧିଆ ପଡ଼ିଲି ପ୍ରଭୁ ପ୍ରସନ୍ନ ହୋଇ କହିଲେ ତୁମେ ବୃନ୍ଦାବନ ଚାଲିଯାଅ ସେଠାରେ ମୋର ଭକ୍ତ ଶ୍ରୀସନାତନ ଗୋସ୍ୱାମୀ ଅଛନ୍ତି ସେ ତୁମର ମନ କାମନା ପୂର୍ଣ୍ଣ କରିବେ ତେଣୁ ଆପଣଙ୍କ ପାଖକୁ ଆସିଛି । ଏହି କଥା ଶୁଣି ସନାତନ ଗୋସ୍ୱାମୀ ଭାବିଲେ ମୁଁ ଜଣେ ବୈରାଗୀ ସନ୍ନ୍ୟାସୀ ଭିକ ମାଗି ଖାଉଛି ମୋର ପାଖରେ କ'ଣ ଅଛି ଯେ ବାବା ବିଶ୍ୱନାଥ ମୋର ପାଖକୁ ଏହି ବ୍ରାହ୍ମଣଙ୍କୁ ପଠାଇଛନ୍ତି । ପୁଣି ଭାବିଲେ ବାବା ବିଶ୍ୱନାଥ ପଠାଇଛନ୍ତି ମାନେ ଏହା ଭିତରେ କିଛି ରହସ୍ୟ ରହିଛି । ହଟାତ ମନେ ପଡ଼ିଗଲା ପୂର୍ବକଥା ଦିନେ ସେ କଳକଳନାଦିନୀ ଯମୁନା ନଦୀରେ ସ୍ନାନ କଲାବେଳେ ପାଇଥିଲେ ଗୋଟେ ପରଶମଣି । ଏହି ପ୍ରକାର ମୂଲ୍ୟବାନ ପଥରେ ତାଙ୍କର ବା କ'ଣ କାମରେ ଆସିବ । ତେଣୁ ତାକୁ ସେ ଯମୁନା ନଦୀରେ ବିସର୍ଜନ କରିଦେଲେ । ସେହିକଥା ମନେ ପଡ଼ିବାରୁ ବ୍ରାହ୍ମଣଙ୍କୁ କହିଲେ ସେହି ଯମୁନାରେ ଯାଇ ଖୋଜ ତୁମକୁ ପରଶ ମଣି ପ୍ରାପ୍ତ ହେବ । ବ୍ରାହ୍ମଣ ଜଣକ ତାହା ହିଁ କଲେ ଓ ତାଙ୍କୁ ପରଶମଣି ମିଳିଲା ।

ଆନନ୍ଦରେ ଭରିଗଲା ବ୍ରାହ୍ମଣ ମନ । ଭାବିଲା ମୋର ଦରିଦ୍ରତା ଗଲା । ଏ ଧନ ତ ସାରିବାର ନାହିଁ ଯେତେବେଳେ ଚାହିଁବି ଲୁହରେ ପରଶମଣି ଛୁଆଁଇ ସୁନା କରିଦେବି । ଶ୍ରୀସନାତନ ଗୋସ୍ୱାମୀଙ୍କ ପାଦରେ ଦଣ୍ଡବତ କରି ବ୍ରାହ୍ମଣ କହିଲେ ଆପଣଙ୍କ କୃପାରୁ ପୁରୁଷାନୁକ୍ରମିକ ଭାବରେ ମୋର ଆଉ ଦରିଦ୍ରତା ରହିବ ନାହିଁ । ଶ୍ରୀସନାତନ ଗୋସ୍ୱାମୀଙ୍କ ଜୟ ହେଉ ମୋର ଉପରେ ଆପଣଙ୍କ କୃପା ଏହିପରି ଥାଉ ଏହାକହି ଆନନ୍ଦ ମନରେ ସେ ଚାଲିଲେ । କିଛି ବାଟ ଯିବା ପରେ ଜୀବନ ଭଟ୍ଟାଚାର୍ଯ୍ୟଙ୍କ ମନକୁ ହଠାତ୍ ଗୋଟିଏ କଥା ଆସିଲା । ଆଉ ଆଗକୁ ପାଦ ବଢ଼ି ପାରିଲେ ନାହିଁ ଫେରିଲେ ଯମୁନା କୂଳକୁ । ଭାବୁଛନ୍ତି ଏହି ବ୍ୟକ୍ତି ଯେତିକି ବିଚିତ୍ର ତାଠାରୁ ଅଧିକ ମହାନ ଏହାଙ୍କ ହୃଦୟ ତାହା ନହୋଇଥିଲେ ପରଶମଣି ପରି ରତ୍ନ ପାଇଲା ପରେ ତାକୁ ଯମୁନାକୁ କିପରି ଫୋପାଡ଼ି ଦେଇଥାନ୍ତେ ? ଦୁଇ ପ୍ରକାର ଲୋକ ଏହି କାର୍ଯ୍ୟ କରନ୍ତି ଯେଉଁମାନେ ମାନିର ମୂଲ୍ୟ ବୁଝନ୍ତି ନାହିଁ ବା ପାଗଳ । ଆଉ ଯିଏ ମହାନ ସଂସାର ଭୋଗ ବାସନାର ସମ୍ପୂର୍ଣ୍ଣ ଉର୍ଦ୍ଧ୍ୱରେ, ଯେ ଦିବ୍ୟତାର ସନ୍ଧାନ କରିପାରିବ । ଏହାଙ୍କ ସହିତ କଥା ହୋଇ ଜଣାଯାଉଛି ଏ ପାଗଳ ନୁହଁନ୍ତି ତା ହେଲେ ଭାବରୂପକ ରତ୍ନର ଅଧିକାରୀ ତେଣୁ ଜୀବନ ଭଟ୍ଟାଚାର୍ଯ୍ୟ ଫେରି ଆସିଲେ ଶ୍ରୀ ସନାତନ ଗୋସ୍ୱାମୀଙ୍କ ପାଖକୁ ଓ କହିଲେ ଆପଣ ଯେଉଁ ଅମୂଲ୍ୟ ଧନରେ ଧନୀ ହୋଇ ପରଶମଣି ପରି ରତ୍ନକୁ ତୁଚ୍ଛ କରିଦେଇଛନ୍ତି ମୋର ସେହି ରତ୍ନ ଦରକାର । ଶ୍ରୀସନାତନ ଗୋସ୍ୱାମୀ ନିଜେ ପରଶମଣି ପାଲଟି ଯାଇଛନ୍ତି ତାଙ୍କ ପ୍ରଭାବ ଜୀବନ ଭଟ୍ଟାଚାର୍ଯ୍ୟ ନ ଲାଗନ୍ତା କିପରି ? ମୋର ଏହି ପରଶମଣି ଦରକାର ନାହିଁ ମୋତେ ଆପଣ ଭାବରୂପକ ରତ୍ନ ପ୍ରଦାନ କରନ୍ତୁ । ଏହା ଶୁଣି ଶ୍ରୀସନାତନ ଗୋସ୍ୱାମୀ ସେ ବ୍ରାହ୍ମଣଙ୍କୁ ପାଦରୁ ଉଠାଇ ହରିନାମ ରୂପକ ରତ୍ନ ଦକ୍ଷିଣ କର୍ଣ୍ଣରେ ପ୍ରଦାନ କରି ତାଙ୍କ ମନୁଷ୍ୟ ଜୀବନ ସଫଳ କଲେ ।

ଜଣେ ମହାଶୟ ବାୟାଙ୍କୁ ପ୍ରଶ୍ନ କଲେ ବାବା ଆପଣ ଆଶ୍ରମରେ ବାବା ବିଶ୍ୱନାଥଙ୍କ ମନ୍ଦିର କରି ପୂଜା କାହିଁକି କରୁଛନ୍ତି ବୈଷ୍ଣବ ମାନେ ଶିବ ନିର୍ମାଲ୍ୟ ଗ୍ରହଣ କରନ୍ତି ନାହିଁ ବୋଲି ଶୁଣିଛି । ବାବା କହିଲେ ଆଜ୍ଞା ବାଟଟା ତାଙ୍କୁ ଜଣା ? ସେ ମହାଶୟ କହିଲେ ମୁଁ ବୁଝି ପାରିଲିନି ବାୟା - ଭଗବାନ ମହାଦେବ ପରମଭାଗବତ ତାଙ୍କୁ ଦର୍ଶନ କରି କହିବା ମତେ ବାଟ ଦେଖା ସେ ତୁମକୁ ବୈକୁଣ୍ଠର ରାସ୍ତା ଦେଖାଇ ଦେବେ ଯାହା ଫଳରେ ତୁମେ ଯାତ୍ରା ସଫଳ ହେବ । ନିତାଇ ଗୋର ହରି ବୋଲ ।


ଦୂରଭାଷ : ୬୩୭୧୫୮୦୫୨୪





## ଅପରିଚିତଟିଏ ମୁଁ


ନିରଞ୍ଜନ ସାହୁ


ଯିଏ କହିଥିଲା ସବୁ ବୁଝିଦେବ
ଆଜି ସିଏ କହେ କିଏ
ମୋତେ କାଲେ ସିଏ ଚିହ୍ନିନି ଜାଣିନି
ମୁଁ ଅପରିଚିତଟିଏ ।

ଅଜଣା ଅଚିହ୍ନା ମଣିଷଟିଏ ମୁଁ
ଚିହ୍ନି ସିଏ ଚିହ୍ନେ ନାହିଁ
ଯିଏ ଦିନେ ମୋର କଥା ବୁଝୁଥିଲା
ବାଟ ରହୁଥିଲା ଚାହିଁ
ଆଜି ସେ ଏମିତି ଦେଖୁଛି ଯେମିତି
ଅଚିହ୍ନା କହିବ ଯିଏ ।

ରଙ୍ଗ ବଦଳାଏ ମଣିଷ ଏଠାରେ
ସ୍ୱାର୍ଥ ଯାଏ ଯେବେ ସରି
ମିଛଟାରେ ଖାଲି ଅଭିନୟ କରେ
ସ୍ୱାର୍ଥହାନୀ ଲୋକ ପରି
ସେମିତି ହୁଏ ସେ ଅଭିନୟ କରି
ମୁହଁଟା ବୁଲାଇ ନିଏ ।

ଭଲରେ ରହୁ ସେ
ସୁଖରେ ଥାଉ ସେ
ଶାନ୍ତିରେ କଟାଉ ଦିନ
ହୋଇପାରିବିନି ତା'ର ସମକକ୍ଷ
ବଞ୍ଚିଛି ହୋଇ ମୁଁ ଦୀନ
ତାହା ଅମଙ୍ଗଳ ପାଞ୍ଚି ପାରିବିନି
ଆପଣାର ଥିଲା ସିଏ ।


+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ - ୭୫୯୦୧୬
ମୋ : ୯୯୩୮୭୪୧୫୮୩


## ଏବେ ବି ରହିଛି ତୁମକୁ ଚାହିଁ


ନୀଳମଣି ଚାନ୍ଦ


ଏବେ ବି ରହିଛି ତୁମ ପଥ ଚାହିଁ
ଆସିବ ବୋଲିକି ତୁମେ
ଦେଖିବ ସେ ଦିନ ତୁମ ପ୍ରିୟତମ
ପାଦ ପଡିବନି ଭୂମେ ।
ତୁମ ହାତେ ଦେବି ରକ୍ତ ଗୋଲାପଟି
ପ୍ରେମର ପ୍ରତୀକ ପରା
ତୁମ ଅଧରରୁ ପଡ଼ିବ ତ ଝରି
ପୀୟୂଷର ଶତ ଧାରା ।

ସେଦିନର କଥା ଭୁଲିନି ଏ ଯାଏଁ
କହିଥିଲ ହାତ ଧରି
ମୁଁ ତୁମ ପାଇଁଟି ପ୍ରାଣଠୁଁ ଅଧିକ
ଅତୀବ ନିଜର ପରି ।
ଦୁନିଆକୁ ତୁମେ ଭୁଲି ଯାଇଥିଲ
ମୋତେ ପାଇଯିବା ପରେ
ଏବେ ମୁଁ ଜଳୁଛି ବିରହ ନିଆଁରେ
କୁହ କି ଭାବିଛ ଥରେ ।
କଥା ଦେଇ ତୁମେ କଥା ରଖିଲନି
କରୁନାହିଁ ଜମା ରୋଷ
ଏତିକି କହିବି ତୁମେ ନୁହଁ ଦୋଷୀ
ସବୁ ମୋର ଭାଗ୍ୟ ଦୋଷ ।


+ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

## ଅସହାୟ ବାର୍ଦ୍ଧକ୍ୟର ଆତ୍ମଲିପି

### ଅଧ୍ୟାପକ ଶ୍ରୀ ଶରତ କୁମାର ଦାସ



ବୟସ ଗଡ଼ିଗଲେ ଛୁଇଁଯାଏ ଡହକ ଲଗାଣ
ତାଳୁଠୁ ତଳିପା' ଯାଏ;
ଆଉ ଶୁଭେନା ବସନ୍ତର କଳରବ
ଦିଶେନା ହଳଦୀବସନ୍ତର ରଙ୍ଗମଖା ଦିହ ।

ଝାପ୍ସା ଲାଗେ ଦିଗନ୍ତର ଦୃଶ୍ୟ
ଖୁବ ଅସହ୍ୟ ନିଦାଘର ନିର୍ଘାତ ପ୍ରହାର।
ଗୋଟେ ହଜିଯାଇଥିବା କଞ୍ଚାଳିଆ ଜହ୍ନରାତି
ନିରୋଳାରେ ଖୋଜେ ତା' ହଜିଲା ଠିକଣା।

ଶୁଖିଲା ମାଟିରେ ପିଟିହୁଏ ତତଲା ପବନ;
ସ୍ପଷ୍ଟ ବାରିହୋଇପଡୁଥିବା
ବୈଶାଖର ପାଦଚିହ୍ନ ଭିତରେ
ଖଣ୍ଡୁଆଭୂତର ସ୍ୱର୍ଦ୍ଧିତ ପ୍ରବେଶ।

ଭସାମେଘର ଆଖିରୁ ଝରୁପଡୁଥିବା
ଶ୍ରାବଣର ବର୍ଷା ବିନ୍ଦୁ ଲୁହଝାରନ୍ତି ନୀରବରେ।

ଉଡ଼ନ୍ତା ଚଢେଇର ପର ଗଣୁଥିବା ମଣିଷଟି
ଆଜି ନିସ୍ତେଜ ଓ ନିର୍ବାକ

ଘୋଡ଼ା ଚଢ଼ି ବୁଲୁଥିବା ଇଚ୍ଛାମାନେ
ତା'ର ସ୍ଥାଣୁ ଓ ବିକଳାଙ୍ଗ।

କେତେ କ'ଣ ନକରିଛି ସିଏ !
କେତେଥର ନଗିଳିଛି ସେ ଜଳନ୍ତା ନିଆଁକୁ !
କେତେଥର ନବାନ୍ଧିଛି ବନ୍ଧ ସେ ଅଥଳ ଜଳରେ !

ଏବେ ସେ ପରାହତ। ତା' ମଳିନ ମୁହଁ ତଳେ
ଗୁମୁରି କାନ୍ଦୁଛି ଚଇତର ଚିତ୍ରିତ ଚଇତାଳି;
ସେଦିନର ନୀଳନୀଳ ସ୍ମୃତିସବୁ
ଆଜି ରକ୍ତ ଜରଜର
ଏକାଏକା ପଥଯାତ୍ରୀ ସେ ମରୁର ଛାତିରେ ।

ମଉଳିଗଲାଣି ସମ୍ପର୍କର ବାସଫୁଲ
ଚିହ୍ନାମୁହଁ ଲାଗିଲାଣି ଅଚିହ୍ନା ଅଜଣା

ଦୂରେଇଗଲାଣି କୋଳାହଳ ସମୁଦ୍ର ତଟରୁ
ବନ୍ଦୀହେଲେଣି ସ୍ୱପ୍ନମନେ ନିର୍ଜନଦ୍ୱୀପରେ ।

କିଏ ଜଣେ ତା କାନରେ କହୁଚି ଯେପରି -
'ବହିଲାଣି ଅଣଚାଶ ବା'
ଯା' ବାନ୍ଧିଦିଏ ତୋ ପିନ୍ଧା କାନିରେ
ତୋ ଅର୍ଜିତ ସୁଖ-ଦୁଃଖ ଯେତେ ।'

ମଥାନ ଉପରୁ ସୂର୍ଯ୍ୟ ଓହ୍ଲାଇ ଆସିଲେଣି
ସରିଲାଣି ଛାଇଆଲୁଅର ଖେଳ ।

ବିଶ୍ୱାସ ଓ ଅବିଶ୍ୱାସର ପାଚେରୀ ଡେଇଁ
ସମାନ୍ତରାଳଭାବେ ହସଲୁହ ଦୁହେଁ ତା'ର
ଧାଇଁଲେଣି ଅନ୍ତରରୁ ଅନ୍ତରୀକ୍ଷ।

ଏକାନ୍ତ ଅସହାୟ ହୋଇ ଖୋଜୁଛି ସେ
ଏକ ନିରୁଦ୍ଦିଷ୍ଟ ଇଲାକାର ଠିକଣା
ବନ୍ଦ କୋଠରୀର ଅନ୍ଧାରୀ ଉପତ୍ୟକାରେ ।

ଲେଖୁଛି ବସି ସେ ନୀରବରେ
ତା' ଅସହାୟ ବାର୍ଦ୍ଧକ୍ୟର ପାଉଁଶିଆ ଆତ୍ମଲିପି।


+ରାଜନୀତି ବିଜ୍ଞାନ ବିଭାଗ,
ବଡବିଲ ମହାବିଦ୍ୟାଳୟ, ବଡ଼ବିଲ
ଜିଲ୍ଲା-କେନ୍ଦୁଝର-୭୫୮୦୩୫
ମୋ-୮୨୪୯୧୩୭୦୯୧


## ଦୁଃଖ..

### ନୃସିଂହ ଚରଣ ବେହେରା



କାନ୍ଦିବାକୁ ଇଚ୍ଛା ଥିଲେ ମଧ୍ୟ ଶେଷରେ
ଆଖିକୁ ଆସି ପାରିଲାନି ଟୋପାଏ ଲୁହ
ସତେ ଯେମିତି ସରି ଯାଇଥିଲା ମେଘ
ଆକାଶରୁ ଅବା ମାଡି ବସିଥିଲା
ମନକୁ ମୋର ପାହଡ ପାହଡ ଦୁଃଖ ।

କେବେଠୁ ବରଫ ପାଲଟି ସାରିଥିଲେ
ସାତ ସମୁଦ୍ର ତେର ନଈ
ନା ! ବୋଧହୁଏ ମୋର କାନ୍ଦିବା ଜରୁରୀ
ପୂର୍ବ ପ୍ରସ୍ତୁତି କରିବାକୁ ପଡିବ
ଯେତେ ଦୂର ପାଇବ ହାତ ମୋର
ସାଉଁଟି ଆଣିବି ସବୁ ଦୁଃଖ ।

ସବୁକୁ ଏକାଠି କରି ଗଢିବି
ଦୁନିଆ ଯାକର ଦୁଃଖ ଭର୍ତ୍ତି ମୂର୍ତ୍ତିଟିଏ
ଜୀବନ୍ୟାସ ଦେବି ତାକୁ ମୋ ଆଖିରୁ
ଝରୁଥିବା ଦୁଇ ଟୋପା ଲୁହରେ
ତା'ହେଲେ ବୋଧହୁଏ କମିବ ମୋ ଦୁଃଖ ।

ବେଳେବେଳେ ଦୁଃଖ ମୋର
ଝଡା ପତ୍ର ପରି ଉଡି ବୁଲେ ବଡ ଦାଣ୍ଡରେ
ଆଉ ମହାବାହୁଙ୍କ ପାଖରେ
ଆକୁଳ ପ୍ରାର୍ଥନା କରେ..
'ପ୍ରଭୁ ହେ ! କେତେ ଆଉ ମିଳିବ ଯାତନା'
କେବେ ଖୁସି ହେବି ମୁହିଁ ?
କେବେ କମିବ ମୋର ଦୁଃଖ !
ଲୋଡା ନାହିଁ ଆଉ ମୋର ଲୁହ ଏ ଜୀବନେ
ତୁମେ ଫେରେଇ ନିଅ ତୁମର ଦୁଃଖକୁ
ଲିଭେଇ ଦିଅ ମୋ ଜୀବନ ବନାନୀରେ
ଲାଗିଥିବା ଦୁଃଖର ଅନଳକୁ

ଆଉ ପୋଛି ଦିଅ ଦୁଃଖର
ସାମର୍ଥ୍ୟ ବୋଧକ ସବୁ ଶବ୍ଦ ।

ଚାହୁଁ ନାହିଁ ଆଉ ମୁଁ କାଣିଚାଏ ଲୁହ
ଶୁଣି ମହାବାହୁ ମୋର ବିକଳ ପ୍ରାର୍ଥନା
ଅବଶ ଶରୀର ମୋର ଆଉ ପାରୁନାହିଁ
ଯନ୍ତ୍ରଣା ଜର୍ଜରିତ ଏଇ ମଣିଷ ଆଜି କ୍ଳାନ୍ତ
କ'ଣ ପ୍ରଭୁ ମୋ ପ୍ରର୍ଥାନା ସବୁ ମିଳେଇ
ଯାଉଛି କି ମହାଶୂନ୍ୟରେ.. ?
ଆଉ ଚାହୁଁନି ମୁଁ ସଂସାରର ଜଞ୍ଜାଳ ।

ବାଟବଣା ବହୁତ ହେଲି ପ୍ରଭୁ
ଏବେ କେବଳ ଇଚ୍ଛା ଢାଳିବାଲୁ
ତବ ଚରଣେ ମୋର ବାକି ଆୟୁଷ..
ଆଉ ଶେଷ କରିବାକୁ ସବୁ ଦୁଃଖ ।


+ପ୍ଲଟ ନମ୍ବର-୨୧୭/ପି,
ବାୟାବାବା ମଠ ଲେନ୍,
ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର-୨୨
ମୋ: ୯୦୯୦୪୫୯୭୪୫


## ଅଭିମାନ ବର୍ଷା ଉପରେ

### ଅଞ୍ଜଳି ପଣ୍ଡା



ଉତ୍ତପ୍ତ ଜଳେ ନିତ୍ୟ, ନିତ୍ୟ ଅବଗାହି
ମନ ମୋର ବିଷର୍ଣ୍ଣ ଯାଇଥିଲା ହୋଇ
ଅନେକ ଅପେକ୍ଷା ଥିଲା ମୌସୁମୀକୁ
ଚାତକ ସମଦୃଷ୍ଟି ଥିଲା ତା' ବାଟକୁ
ନ ଅଇଲା ଚଗଲିଟା ଖେଳି ଲୁଚକାଳି
ଅପେକ୍ଷାର ତର ନ ପାରିଲି ଝେଲି,
ବନ୍ଧୁଙ୍କ ସହିତେ ଗଲି ମେଘାଳୟେ ଚାଲି,
ମାତ୍ର କି ଦେଖିଲି ସେଠି ମୁହିଁ
ବରଷାକୁ ଏକ ଅଭିନବ ରୂପେ
ବାରିଦ ବଦନା ଅଶ୍ରୁ ଢାଳୁ ଥିଲା
ଅବିରତେ ।
କଳାମେଘି ପାଟେ ହୋଇ ଆଭୂଷିତା
ଇନ୍ଦ୍ରଧନୁ ଓଢ଼ଣୀରେ ହୋଇଣ ମଣ୍ଡିତା
ତା' ଓଠର ହସଥିଲା ବିଜୁଳି ସମ
ପାଦେ ପାଉଁଜି ବାଜୁଥିଲା ରୁଣଝୁଣ

ରିମ୍‌ଝିମ୍ ଚାଲି ତାର କ୍ଷିପ୍ର ଅତି ବେଗ
ମେଘ ମହ୍ଲାର ରାଗେ ଗାଇଥିଲା ଗୀତ ।
ପୁଣି ଚେରାଗୁଞ୍ଜିରେ ତାହ ସହ
ହେଲା ମୋର ଦେଖା
ଗୁରୁ ଗମ୍ଭୀର ସ୍ୱରେ ମେଘବତୀ
ହେଉଥିଲା କଥା
ବାଦଲ ଫଟା ମେଘେ ଭିଜାଇ ମେଦିନୀ
ଉଚ୍ଛଳ ଝରଣା ସବୁ
ଫୁଲି ଉଠି ଦିଶନ୍ତି ଶ୍ରାବଣୀ
ଆକାଶେ ବାଦଲଙ୍କ ଭିଡ଼
ଧୂଆଁଳିଆ ପର୍ବତ ଶିଖର

ମାଟିଗନ୍ଧେ ମନେ, ଜାଗେ ଶିହରଣ
ଲାଗଇ ସେ ସ୍ଥାନ କେଉଁ ଏକ ତପୋବନ
ମନୋରମ ଧୂଆଁଧାର, ସେ ମେଘର ଦଶା
ହଟେଲର ଝରକା ଏପାଖେ
ମୁଁ ଥାଇ ସେପାଖେ ବରଷା
ହସି ଦେଇ କହିଲା କଥା
ଯାଇଛି ତୁମ ରାଇଜ ଓଡ଼ିଶା ।

ଆଜି ମୁଁ ଫେରିଛି ନିଜ ସହରକୁ
ଜଳେ ଉବୁଟୁବୁ ଦେଖେ
ନିଚ୍ଛକ ଦୃଶ୍ୟକୁ
ମନେ ମୋର ଅଭିମାନ
ତୋ ଲାଗି ଅପେକ୍ଷାର, ଦେଲୁ ଏ କଷଣ ।
କହିଲା କଠୋର ସ୍ୱରେ
ସଫାରଖ ନାଳନର୍ଦ୍ଦମା
ଯିବା ଲାଗି ଜଳ
ସ୍ୱଚ୍ଛତାକୁ ରକ୍ଷା କରି
କରି ପରିଷ୍କାର, ମନେରଖ
ଜଳ ବିହୁନେ ସୃଷ୍ଟି ହୁଏ ନାଶ
ଜଳ ବହୁଳେ ମଧ ସୃଷ୍ଟିର ବିନାଶ ।


+ ଚୌଧୁରୀ ସାହି, ବାଲେଶ୍ୱର


## ଅଶରୀରୀ ମନ

### ଲକ୍ଷ୍ମୀପ୍ରିୟା ମାଇତି



ତୁମ ଆଷାଢ଼ ଶ୍ରାବଣର
ଟିକିଏ ବିଶ୍ୱାସକୁ ନେଇ
ମୁଁ ଆଜିଯାଏଁ ସେମିତି ରହିଯାଇଛି
ତୁମ ଅନୁପସ୍ଥିତିରେ
ଏକା ମନ ନେଇ।

ତୁମେ ବର୍ଷା ପରି ଆସ କି ନ ଆସ
ବାଟୋଇ ହୋଇ ଫେର କି ନ ଫେର
ତଥାପି ଥିବି ମୁଁ ଚାତକ ଭଳି
ଦରମରା ଗଛଟେ ପରି।

ପାଇବାରେ ପ୍ରକୃତ ଆତ୍ମତୃପ୍ତି ନଥାଏ
ଥାଏ ବୋଧେ ହରେଇବାରେ
ସେଇଥିପାଇଁ ତ ...ତୁମକୁ ଜହ୍ନ କରି
ନିଜକୁ କଇଁ କରି ଦେଲି।

ଏବେ ଦୂରରୁ ମୁଁ ତୁମକୁ
ଅତି ସହଜରେ ଦେଖିପାରେ
ତୁମ ଚେହେରାର ମାନଚିତ୍ର
ମୁଁ ଆଖିବୁଜି ଆଙ୍କିପାରେ
ଆଙ୍ଗୁଠି ମାରି ଚିହ୍ନେଇ ପାରେ...
ଏଇଟା ତୁମ ଆଖି ...
ଯିଏ ମୋତେ ଦେଖେ

ଏଇଟା ତୁମ ନାକ...
ଯିଏ ମୋ ବାସ୍ନା ଜାଣିପାରେ
ଏଇଟା ବି ତୁମ କାନ...
ଯିଏ ମୋ ଗୀତ ଶୁଣୁଥାଏ
ଏଇ ଯେ ତୁମରି ଓଠ ...

ଯିଏ ମୋତେ ଗଣି ଗଣି
ଏକାଧିକ ଚୁମ୍ବନ ମାଗିପାରେ
ଠିକ୍ ଅଝଟିଆ ପିଲାଟିଏ ଭଳି...
ଆଉ ବୁଢିଆଣୀ ପରି ଅତି ସରଳ ରେଖାରେ
ମୁଁ ଯାଇ ପହଞ୍ଚିପାରେ ତୁମ ମାନ ଅଭିମାନର
ଅବୁଝା କୋଠରୀ ମଧରେ
ଠିକ୍ ଅଶରୀରୀଟେ ସାଜି
ନା ତୁମେ ଦେଖିପାର...ନା ଅନ୍ୟ କେହି।


+ସମ୍ପାଦିକା ଅନ୍ତରୀକ୍ଷ
ମୋ: ୯୪୩୯୫୩୭୫୯୨




## ସଂଘର୍ଷ !

### ଅଜିତ କୁମାର ରାଉତ

ସଂଘର୍ଷ ଜୀବନେ ଯାହାର
ଜାଣେ ଜୀବନ ମୂଲ୍ୟ
ବିନା ସଂଘର୍ଷରେ ଜୀବନ
ଗୋଡ଼ି ମାଟିର ତୁଲ୍ୟ !

ବୃଥା କରି ଦିଏ ଜୀବନ
ନାଶ ହୁଏ ସମୂଳ
ଯୁବକ ଯୁବତୀ ଶୁଣ ହେ
ସଂଘର୍ଷ ଅଟଇ ମୂଳ !

ସତ୍ୟ କର୍ମ ଧରି ଜୀବନେ
ଆଣ ଗୌରବ କୀର୍ତ୍ତି
ସଂଘର୍ଷର ବଳେ ସମ୍ଭବ
ଛାଡ ଆଳସ୍ୟ କୃତି !

ସର୍ବଦା ସଂଘର୍ଷ କରିଲେ
ଭାଗ୍ୟ ଉଦୟ ହେବ
ସୁଖ ଜୀବନରେ ମିଳିବ
ମାନ ସମ୍ମାନ ଦେବ !

ସଂଘର୍ଷ ବଳରେ ଆନନ୍ଦ
ଜୀବନରେ ରହିଛି
ସଂଘର୍ଷର ଭରା ଜୀବନ
ପୂଜନୀୟ ହେଉଛି !


ଗାଁ କଳାବାଡିଆ !
ସଭାପତି ଉତ୍କଳ ସମ୍ମିଳନୀ,
ଗ୍ରାମ-କଳାବାଡିଆ,
ପୋ-ରାଜନଗର, ଜିଲ୍ଲା-
ଷଢ଼େଇକଳା-ଖରସୁଆଁ,
ଝାଡ଼ଖଣ୍ଡ ରାଜ୍ୟ
(ମୋ) ୬୨୦୫୩୪୩୫୬୯


## ଏଇ ସେ ଅଭିଶପ୍ତ ଜୀବନ

### ପ୍ରତିଭା ଦାଶ



ଦେହଟି ପୁଙ୍ଗୁଳା ଜୀର୍ଣ୍ଣଶୀର୍ଣ୍ଣ
ରହିଛି ମୁହଁରେ ବିଷାଦର ଚିହ୍ନ
ନାହିଁ ପେଟରେ ମୁଠିଏ ଦାନା
ଆଉଟୁପାଉଟୁ ହେଉଛି ଗଣ୍ଡେ ଖାଇବାକୁ
ଏଇତ ସେ ଅଭିଶପ୍ତ ଜୀବନ ।

କାଖରେ ଧରି ଦୟନୀୟ ଶିଶୁ
ଦ୍ୱାର ଦ୍ୱାର ବୁଲୁଛି ଭିକ୍ଷା ପାଇଁ
କାହା ପାଖରେ ନାହିଁ ସମୟ
ଟିକେ ଅନେଇକି ବୁଝିବା ଲାଗି
ସେ ପିଲା ଦି' ଟିର ଦୁଃଖ କାହାଣୀ
ଏଇତ ସେ ଅଭିଶପ୍ତ ଜୀବନ ।

ବାପାମା ଛେଉଣ୍ଡ ହେଲା ଦିନୁ
ଅନବରତ ଚାଲିଛି ଏପରି ଦୁର୍ଦ୍ଦଶା
ନା ମିଳୁଛି ଆଶ୍ରୟ ନା ଉଦ୍ଦିଷ୍ଟ ବିଶ୍ରାମ

ଅନାଦର ଜୀବନ ବିତାଉଛନ୍ତି ସଂସାରେ
ଏଇତ ସେ ଅଭିଶପ୍ତ ଜୀବନ ।

ନୂଆ ଆଶା ନେଇ ବଞ୍ଚିଛି ସେ
କାଳେ କିଏ କେବେ ସାହା ହେବେ
ଦେବେ ସ୍ନେହର ହାତ ବଢ଼ାଇ
ଅନାବିଳ ସ୍ନେହ ଟିକକ ଲାଗି
ଭୁଲି ଯାଇଛି ବର୍ତ୍ତମାନର ସବୁ ଯନ୍ତ୍ରଣା
ଏଇତ ସେ ଅଭିଶପ୍ତ ଜୀବନ ।


+ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ଡୁମେରପାଣି
ଜିଲ୍ଲା - ନୂଆପଡ଼ା
ମୋ: - ୭୮୯୪୫୨୮୪୯୩




## ବିଶ୍ୱାସେ ଭରିବ ଭାବ...

### ରାମଚନ୍ଦ୍ର ବେହେରା

ତୁମରି ଲାଜୁଆ ଆଖିରେ ଦିଶଇ
ଅସୁମାରି ନୂଆ ଆଶା
ତୁମରି ଗୋଲାପି ଓଠ ଧାରେ ଝରେ
ପ୍ରଣୟର ମିଠା ଭାଷା
ତୁମେ ମୋ ମନର ତୃଷା
ତୁମେ ମୋ ନିଶ୍ୱାସ ତୁମେ ମୋ ପ୍ରଶ୍ୱାସ
ତୁମେ ମୋର ଅଭିଳାଷା।
ତୁମ ପାଇଁ କେତେ ପ୍ରଶ୍ନ ଇଂକିମାରେ
ଛୁପାଏ ତାକୁ ଲୁହରେ
ତୁମକୁ ପରଖି କବିତା ମୁଁ ଲେଖେ
ହୃଦୟର ଲେଖନୀରେ
କଥା କଟାକଟି ଭୁଲି
ମନର କଥାକୁ ଅନ୍ତରରେ ରଖି
ଆସ ପ୍ରିୟା ଝୁଲି ଝୁଲି।
ତୁମ ବିନା ସାଥୀ ପୂର୍ଣ୍ଣମୀର ରାତି
ଅନ୍ଧାର ଅନ୍ଧାର ଲାଗେ
ନିରାଶା ସୁଅରେ ଭାସି ଭାସି ମୁହିଁ
ନିତି ତୁମ କଥା ଭାବେ
ମନେ ଅନୁରାଗ ଭରି
ଭାବୁଛି ପ୍ରେୟସୀ ଆଶା ସବାରିରେ
ନିଶ୍ଚୟ ଆସିବ ଫେରି।
ଶ୍ରାବଣରେ ଆସ ସାଜି ମୋ ଶ୍ରାବଣୀ
ନୀଳକଇଁ ରୂପ ଧରି
ଭିଜିଯାଅ ତୁମେ ପ୍ରେମର ଛିଟାରେ
ପ୍ରୀତିର ପୁଲକ ଭରି
ଭୁଲି ପୂର୍ବ ଅନୁଭବ
ଆସ ମିଳିମିଶି ଯୋଡିବା ସମ୍ପର୍କ
ବିଶ୍ୱାସେ ହସିବ ଭାବ।


+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬


## କାନ୍ଧେ ପାଣି ଭାର

### ଦୀପକ କୁମାର ନାୟକ



ବୋଲବମ୍ ଯିବା ପାଇଁ କାଉଡ଼ିଆ
ଥିଲା ଶ୍ରାବଣକୁ ଚାହିଁ
ଆସିଯିବା କ୍ଷଣୀ ବାହାରି ପଡ଼ିଲା
କାନ୍ଧେ ପାଣି ଭାର ନେଇ ।।
କେତେକେତେ ବାଟ ପାଦରେ ଚାଲେ ତା
ମାନସିକ ପୂରା ପାଇଁ
ଯେତେ କଷ୍ଟ ତାକୁ ହେଉଥିଲେ ମଧ
ପଛଘୁଞ୍ଚା ଦିଏ ନାହିଁ ।।
କାନ୍ଧରେ ବାହୁଙ୍ଗୀ ତୁଣ୍ଡେ ହର ହର
ମହାଦେବ ନାମ ଜପି
କାଉଡ଼ିଆ ଦେଖ ଯାଉଛି କେମିତି
ପାଦ ତାର ଚାପି ଚାପି ।।
ଖାତିର୍ ନକରି ଖରା ବରଷାକୁ
ଏକଲୟେ ଚାଲିଥାଏ
ପାଦେ କଣ୍ଟା ଫୁଟୁ ହେଉବା ଫୋଟକା
ତଥାପି ଥକି ନଯାଏ ।।
ଦେବ ଦେବ ମହାଦେବଙ୍କ ଉପରେ
ଅଗାଢ଼ ବିଶ୍ୱାସ ରଖି

ଯାଇ ତାର ଲିଙ୍ଗେ ପାଣି ଢାଳିଥାଏ
ମନେ କେତେ ଆଶା ରଖି ।।
ସୋମବାରେ ପାଣି ଢ଼ାଳି ଆନନ୍ଦରେ
ଘରକୁ ତା ଫେରିଥାଏ
କେବେ ପୂର୍ଣ୍ଣ ହେବ ମାନସିକ ତାର
ତା ବାଟକୁ ଚାହିଁଥାଏ
ତା ବାଟକୁ ଚାହିଁଥାଏ ।।


+ ଯୁବ ସାମ୍ବାଦିକ
ଗଣ୍ଡାନାଳୀ, ହିନ୍ଦୋଳ,ଢ଼େଙ୍କାନାଳ
ପିନ-୭୫୯୦୨୧
ମୋବାଇଲ୍- ୮୬୩୭୨୬୧୮୨୮


## ତୁ ବଞ୍ଚ୍

### ମଧୁମିତା ମିଶ୍ର



ମା ଗର୍ଭରୁ ଜୁଇଯାଏଁ
ଶୁଣୁଛି ...
ଡାକ୍ତରଙ୍କ କଇଁଚି
ଘରଲୋକ ବାହାରଲୋକ
ଆପଣା ପର ବନ୍ଧୁବାନ୍ଧବ
ସାଙ୍ଗସାଥି ଶିକ୍ଷକ ଅଧ୍ୟାପକ
ଦୋକାନୀ ଡ୍ରାଇଭର ଚୋର ତସ୍କର
ପଡୋଶୀ କଲିଗ ଅଫିସର
ଶାଶୁ ସ୍ୱାମୀ ସମ୍ପର୍କୀୟ ପରିବାର
ପୋଲିସ ପ୍ରଶାସନ ସରକାର

ଜଣା ଅଜଣା ପିଶାଚନର
ସମସ୍ତେ ଖାଲି କହୁଛନ୍ତି

ତୁ ବଞ୍ଚ୍
ତୁ ବଞ୍ଚ୍
ତୁ ବଞ୍ଚ୍
ଆମେ ଅଛୁ ନା...
କହିବାକୁ
"ଓଁ ଶାନ୍ତି" ।


+ଭୁବନେଶ୍ୱର
ମୋ: ୯୪୩୮୪୭୦୮୦୭


## ନଈ ବଢ଼ି

### ପ୍ରଦ୍ୟୁମ୍ନ ପଟ୍ଟନାୟକ



ବିପଦ ସଂକେତ ଟପିଲେଣି
ବ୍ରାହ୍ମଣୀ, ବୈତରଣୀ
ଗାଆଁରେ ପଶିଲା ନଈ
ଘର ଭିତରେ ଆଣ୍ଠୁଏ ପାଣି।
ଧସିଲାଣି ବତୁରା ମାଟି କାନ୍ଥ
ଆଣ୍ଠେଇ ପଡ଼ିଛି ଗୋରୁ ଗୁହାଳ
ବନ୍ଧ ଉପରେ ଗାଈ ବଳଦ ।
ଚାରିଆଡ଼ ଜଳାର୍ଣ୍ଣବ
ପାଣି ସୁଅ ଅରଣା ମଇଁଷି
ତଳକୁ ତଳକୁ ଧାଇଁଛି
ବୁଡି ଲାଣି ରାସ୍ତା ଘାଟ
ରାଜ ରାସ୍ତାରେ ବସିଛନ୍ତି ପିଲା କବିଲା
ପାଲ ଖଣ୍ଡେ ପାରି ଦେଇ ।

ସାପ ବିଛା ସାଲୁ ବାଲୁ
ଛୁଆ ଗୁଡ଼ା ଖାଡ଼ା ଉପାସ
ଦିନସାରା ଜଳି ନାହିଁ ଚୁଲି
ସକାଳୁ ମୁଠେ ମୁଠେ ଶୁଖିଲା ଚୁଡ଼ା ମୁଢ଼ି
ଯାହା ଦେଇଥିଲେ ପାଟିରେ
ଆସି ବେଳ ବୁଡ଼ିଲାଣି ।
ଗତ ରାତିରୁ ଛାଡ଼ି ଗଲାଣି ବର୍ଷା
ପିଟୁଛି ଦକ୍ଷିଣା ପବନ
ଭରା ନଈର ସୁସୁ ଗର୍ଜନ ।

ଆହୁରି କାଳେ ବର୍ଷିବ କହୁଛି ପାଣିପାଗ
ଏବେ କିନ୍ତୁ ଫର୍ଚ୍ଚା ଆକାଶ
ରାତି ହେଲାଣି ଦୁଇଘଡି
ତାଳ ବଣ ସେପାଖରୁ
କୃଷ୍ଣ ପକ୍ଷ ଦ୍ୱିତୀୟା ଜହ୍ନ
ମୁଣ୍ଡ ଟେକି ଲାଣି ।
ଶେଯ ପାରିବାକୁ ଠା ନାହିଁ
କେମିତି ଆସିବ ନିଦ ପେଟରେ ଭୋକ
ଦୂରରୁ ଆସୁଛି ହୁଲି ଡଙ୍ଗା ଟିଏ
ଦିଶୁଛି ମିଞ୍ଜି ମିଞ୍ଜି ଲଣ୍ଠନ ଆଲୁଅ
ରନ୍ଧା ଖାଦ୍ୟ ନେଇ ଆସୁଛନ୍ତି ବୋଧେ
ବାଣ୍ଟି ବାକୁ ସରକାରୀ ଲୋକ ।


+ଫ୍ଲାଟ୍ ନମ୍ବର -୧୦୧,
ପ୍ରକାଶଦୀପ ଟାୱାର
ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬

## ଦୃଷ୍ଟି ବାଧିତଙ୍କୁ ଶିକ୍ଷା ଉପକରଣ ପ୍ରଦାନ

ପୁରୀ, ୨୧/୦୭ (ନି.ପ୍ର): ପୁରୀ ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଦ୍ୱାରା ନିମାପଡା ଓ ଗୋପ ର ସ୍ୱତନ୍ତ୍ର ବିଦ୍ୟାଳୟରେ ପଢୁଥିବା ୪ ଜଣ ଦୃଷ୍ଟି ବାଧିତ ଛାତ୍ରଛାତ୍ରୀଙ୍କୁ ଆଜି ସ୍ମାର୍ଟ ଡିଭାଇସ ବା ଶିକ୍ଷା ଉପକରଣ ପ୍ରଦାନ କରାଯାଇଛି । ଏହି ଉପକରଣ ଦୃଷ୍ଟି ବାଧିତ ଛାତ୍ରଛାତ୍ରୀ ମାନଙ୍କ ଶିକ୍ଷା ଲାଭ ପାଇଁ ଅନେକ ଉପାଦେୟ ସାବ୍ୟସ୍ତ ହୋଇ ପାରିବ ବୋଲି ଜିଲ୍ଲାପାଳ ସୂଚନା ଦେବା ସହ ଶିକ୍ଷା ଲାଭ ପାଇଁ କୌଣସି ପ୍ରତିବନ୍ଧକ ଯେପରି ନ ରୁହେ ସେଥିପାଇଁ ଯତ୍ନ ବାନ ହେବାକୁ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ସେହିପରି ଛାତ୍ରଛାତ୍ରୀ ମାନେ ଯେପରି ଏହି ଉପକରଣର ସଠିକ ଉପଯୋଗ କରି ଉପକୃତ ହେବେ ସେଥିପାଇଁ ସେମାନଙ୍କୁ ସଠିକ ପ୍ରଶିକ୍ଷଣ ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଉପକରଣ ପ୍ରଦାନ ସମୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଅନିତା ପଟ୍ଟନାୟକ ଉପସ୍ଥିତ ଥିଲେ ।

## ଏଟିଏମ ଲୁଟ ଉଦ୍ୟମ: ୨ ଜଣଙ୍କୁ କାବୁ କଲେ ସ୍ଥାନୀୟ ବାସିନ୍ଦା

ଜୟପୁର, ୨୧/୦୭ (ନି.ପ୍ର): ଜୟପୁର ସହର ପାରାବେଢାରେ ଥିବା ଏସବିଆଇ ଏଟିଏମ ଲୁଟ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକେ ୨ ଜଣକୁ କବୁ କରିଛି । ସ୍ୱଷ୍ଟ ଦିବା ଲୋକରେ ଏଟିଏମଙ୍କୁ ଭାଙ୍ଗୁଥିବା ବେଳେ ସ୍ଥାନାୟ ବାସିନ୍ଦା ଦେଖି କାବୁ କରିଥିଲେ । ଘଟଣାସ୍ଥଳରେ ଜୟପୁର ଟାଉନ ପୋଲିସ ପହଞ୍ଚିବା ପରେ ସ୍ଥାନୀୟ ବାସିନ୍ଦା କାବୁ କରିଥିବା ୨ ଜଣ ଲୁଟେରାଙ୍କୁ ପୋଲିସ ହାତରେ ଜିମା ଦେଇଥିଲେ । ଦୁଇ ଜଣ ଲୁଟେରା ବାହାର ରାଜ୍ୟର ହୋଇଥିବା ପୋଲିସ ଜାଣିବାକୁ ପାଇଛି । ଏଟିଏମ ଭାଙ୍ଗୁଥିବା ବଳେ ଏଟିଏମ ସର୍ଟର ପକାଇ ୨ ଲୁଟେରାଙ୍କୁ ରଖିବା ପରେ ପୋଲିସକୁ ଜିମା ଦେଇଥିଲେ ।

# ଭାରତୀୟ ଶିକ୍ଷଣ ମଣ୍ଡଳର ଗୁରୁପୂଜନ ଉତ୍ସବ

ବଲାଙ୍ଗିର, ୨୧/୦୭ (ନି.ପ୍ର): ସ୍ଥାନୀୟ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଭାରତୀୟ ଶିକ୍ଷଣ ମଣ୍ଡଳ, ବଲାଙ୍ଗିର ଶାଖା ତରଫରୁ ଗୁରୁ ପୂଜନ ଉତ୍ସବ ସଭାପତି ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ କସ୍ତୁରୀ ରଥ ସଂଯୋଜନା ଓ ସଂପାଦକ ଦିବାକର ହୋତା ଅତିଥି ପରିଚୟ କରିଥିଲେ । ମୁଖ୍ୟ ଅତିଥି ମର୍ଯ୍ୟାଦାରେ ପ୍ରଫେସର ସତ୍ୟବନ୍ତ ବେଦବାକ ଓ ମୁଖ୍ୟବକ୍ତା ଭାବରେ ସନାତନ ଠାକୁର ମଂଚାସିନ ଥିଲେ । ଅତିଥିମାନେ ମହର୍ଷି ବ୍ୟାସଦେବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଓଡିଶା ପଶ୍ଚିମ ପ୍ରାନ୍ତ କୋଷାଧ୍ୟକ୍ଷ ସତ୍ୟନାରାୟଣ ପ୍ରଦାନ ଧ୍ୟେୟ ଶ୍ଳୋକ ପଠନ କରିଥିଲେ । ଏହି ଅବସରରେ ଭାରତୀୟ ଶିକ୍ଷଣ ମଣ୍ଡଳ, ବଲାଙ୍ଗିରର ପୂର୍ବତନ ସଭାପତି ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଏବଂ ପୂର୍ବତନ ରାଜ୍ୟ ସଂପାଦକ ଧର୍ମବ୍ରତ ରଥଙ୍କୁ ମାନପତ୍ର, ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ମୁଖ୍ୟ ଅତିଥି ଭାରତୀୟ ସମାଜରେ ଗୁରୁ ପରଂପରା ର ମହନୀୟତା ବର୍ଣ୍ଣନା କରିବା ସହ ବ୍ୟାସଦେବଙ୍କ ଜିବନୀ ଉପରେ ଆଲୋକପାତ କରିଥିଲେ । ଉକ୍ତ ସଭାରେ ଗିରିଜା ଶଙ୍କର ରଥ, ପ୍ରଶନ୍ନ ମିଶ୍ର, ଗୋପାଳ ପ୍ରଧାନ, ବିରଂଚି ତ୍ରିପାଠି, ଅରୁଣ ଖୁଆସ, ବିରଂଚି ନାରାୟଣ ଦାଶ, ମାଳତି ଉଦ୍‌ଗାତା, ନିହାରିକା ମିଶ୍ର, ସଂଯୁକ୍ତା ପରିଚ୍ଛା, ବଳିଷ୍ଠ ପ୍ରଧାନ, ମଧୁସୁଦନ ନାୟକ, ନରେନ୍ଦ୍ର ମିଶ୍ର, ନବକୃଷ୍ଣ ପଟେଲ, ଯଯାତି କେଶରୀ ପ୍ରଧାନ, ଦେବଦତ ମିଶ୍ର, ରାମ ଶଙ୍କର ଶତପଥି ପ୍ରମୁଖ ଉପସ୍ଥିତ ଥିଲେ । ଏହି ଉପଲକ୍ଷେ ସତ୍ୟାନନ୍ଦ ବିଶ୍ୱାଲ ସ୍କୁଲ ଛାତ୍ରୀଙ୍କ ମଧ୍ୟରେ ଏକ କୁଇଜ ପ୍ରତିଯୋଗିତା ସଂଚାଳନ କରିଥିଲେ । ଶେଷରେ ସୁଶ୍ରୀ ସବିତା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ସହରରେ ଖୋଲିଲା ଅତ୍ୟାଧୁନିକ 'ଭଦ୍ରକ କିଚେନ ସଲ୍ୟୁସନ'

ଭଦ୍ରକ, ୨୧/୦୭ (ନି.ପ୍ର): ଆଜି ଭଦ୍ରକର ବାଲେଶ୍ୱର ବସ୍‌ଷ୍ଟାଣ୍ଡ ବନ୍ତଛକ ସିଟି ରେସିଡେନ୍ସି ନିକଟରେ ଏକ ଅତ୍ୟାଧୁନିକ 'ଭଦ୍ରକ କିଚେନ ସଲ୍ୟୁସନ' ସୋ' ରୁମ୍‌କୁ ବିଶିଷ୍ଟ ଅଭିନେତ୍ରୀ ଅନୁ ଚୌଧୁରୀ ଉଦ୍‌ଘାଟନ କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ଏହି ସୋ ରୁମ୍‌ଟିରେ ରୋଷେଇ ପ୍ରସ୍ତୁତିର ସମଗ୍ର ସାମଗ୍ରୀ ସହ ଅତ୍ୟାଧୁନିକ ଇଲୋକଟ୍ରୋନିକ୍ସ ସାମଗ୍ରୀ ଉପଲବ୍ଧ ରହିଛି । ବିଶେଷକରି ଫ୍ରିଜ୍, ଗ୍ୟାସ୍ ଚୁଲା, ଫ୍ୟାନ୍, ଗ୍ରାଇଣ୍ଡର, ଚିମିନି, କୁକ୍ ଟପ୍, ଗ୍ଲାସ୍ ହବ୍, ଡିସ୍ ୱାସର, ୱାଟର ପିୟୁରିଫାୟର, ଏସି, ୱାଟର କୁଲର, ଏଲଇଡି, ୱାସିଂ ମେସିନ୍, ମାଇକ୍ରୋୱେଭ୍, ଓଭେନ୍, ଇନଭର୍ଟର ବ୍ୟାଟେରୀ, ମିକ୍ସଚର ଗ୍ରାଇଣ୍ଡର ଭଳି ସମସ୍ତ ଘରୋଇ ସାମଗ୍ରୀ ଏଠାରେ ମିଳୁଛି ବୋଲି ଏହାର ସତ୍ୱାଧିକାରୀ କହିଛନ୍ତି । ଆଜି ଅନୁ ଚୌଧୁରୀ ଏଭଳି ଏକ ଅତ୍ୟାଧୁନିକ ଘରୋଇ ସୋ'ରୁମ୍ ଉଦ୍‌ଘାଟନ କରି ଏହା ଭଦ୍ରକବାସୀଙ୍କ କିଚେନ ସମସ୍ୟାକୁ ଦୂର କରିବ ବୋଲି କହିଛନ୍ତି ।

# ସମଗ୍ର ଦେଶରେ ପିଏଲ୍ଏଫ ହାସଲ କରିବାରେ ଓପିଜିସିକୁ ଦ୍ୱିତୀୟ ସ୍ଥାନ : ସ୍ଥାପନ କରିବ ୫୨. ୨ ମେଗାୱାଟ ସୌର ଶକ୍ତି ପ୍ରକଳ୍ପ

ସମ୍ବଲପୁର, ୨୧/୦୭ (ନି.ପ୍ର): ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ ଲିମିଟେଡ୍ (ଓପିଜିସି) ୨୦୨୪-୨୫ ଆର୍ଥିକ ବର୍ଷରେ ୮୩.୮୦ ପ୍ରତିଶତ ପ୍ଲାଂଟ ଲୋଡ୍ ଫ୍ୟାକ୍ଟର-ପିଏଲ୍ଏଫ ହାସଲ କରି ଦେଶ ର ସମସ୍ତ ରାଜ୍ୟ ସରକାର ଅଧୀନ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକ ମଧ୍ୟରେ ଦ୍ୱିତୀୟ ସ୍ଥାନ ହାସଲ କରିଛି । ଏହି ସଫଳତା ଦ୍ୱାରା ଓପିଜିସି ଭାରତର ସମସ୍ତ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକ ମଧ୍ୟରେ ୧୯ତମ ସ୍ଥାନ ହାସଲ କରିଛି ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଓପିଜିସି ର ବରିଷ୍ଠ ଭିପି (ଅପରେସନ୍) ସୁକାନ୍ତ ମହାପାତ୍ର କହିଛନ୍ତି । ୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନିର ଉଲ୍ଲେଖନୀୟ ପ୍ରଦର୍ଶନ ଉପରେ ଆଲୋକପାତ କରି ଶ୍ରୀ ମହାପାତ୍ର କହିଥିଲେ ଯେ, ଝାରସୁଗୁଡ଼ା ବନହର ପାଲିରେ ଥିବା କମ୍ପାନିର ଇବ୍ ଥର୍ମାଲ୍ ପାୱାର୍ ଷ୍ଟେସନ୍ ନୂତନ ମାନଦଣ୍ଡ ସ୍ଥାପନ କରିଛି । ଯେଉଁଥିରେ ଦୁଇଟି ୨୧୦ ମେଗାୱାଟ୍ ୟୁନିଟ୍ ଏବଂ ଦୁଇଟି ସୁପର କ୍ରିଟିକାଲ୍ ୬୬୦ ମେଗାୱାଟ୍ ୟୁନିଟ୍ (ମୋଟ: ୧୭୪୦ ମେଗାୱାଟ୍) ଅନ୍ତର୍ଭୁକ୍ତ । ଗତ ଡିସେମ୍ବର ୨୦୨୪ରେ ଇବ ଥର୍ମାଲ ପାୱାର୍ ଷ୍ଟେସନ ୯୪.୫% ରେକର୍ଡ ପିଏଲ୍ଏଫ୍ ହାସଲ କରିଛି । ସେହିପରି ୟୁନିଟ୍ ୧ ଏବଂ ୟୁନିଟ୍ ୩ ବିନା କୌଣସି ବିଭ୍ରାଟରେ ଯଥାକ୍ରମେ ୧୬୨ ଏବଂ ୧୭୧ ଦିନ ପାଇଁ ନିରନ୍ତର ଚାଲିଥିବାରୁ ଏହି ସଫଳତା ହାସଲ କରାଯାଇଛି । ୟୁନିଟ୍ ୫ ଏବଂ ୬ ଜୁନ୍ ୨୦୩୧ ସୁଦ୍ଧା କାର୍ଯ୍ୟକ୍ଷମ ହେବା ପାଇଁ ଲକ୍ଷ୍ୟ ରହିଛି । ପୁନରୁଦ୍ଧାର କରାଯାଇଥିବା ପାଉଁଶ ପୋଖରୀ ଜମି ଉପରେ ୫୦ ମେଗାୱାଟ୍ ଓ ଇନଟେକ୍ ଚ୍ୟାନେଲ୍ ସ୍ଲାପ୍ ଉପରେ ୨.୫ ମେଗାୱାଟ୍ ସୌରଚାଳିତ ବିଦ୍ୟୁତ୍ ଉତ୍ପାଦନ ପ୍ଲାଂଟ ସ୍ଥାପନ କରଯିବ ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଥିଲେ । ଏଥି ସହ ଓଡ଼ିଶାରେ ସବୁଜ ଶକ୍ତି ଉତ୍ପାଦନକୁ ଆଗେଇ ନେବାର ଦୂରଦୃଷ୍ଟି ସ୍ୱରୂପ ୨ ୨ ଜିଡବ୍ଲୁ ସୌର-ପବନ ହାଇବ୍ରିଡ୍ ପ୍ରକଳ୍ପ ପାଇଁ ମଧ୍ୟ ଯୋଜନା ଚାଲିଛି । ୭୫୭ କୋଟି ଟଙ୍କା ନିବେଶରେ ପୁରାତନ ୟୁନିଟ୍ ୧ ଏବଂ ୨ର ନବୀକରଣ ଏବଂ ଆଧୁନିକୀକରଣ ପ୍ରକଳ୍ପ ଆଗେଇ ଚାଲିଛି । ପ୍ରଦୂଷଣ ନିୟନ୍ତ୍ରଣର ସମସ୍ତ ଅଧିନିୟମକୁ ପାଳନ କରିବାକୁ ଓପିଜିସି ବଦ୍ଧପରିକର ବୋଲି କମ୍ପାନୀ ଏମଡି କେଦାର ରଞ୍ଜନ ପାଣ୍ଡୁ କହିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ (ଅପରେସନ୍) ଏ.ଆର. ଦାଶ, ସିନିୟର ଜିଏମ୍ (ଏଚ୍ଆର) ଶୁଭାଶିଷ ମୁଖାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବୌଦ୍ଧିକ ଜଗତକୁ ବାଣୀକଣ୍ଠ ନିମାଇଁ ଚରଣ ହରିଚନ୍ଦନଙ୍କ ଅବଦାନ ଅବିସ୍ମରଣୀୟ

କେନ୍ଦ୍ରାପଡ଼ା, ୨୧/୦୭ (ନି.ପ୍ର): ବୈଦ୍ଧିକ ଜଗତକୁ ପୁଣ୍ୟଶ୍ରୀ ବାଣୀକଣ୍ଠ ନିମାଇଁ ଚରଣ ହରିଚନ୍ଦନଙ୍କ ଅବାନ ଅବିସ୍ମରଣୀୟ ହୋଇ ରହିବ । ସେ ଏକାଧାରାରେ ଥିଲେ ସୁନାମଧନ୍ୟ କଣ୍ଠଶୀଳ୍ପି, ଗୀତିକାର, ସଂସ୍କାରକ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ ତଥା ସେବକ । ତାଙ୍କ ସଂଗୀତ ସାଧନା ଓ ସମର୍ପିତ ବ୍ୟକ୍ତିତ୍ୱ ଓଡ଼ିଆ ଜାତି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ । ନିଜ ମାଟିର ଏହି ସୁଯୋଗ୍ୟ ସନ୍ତାନଙ୍କୁ ନେଇ କେନ୍ଦ୍ରାପଡ଼ା କାଳେ କାଳେ ଗର୍ବ କରୁଥିବ । ବାଣୀକଣ୍ଠ ନିମାଇଁ ଚରଣ ହରିଚନ୍ଦନଙ୍କ ପୂଣ୍ୟ ତିଥି ଉପଲକ୍ଷେ ଅନୁଷ୍ଠିତ ସ୍ମୃତି ସମାରୋହରେ ବିଶିଷ୍ଟ ବ୍ୟକ୍ତିମାନେ ଏହି ମତ ପୋଷଣ କରିଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାର ସର୍ବ ପ୍ରାଚୀନ ସଂଗୀତାନୁଷ୍ଠାନଗୋକୁଳ ଚନ୍ଦ୍ର ସଂଗୀତ ସନ ଓ ସାମାଜିକ ଅନୁଷ୍ଠାନ ଜନଚେତନା ପରିଷ ର ମିଳିତ ଆନୁକୁଲ୍ୟରେଗୋକୁଳ ଚନ୍ଦ୍ରସଂଗୀତ ସନ ଠାରେ ଆଜି ଅପରାହ୍ନରେ ଅନୁଷ୍ଠିତ ସ୍ମୃତି ସମାରୋହରେ ଗୋକୁଳ ଚନ୍ଦ୍ର ସଂଗୀତ ସନର ସଭାପତି ଅମ୍ବିକା ପ୍ରସା ।ସ ପୌରହିତ୍ୟ କରିଥିଲେ । ବିଶିଷ୍ଟ ଶିକ୍ଷାବିତ ଡ଼.ଶରତ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି,ବିଶିଷ୍ଟ କଣ୍ଠଶୀଳ୍ପି ବାଣୀକଣ୍ଠଙ୍କ ସ୍ୱର ସାଧକ ଦୁଃଖିଶ୍ୟାମ ତ୍ରିପାଠୀ ମୁଖ୍ୟ ବକ୍ତା, ବରିଷ୍ଠ ସାମ୍ବାଦିକ ଚୌଧୁରୀ ଅମିତାଭ । ସ.ବାଣୀକଣ୍ଠଙ୍କ ।ୟା, ପ୍ରଣବ କୁମାର ଶ୍ରୀଚନ୍ଦନ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ସ୍ମୃତି ଚାରଣ କରି ବକ୍ତବ୍ୟ ରଖିଥିଲେ । ଜନଚେତନା ପରିଷର ସାଧାରଣ ସମ୍ପାକ ଗଣେଶ ଚନ୍ଦ୍ର ସାମଲ ସ୍ୱାଗତ ଭାଷଣ ଦେଇଥିଲେ । ପ୍ରାରମ୍ଭରେ ବାଣୀକଣ୍ଠଙ୍କ ପ୍ରତିମୂର୍ତିରେ ସାମୁହିକ ମାଲ୍ୟାର୍ପଣ ସହ ପ୍ରୀପ ପ୍ରଜ୍ୱଳନ କରାଯାଇଥିଲା । ଏହି ଅବସରରେ ଦୁଃଖିଶ୍ୟାମ ତ୍ରିପାଠୀଙ୍କ ସୁପୁତ୍ର ଯୁବ କଣ୍ଠଶୀଳ୍ପି ଶିବାନନ୍ଦ ତ୍ରିପାଠୀଙ୍କୁ ବାଣୀକଣ୍ଠ ସ୍ମୃତି ସମ୍ମାନରେ ସମ୍ମାନୀତ କରାଯାଇଥିଲା । ବାଣୀକଣ୍ଠଙ୍କ ପୂଣ୍ୟତିଥି ଉପଲକ୍ଷେ ଗୋକୁଳ ଚନ୍ଦ୍ର ସଂଗୀତ ସନ ପକ୍ଷରୁ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ସବ୍-ଜୁନିୟର,ଜୁନିୟର ଓ ସିନିୟର ବର୍ଗର ବାଣୀକଣ୍ଠ ସଂଗୀତ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରାନ କରାଯାଇଥିଲା । ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ବାଣୀକଣ୍ଠଙ୍କ ସାଧନା ପୀଠ କେନ୍ଦ୍ରାପଡ଼ାର ଗୋକୁଳ ଚନ୍ଦ୍ର ସଂଗୀତ ସନ ପରିସରରେ ବାଣୀକଣ୍ଠଙ୍କର ଏକ ଆବାକ୍ଷ ବ୍ରୋଂଚ ପ୍ରତିମୂର୍ତି ସ୍ଥାପନ କରିବା ସଭାପତି ଶ୍ରୀାସ ରାଜ୍ୟ ସରକାରଙ୍କୁ ନିବେନ କରିବା ପ୍ରସ୍ତାବ ସର୍ବସମ୍ମତି କ୍ରମେ ସମାରୋହରେ ଗୃହୀତ ହୋଇଥିଲା । ଶେଷରେ ଦୁଃଖିଶ୍ୟାମ ତ୍ରିପାଠୀ, ଶିବାନନ୍ଦ ତ୍ରିପାଣୀ ଓ ଅମ୍ବିକା ପ୍ରସା ।ସ ସଂଗୀତ ପରିବେଷଣ କରିଥିଲେ । ଗୋକୁଳ ଚନ୍ଦ୍ର ସଂଗୀତ ସନର ସମ୍ପାକ ଉମାକାନ୍ତ ଜେନା ଧନ୍ୟବା ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସଂଗୀତ ସନର କୋଷାଦ୍ଧକ୍ଷନୃତ୍ୟଗୁରୁ ସୁଶ୍ରୀ ଭାନୁପ୍ରିୟା ଖଟୁଆ ଓ ଲୋପିତା ପଲାଇ ପରିଚାଳନା କରିଥିଲେ । ଉପସଭାପତି ସମିରଂଜନ ଦାସ,ବରିଷ୍ଠ ସଭ୍ୟ ହେମନ୍ତ କୁମାର ଜେନା,ଗଣେଶ୍ୱର ସାହୁ, ସରୋଜକାନ୍ତ ସାହୁ, ହିରଣ୍ୟ କୁମାର ପଣ୍ଡା, ଉମାକାନ୍ତ ସିଂହ,ରାଜେଶ କୁମାର ବେହେରା, ଭୁବନ ମୋହନ ଦାସ, ଅଭୟ କୁମାର ପାତ୍ର, ଲକ୍ଷ୍ମୀକାନ୍ତ ନାୟକ, ଅଭିମନ୍ୟୁ ନାୟକ, ଉମାକାନ୍ତ କର ପ୍ରମୁଖ ସହାୟତା କରିଥିଲେ ।

# ଓଡିଶାରେ ଆଇନର ଶାସନ ସଂପୂର୍ଣ୍ଣ ବିପର୍ଯ୍ୟସ୍ତ: ସିପିଆଇ(ଏମ)

ଭଦ୍ରକ, ୨୧/୦୭ (ନି.ପ୍ର): ଓଡିଶା ରାଜ୍ୟରେ ଗୋପାଳପୁର ବନ୍ଦରଠାରେ ମହିଳା ଗଣଧର୍ଷଣ, କେଉଁଝର ଜିଲ୍ଲାରେ ମହିଳା ଧର୍ଷଣ, ଚାନ୍ଦିପୁର ବେଳାଭୂମିରେ ମହିଳା ଧର୍ଷଣ, ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଙ୍କ ବ୍ୟବସ୍ଥାଗତ ହତ୍ୟା, ପୁରୀ ଜିଲ୍ଲା ନିମାପଡା ବ୍ଲକ ବଳଙ୍ଗା ଥାନା ଅଧିନସ୍ଥ ଛାତ୍ରୀ ଙ୍କୁ ପେଟ୍ରୋଲ ଢାଳି ନିଆଁ ଲଗାଇ ମାରିବା ଉଦ୍ୟମ, ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଅଧିନସ୍ଥ ଖାରିଗୁମ୍ମା ସିଙ୍ଗାପୁର ଗ୍ରାମର ଦଳିତ ଚାବୁଲା ନାୟକ ଓ ବୁଲୁନାୟକ ଙ୍କୁ ନିର୍ଯ୍ୟାତନା ମାମଲା, ବିଏମସି ଅତିରିକ୍ତ କମିଶନରଙ୍କୁ ବିଜେପି ଗୁଣ୍ଡା ବାହିନୀଙ୍କ ନିଷ୍ଠୁର ମାଡ, ଚାନ୍ଦବାଲି ବ୍ଲକ ଘଂଟେଶ୍ୱର ଓ ଖଦାଳପୋଖରୀ ଗ୍ରାମ ପଂଚାୟତରେ ବିଜେପି ଗୁଣ୍ଡା ବାହିନୀ ଦ୍ୱାରା ଦଳିତ ଓ ସାଧାରଣ ଲୋକଙ୍କ ଉପରେ ନିଷ୍ଠୁର ଅତ୍ୟାଚାର ଓଡିଶା ର ଆଇନ ର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି କୁ ସ୍ୱଷ୍ଟ କରୁଛି । ଓଡିଶାରେ ଆଇନର ଶାସନ ଚାଲିଲା ପରି ହୃଦବୋଧ ହେଉନାହିଁ । ରାଜ୍ୟରେ ଚାଲିଥିବା ଡବଲ୍ ଇଞ୍ଜିନ୍ ସରକାରଙ୍କ ପ୍ରତ୍ୟେକ୍ଷ ନିର୍ଦ୍ଦେଶରେ ଅସାମାଜିକ ବ୍ୟକ୍ତି ଓ ଗୁଣ୍ଡା ମାନେ ଓଡିଶାର ଶାସନକୁ ନିୟନ୍ତ୍ରଣ କରି ଜଙ୍ଗଲରାଜ ଆଡକୁ ନେଇଯାଉଛନ୍ତି । ଏହା ବିରୋଧରେ ଓଡିଶାରେ ଗଣତନ୍ତ୍ରର ସୁରକ୍ଷା ପାଇଁ ଓ ଆଇନର ଶାସନକୁ ସୁରକ୍ଷିତ ରଖିବା ପାଇଁ ଭଦ୍ରକବାସୀ ଙ୍କୁ ଏକତ୍ରିତ ହୋଇ ଲଢେଇ କରିବାକୁ ଜିଲ୍ଲା କମିଟି ବୈଠକରେ ଆହ୍ୱାନ ଦିଆଯାଇଛି । ଯାଜପୁର ରୋଡ୍ -ଧାମରା ରେଳପଥ ନିର୍ମାଣ ଓ ଭଦ୍ରକ- ଧାମରା ରେଳପଥରେ ସରକାରୀ ଯାତ୍ରୀବାହୀ ରେଳ ଚଳାଚଳ ଦାବି କରି ଆସନ୍ତା ସେପଟ୍ମେର, ୧୧ ତାରିଖରେ ଧାମରା, ଜନ୍ତୁଆଳି, ବଳସାହି, ଇଛାପୁର, ଭଦ୍ରକ ଠାରେ ରେଳରୋକ ଆନ୍ଦୋଳନ ଅନୁଷ୍ଠିତ ହେବ ବୋଲି ଜିଲ୍ଲା କମିଟି ବୈଠକରେ ନିଷ୍ପତି ନିଆଯାଇଛି । ଚାଷୀ ମାନଙ୍କୁ ମାଗଣାରେ ସାର, ବିଷ, କୀଟନାଶକ ଔଷଧ, ବିହନ ଯୋଗାଇଦେବା ସହ ବିନାସୁଧରେ ଚାଷୀ ମାନଙ୍କୁ ଚାଷ ପାଇଁ ରାଷ୍ଟ୍ରାୟତ ବ୍ୟାଙ୍କ ଓ ସମବାୟ ସମିତି ରୁ କୃଷିଋଣ ଯୋଗାଇବା ଦାବିରେ ଜିଲ୍ଲା ବ୍ୟାପି ଆନ୍ଦୋଳନ ସଂଗଠିତ କରାଯିବା ପାଇଁ ଜିଲ୍ଲା କମିଟି ବୈଠକରେ ନିଷ୍ପତି ନିଆଯାଇଛି । ଏହି ଜିଲ୍ଲା କମିଟି ବୈଠକରେ ସିପିଆଇ(ଏମ) ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟ ସନ୍ତୋଷ ଦାସ, ଅନ୍ୟତମ ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟ ଶିଶିର ହୁଇ, ରାଜ୍ୟ କମିଟି ସଭ୍ୟ ନିର୍ମଳ ନାୟକ, ଜିଲ୍ଲା ସଂପାଦକ ଦିବ୍ୟସିଂହ ନାୟକ, ଜିଲ୍ଲା ସଂପାଦକ ମଣ୍ଡଳୀ ସଭ୍ୟ ପ୍ରଫୁଲ୍ଲ ପାଢୀ, ପ୍ରଭାସ ମହାପାତ୍ର, ବିଷ୍ଣୁ ଦାଶ ଏବଂ ଜିଲ୍ଲା କମିଟିର ଆମନ୍ତ୍ରିତ ସଭ୍ୟ ଚନ୍ଦ୍ରଶେଖର ନାୟକ ପ୍ରମୁଖ ଯୋଗଦେଇଥିଲେ ।

# ସ୍ୱାଭିମାନ ମଂଚ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ

ଧର୍ମଶାଳା, ୨୧/୦୭ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଡ଼କାଏମା ଅଂଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ସ୍ୱାଭିମାନ ମଂଚ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ମଂଚର ସଭାପତି ସୁଧାକର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମଂଚର ସମସ୍ତ ସଦସ୍ୟ ସେଯଗଦେଇ ଚାରା ରୋପଣ କରିଥିଲେ । କାଏମା ୧୪ନମ୍ବର କେନାଲ ବନ୍ଧ ର ପାଶ୍ୱର୍ରେ ବୋଉଳ , ଆକାଶୀ , କୃଷ୍ଣ ଚୂଡ଼ା, କଦମ , ପିଜୁଳି ଭଳି ଅନେକ ଉପକାରୀ ଗଛର ଚାରା ରୋପଣ କରାଯାଇଛି । ଏବେ ପରିବେଶ ପ୍ରଦୂଷଣ ଭୟାନକ ଭାବେ ବଢିବାରେ ଲାଗିଥିବା ବେଳେ ବାୟୁ ମଣ୍ଡଳରେ ଗରମର ମାତ୍ରା ଅଧିକ ଅନୁଭୁତ ହେଉଛି । ଗଛ ଲଗାଇ ଜଙ୍ଗଲ ସୃଷ୍ଟି କରାଗଲେ ପ୍ରଦ୍ୟୁଷଣକୁ ନିୟନ୍ତ୍ରଣ କରାଯାଇପାରିବ । ଏଥିପ୍ରତି ସଚେତନତା ସୃଷ୍ଟି କରିବାପାଇଁ ମଂଚ ଏପରି ଏକ ମହତ୍ କାର୍ଯ୍ୟ କରିବା ସହ ପ୍ରତ୍ୟେକ ବ୍ୟକ୍ତି ଗୋଟାଏ ବର୍ଷରେ ନିଜର ଜନ୍ମଦିନ, ବିବାହ ବାର୍ଷିକୀ କିମ୍ବା କୌଣସି ଶୁଭ ଅବସରରେ ଅତିକମରେ ଗୋଟାଏ ଗଛ ଲଗାଇବାକୁ ମଂଚର ସଂପାଦକ ନିକୁଞ୍ଜ ବେହେରା ସମସ୍ତ ଙ୍କୁ ଅନୁରୋଧ କରିଛନ୍ତି । ଏହା ଯୋଗୁ ପରିବେଶ ସନ୍ତୁଳନ ହେବା ସହ ଆଗାମୀ ପିଢ଼ି ପାଇଁ ଏକ ସୁନ୍ଦର ଭବିଷ୍ୟତର ପରିକଳ୍ପନା କରାଯାଇପାରିବ ବୋଲି ମଂଚର ସଭାପତି କହିଛନ୍ତି । ଏଥିସହ ପ୍ରତ୍ୟେକ ନାଗରିକ ଗୋଟିଏ ଗୋଟିଏ ଗଛ ଲଗାଇବା ସହିତ ତାହାର ଦାୟତ୍ୱ ନେବା ନିତାନ୍ତ ଆବଶ୍ୟକ ବୋଲି ମଂଚ ପକ୍ଷରୁ ଆହ୍ୱାନ ଦିଆଇଛି । ଏହି କାର୍ଯ୍ୟକ୍ରରେ କୋଷାଧ୍ୟକ୍ଷ ଶିଶିର ମାହାଣା, ପ୍ରଦୀପ୍ତ ସାହୁ, ସୌମ୍ୟ ରଞ୍ଜନ ମହାନ୍ତି, ଚିନ୍ମୟ ଦାସ, ବିନୋଦ ବେଜ, ମନୋରଞ୍ଜନ ଜେନା, ସୁବ୍ରତ ସାହୁ, ଅଭିନାସ ବେହେରା, ମାନସ ରଂଜନ ସ୍ୱାଇଁ, କାର୍ତିକ ମଲ୍ଲିକ, ଦେବବ୍ରତ ପଣ୍ଡା, ସୁକାନ୍ତ ସାହୁ, ଶିବପ୍ରସାଦ ମହାନ୍ତି ପ୍ରମୁଖ ସମସ୍ତ ସଦସ୍ୟ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥଲେ ।

# ପଂଚାୟତ ନିର୍ବାହୀ ଅଧିକାରୀଙ୍କ ବିପର୍ଯ୍ୟୟ ପରିଚାଳନା କ୍ଷମତା ନିର୍ମାଣ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

କେନ୍ଦୁଝର, ୨୧/୦୭ (ନି.ପ୍ର): ବାଂଶପାଳ ଏବଂ ସଦର ବ୍ଲକର ପଂଚାୟତ ନିର୍ବାହୀ ଅଧିକାରୀ ମାନଙ୍କ ପାଇଁ ବିପର୍ଯ୍ୟୟ ପରିଚାଳନା କ୍ଷମତା ନିର୍ମାଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦଯାପନ ଉତ୍ସବ ଶନିବାର ଅନୁଷ୍ଠିତ ହେଇଯାଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ତୃଣମୂଳ ସ୍ତରରେ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୃଦ୍ଧି ପାଇଁ ଏକ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଜିଲ୍ଲା ପ୍ରଶାସନର ମାର୍ଗଦର୍ଶନରେ ଆୟୋଜିତ ଏହି ପ୍ରଶିକ୍ଷଣରେ ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୋଦ କୁମାର ପଣ୍ଡା, ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଭଦର୍ଶୀ ଯୋଶୀ ଏବଂ ଜିଲ୍ଲା ଆପତକାଳୀନ ଡେପୁଟି କଲେକ୍ଟର ଅଭିଳାଷ ପୁରୋହିତ, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଇଜାଜ ଇକବାଲ ଉପସ୍ଥିତ ଥିଲେ । ପ୍ରଶିକ୍ଷଣରେ ବିପର୍ଯ୍ୟୟ ପରିଚାଳନା ଏବଂ ପ୍ରତିରୋଧ ପାଇଁ ଆବଶ୍ୟକୀୟ ଜ୍ଞାନ ଓ କୌଶଳ ଉପରେ ଗୁରୁତ୍ୱ ଦିଆଯାଇଥିଲା । ପ୍ରାରମ୍ଭିକ ସଚେତନତା ପ୍ରଣାଳୀ, ସମ୍ପ୍ରଦାୟ ପ୍ରସ୍ତୁତି, ଏବଂ ଜରୁରୀ ସମୟରେ ସମନ୍ୱୟ ଆଦି ବିଷୟଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା ।

## ଉର୍ଦ୍ଦୁ ଲାଇବ୍ରେରୀ ତରଫରୁ ଚାରା ବଂଟନ ଓ ବୃକ୍ଷ ରୋପଣ

କେନ୍ଦ୍ରାପଡା, ୨୧/୦୭ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଉର୍ଦ୍ଦୁ ଲାଇବ୍ରେରୀ କମିଟି ତରଫରୁ ହଜରତ ସୟଦ ମନସୁର ସାହା ବାବାଙ୍କ ପବିତ୍ର ଉର୍ସ ଉତ୍ସବ ଉପଲକ୍ଷେ ଚାରା ବଣ୍ଟନ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ପୌରାଧକ୍ଷା ସରିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଉପାଧକ୍ଷା ଅକବରୀ ଖାତୁନ, କାଉନସିଲର ସେକ ଅସଲମ, ହବିବା ବେଗମ, ଫରଜନା ଖାତୁନ ପ୍ରମୁଖ ଉପସ୍ଥିତ ରହି ପୌରାଂଚଳର ବିଭିନ୍ନ ୱାର୍ଡରେ ବୃକ୍ଷ ରୋପଣ କରିଥିଲେ । ଏଥି ସହିତ ଉର୍ସ ଉତ୍ସବରେ ଯୋଗ ଦେଇଥିବା ବହୁ ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ଚାରା ବଂଟନ କରିଥିଲେ । ଏଥିରେ ଆମ୍ବ, ପିଜୁଳି, ବରଗଛ, ଜାମୁ, ଇଉକାଲ ପଟାସ, ବିଭିନ୍ନ ଫୁଲ ଜାତୀୟ ଚାରା ବଂଟନ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ କମିଟିର ମହମ୍ମଦ ଅଜଗର ଅଲ୍ଲୀ, ସେକ ଫୟାଜୁଦ୍ଦିନ, ମହମ୍ମଦ ନସିମୁଦ୍ଦିନ, ଆକରମ ଖାନ ପ୍ରମୁଖ ସହ ଯୋଗ କରିଥିଲେ ।

# କେନ୍ଛୁପାଣିରେ ସଶସ୍ତ୍ର ଡକାୟତି : ଜଣେ ଆହତ

ସମ୍ବଲପୁର, ୨୧/୦୭ (ନି.ପ୍ର): ସମ୍ବଲପୁର ଜିଲ୍ଲା ଗୋବିନ୍ଦପୁର ଥାନା ବାମରା ବ୍ଲକ୍ ଅନ୍ତର୍ଗତ କେନ୍ଛୁପାଣି ଗ୍ରାମରେ ଗତ ବିଳମ୍ବିତ ରାତ୍ରିରେ ଏକ ବଡ଼ ଧରଣର ଡକାୟତି ସଂଘଟିତ ହୋଇଛି । ରାତ୍ରି ପ୍ରାୟ ୧ଟା ସମୟରେ ୪ ଜଣ ମୁଖାପିନ୍ଧା ଦୁର୍ବୃତ ସ୍ଥାନୀୟ ଅଂଚଳର ବିଶିଷ୍ଟ ବ୍ୟବସାୟୀ ରୁଦ୍ରାକ୍ଷ ସାହୁଙ୍କ ଘରେ ବଳପୂର୍ବକ ପ୍ରବେଶ କରିଥିଲେ । ଦୁର୍ବୃତ ମାନେ ପିସ୍ତଲ ଓ ମାରଣାସ୍ତ୍ର ଦେଖାଇ ତାଙ୍କ ପରିବାର ଲୋକଙ୍କୁ ଭୟଭୀତ କରାଇ ଲକ୍ଷାଧିକ ନଗଦ ଟଙ୍କା ଓ ସୁନା ରୂପା ଅଳଙ୍କାର ଲୁଟି ନେଇଥିଲେ ବୋଲି ଗୃହକର୍ତ୍ତା ଶ୍ରୀ ସାହୁ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି । ଦୁର୍ବୃତଙ୍କ ଆଖିବୁଜା ମାଡ଼ରେ ଗୃହକର୍ତ୍ତା ଶ୍ରୀ ସାହୁଙ୍କ ବଡ଼ପୁଅର ମୁଣ୍ଡରେ ଗଭୀର ଆଘାତ ଲାଗିଛି । ଚିକିତ୍ସା ପାଇଁ ତାଙ୍କୁ ବାମରା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଛି । ଡକାୟତମାନେ ଲୁଟି ନେଇଥିବା ସମ୍ପତିର ପରିମାଣ ପ୍ରାୟ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି । ମୂଳତଃ ରୁଦ୍ରାକ୍ଷଙ୍କ ବ୍ୟବସାୟୀକ ପ୍ରତିଷ୍ଠାନ କେଶାଇବାହାଲ ଓ ବାମରାରେ ରହିଛି । ପୋଲିସ ଘଟଣାସ୍ଥଳରେ ପହଂଚି ଘଟଣାର ଛାନ୍‌ଭିନ୍ ଆରମ୍ଭ କରିଛି । ସୁଚନାଯୋଗ୍ୟ କିଛି ମାସ ପୂର୍ବରୁ ଏହି ଥାନା ଅଂଚଳର ମଝିପଡ଼ାର ବ୍ୟବସାୟୀ ଗୋଲୁ ଖଣ୍ଡେଲୱାଲଙ୍କ ଘରେ ମଧ ସଶସ୍ତ୍ର ଡକାୟତି ହୋଇଥିଲା । ଥାନାରେ ଲିଖିତ ଅଭିଯୋଗ ହେବାପରେ ପୋଲିସ ଅଦ୍ୟାବଧି ପୋଲିସ ଏହାର ସୁରାକ୍ ପାଇନଥିବା କୁହାଯାଉଛି । ଏବେ ଏହି ଘଟଣାର ତଦନ୍ତ କରି କେବେ ପୋଲିସ ଲୋକଙ୍କ ବିଶ୍ୱାସ ଭାଜନ ହେବା ତାହା ପ୍ରଶ୍ନବାଚୀ ହୋଇଛି ।

# ଭଦ୍ରକ କଲେଜ ପୁରାତନ ଛାତ୍ର ସଂସଦ ବୈଠକ

ଭଦ୍ରକ, ୨୧/୦୭ (ନି.ପ୍ର): ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଙ୍ଗଣରେ ପୁରାତନ ଛାତ୍ର ସଂସଦର ସଭାପତି ଡ. ଦେବେନ୍ଦ୍ରେ ନାଥ ରାଉତଙ୍କ ଅଧକ୍ଷତାରେ ଏବଂ ସମ୍ପାଦକ ଅଜୟ ନାୟକଙ୍କ ସଂଚାଳନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କର ବିଭିନ୍ନ ସମସ୍ୟା ଓ ସମାଧାନ ସମ୍ବନ୍ଧରେ ଉକ୍ତ ବୈଠକ ଆହୁତ ହୋଇଥିଲା । ପ୍ରାରମ୍ଭରେ ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଦୁଃଖଦ ଆତ୍ମାହୁତି ଘଟଣା ପାଇଁ ତାଙ୍କର ଆମର ଅତ୍ମାର ସଦ୍‌ଗତି ନିମିତ ନୀରବ ପ୍ରାର୍ଥନା କରାଯାଇଥିଲା । ଭଦ୍ରକ ମହାବିଦ୍ୟାଳୟରେ ରହିଥିବା ବିଭିନ୍ନ ଅସୁବିଧା ଓ ସମସ୍ୟା ସମ୍ପର୍କରେ ବୈଠକରେ ଉପସ୍ଥିତ ଥିବା ମହାବିଦ୍ୟାଳୟର ଅଧକ୍ଷ ଦୁର୍ଗାଶଙ୍କର ଦାସଙ୍କ ସହିତ ଆଲୋଚନା କରାଯିବା ସହିତ ଏହାର ସମାଧାନ ନିମନ୍ତେ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିଲା । ବିଶେଷ କରି ମହାବିଦ୍ୟାଳୟର ପାଚେରୀ ନଥିବାରୁ ଅଣଛାତ୍ରଙ୍କ ପ୍ରବେଶ, ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ପରିଚୟପତ୍ର ପକାଇବାକୁ କଡ଼ାକଡି କରିବା, ଅନୁପସ୍ଥିତ ରହୁଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କ ସହିତ ଯୋଗାଯୋଗ କରି ସେମାନଙ୍କର ନିୟମିତ ଉପସ୍ଥାନ ବୃଦ୍ଧି କରାଇବା କ୍ଷେତ୍ରରେ ଏକ ସ୍ୱତନ୍ତ୍ର କମିଟି ଗଠନ କରି ଏହାକୁ ତ୍ୱରାନ୍ୱିତ କରିବା, ଅଧାପକ ଅଧାପିକା ଯେପରି ନିୟମିତ କ୍ଲାସ୍ କରିବେ ସେ ଦିଗରେ ଧ୍ୟାନ ଦେବାକୁ ଅଧକ୍ଷଙ୍କୁ ଅନୁରୋଧ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ଅଭିଯୋଗ ପାଇଁ ଏକ ଅଭିଯୋଗ ବାକ୍ସ ସ୍ଥାପନ କରିବା ଏବଂ ମିଳୁଥିବା ଅଭିଯୋଗର ତୁରନ୍ତ ସମାଧାନ କରିବା ଦିଗରେ ପଦକ୍ଷେପ କୁହାଯିବା ସହିତ ଏକ କମିଟି ମାଧ୍ୟମରେ ଆଭ୍ୟନ୍ତୀରଣ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ କୁହାଯାଇଥିଲା ।

# ସୁସ୍ଥ ପଂଚାୟତ ଗଠନ ପାଇଁ ମାଲକାନଗିରି ଜିଲ୍ଲାରେ ତିନି ଦିନିଆ ତାଲିମ୍ ଶିବିର ଉଦ୍‌ଯାପିତ

ମାଲକାନଗିରି, ୨୧/୦୭ (ନି.ପ୍ର): ସରକାରଙ୍କ ଉଦ୍ୟମରେ ସୁସ୍ଥ ଓ ସଚେତନ ପଂଚାୟତ ଗଠନ ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ତରଫରୁ ଏକ ତିନି ଦିନିଆ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପଂଚାୟତ ସାଧନ କେନ୍ଦ୍ର ରେ ଜିଲ୍ଲା ପରିଷଦ ତତ୍ୱାବଧାନରେ ୧୮ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଚାଲିଥିଲା । କାର୍ଯ୍ୟକ୍ରମକୁ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଉଦଘାଟନ କରିଥିଲେ । ଏଥିରେ ପୋଗ୍ରାମ୍ ମ୍ୟାନେଜର ହିମାଂଶୁ ଭୁଷଣ ମହାରଣା ଶିବିର ର ଉଦ୍ଦେଶ୍ୟ ଓ କାର୍ଯ୍ୟସୂଚୀ ବିଷୟରେ ବିସ୍ତୃତ ଭାବେ ଉପସ୍ଥିତ ମାନ୍ୟଙ୍କୁ ଅବଗତ କରାଇଥିଲେ । ଏହି ତାଲିମ୍ ଶିବିରରେ ଜିଲ୍ଲା ର ବିଭିନ୍ନ ବ୍ଲକ୍ ଓ ପଂଚାୟତରୁ ଆସିଥିବା ୫୬ ଜଣ ପୁରୁଷ ହେଲଥ ୱାର୍କର ମାନଙ୍କୁ ଯକ୍ଷ୍ମା ମୁକ୍ତ ପଂଚାୟତ, ପୃଷ୍ଟି ହୀନତା ଓ ରକ୍ତ ହୀନତା ନିବାରଣ ଉଦ୍ଦେଶ୍ୟରେ ବିଶେଷ ତାଲିମ୍ ଦିଆଯାଇଥିଲା । ଏହି ଶିବିରରେ ତାଲିମ୍ ଦାତା ଭାବରେ ଡା. ପ୍ରଜ୍ଞା ପଟ୍ଟନାୟକ, ପ୍ରଶାନ୍ତ ମଲ୍ଲିକ, କ୍ରୀଷ୍ଣାମୟୀ ମିଶ୍ର, ପ୍ରିୟବ୍ରତ ଯୋଶୀ ଏବଂ ପିରମଲ୍ ଫାଉଣ୍ଡେସନର ବିଷ୍ଣୁ ସାହୁ ଅନୁପ୍ରେରଣାଦାୟୀ ଏବଂ ତଥ୍ୟମୂଳକ ତାଲିମ୍ ଦେଇଥିଲେ । ତାଲିମ୍ ଶିବିର ପରେ ପ୍ରଶିକ୍ଷଣ ପାଇଥିବା ସ୍ୱାସ୍ଥ୍ୟ କର୍ମୀମାନେ ନିଜ ଅଂଚଳରେ ଜନସାଧାରଣଙ୍କୁ ସଚେତନ କରି ନିଜ ଜ୍ଞାନ ଓ ଅନୁଭବକୁ ବ୍ୟବହାର କରିବେ । କାର୍ଯ୍ୟକ୍ରମକୁ ସଫଳ ଓ ସୁସଂଗଠିତ ଭାବେ ପରିଚାଳନା କରିବାରେ ବିନାଶ କୁମାର ମିଶ୍ରଙ୍କ ନେତୃତ୍ୱ ରେ ବିଶ୍ୱନାଥ ମଣ୍ଡଳ, ଏନ. ଅହଲ୍ୟା ଓ ପଂଚାୟତ ସାଧନ କେନ୍ଦ୍ରର ସମସ୍ତ ସଦସ୍ୟ ମାନେ ସହଯୋଗ ଦେଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ ।

## ଡମଗୁଡା ଜଙ୍ଗଲରେ ଅବକାରି ଚଢ଼ଉ

ଜୟପୁର, ୨୧/୦୭ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ଡମଗୁଡା ଜଙ୍ଗଲରେ ଆଜି ସକାଳ ୮ଠାରୁ ଅବକାରି ଚଢଉ ହୋଇଛି । ଏହି ଚଢ଼ଉ ଅପରାହ୍ନ ୨ଟାରେ ଶେଷ ହୋଇଛି । ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୁଚନା ପାଇ ଜୟପୁର ଅବକାରି ଥାନା ଚଢାଉ କରିଛି । ଚଢାଉ ସୁଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରି ବିଭାଗ ବହୁ ମଦ ଭାଟି ଭାଙ୍ଗିବା ସହ ୫ ଶହ ଲିଟର ପୋଚ ଓ ୪୦ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି । ମଦ ରନ୍ଧା ସରଞ୍ଜାମ ଡ୍ରମ ଅଦିକୁ ଜବତ କରିଥିବା ବିଷୟ ଜୟପୁର ଅବକାରି ବିଭାଗ ତରଫରୁ ସୂଚନା ଦିଆଯାଇଛି ।

# ନାବାଳିକା ଅପହରଣକୁ ପୂରିଲା ୬ ସପ୍ତାହ: ହାତ ବାନ୍ଧି ବସିଛି ବାଲିଆପାଳ ପୋଲିସ

ବାଲିଆପାଳ , ୨୧/୭ (ନି.ପ୍ର): ବିଜେପି ସରକାର ରାଜ୍ୟରେ ନାରୀ ମାନଙ୍କୁ ସୁରକ୍ଷା ଦେବା ରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମହତ୍ୟା ଘଟଣାରେ ଓଡିଶା ଉଠୁଛି ପଡୁଛି। ପୋଲିସ ଅଭିଯୋଗକୁ ଗ୍ରହଣ ନକରିବାରୁ ଏପରି ଏକ ଅଭାବନୀୟ ଘଟଣା ଉପୁଜିଲା। ପୋଲିସର ଅପାରଗତା ପରଦାରେ ପଡ଼ିଲା। ଲୋକଙ୍କୁ ନ୍ୟାୟ ଦେବାରେ ପୋଲିସ ବିଫଳ ହୋଇଛି ଏହାର ଆଉ ଏକ ଜଳନ୍ତ ଉଦାହରଣ ବାଲିଆପାଳ ଥାନା ଅନ୍ତର୍ଗତ କରଞ୍ଜ ଅଞ୍ଚଳରେ ଘଟିଛି। ଘଟଣାରୁ ପ୍ରକାଶ ବାଲିଆପାଳ ଥାନା ଅନ୍ତର୍ଗତ କରଞ୍ଜ ଗ୍ରାମର ଜନୈକ ନାବାଳିକା ବୟସ ୧୭ ଜୁନ ୧୦ ତାରିଖରେ ଭୋଜି ଖାଇବାପାଇଁ ବାଲିଆପାଳ ଥାନା ଗୋଟାମୂଳୀ ଗ୍ରାମର ଜ୍ୟୋତ୍ସ୍ନା ରାଣୀ ଜେନା ତାଙ୍କ ଘରକୁ ଭୋଜି ଖାଇବାକୁ ଡ଼ାକି ନେଇଥିଲେ। ମାତ୍ର ଝିଅ ଆଉ ଘରକୁ ଫେରି ନଥିଲା। ଝିଅର ବାପା ଜ୍ୟୋତ୍ସ୍ନା ଘରକୁ ଯାଇ ଝିଅ କାହିଁ ପଚାରିବାରୁ ଝିଅକୁ ଜଗତିପୁର ଗ୍ରାମର ନିଆସି ଜେନା ଙ୍କ ପୁତ୍ର ଅଜୁ ଜେନା କେଉଁଆଡେ ନେଇ ଯାଇଥିବା କଥା କହିଥିଲେ। ଏନେଇ ଝିଅ ର ବାପା ଜୁନ ୧୧ ତାରିଖରେ ବାଲିଆପାଳ ଥାନା ରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କରିବାର ୬ ସପ୍ତାହ ବିତିଗଲା ମାତ୍ର ଅଭିଯୁକ୍ତ ଅଜୁକୁ ଧରି ପାରିଲା ନାହିଁ ବାଲିଆପାଳ ପୋଲିସ କି ତଦନ୍ତ ପାଇଁ ଥରେ ମଧ ଆସିନାହିଁ।ବାଲିଆପାଳ ପୋଲିସ ର ନିଷ୍କ୍ରିୟତା ଯୋଗୁଁ ଝିଅର ବାପା ଜୁଲାଇ ୮ ତାରିଖରେ ବାଲେଶ୍ୱର ଏସପିଙ୍କ ଦ୍ୱାରସ୍ଥ ହୋଇ ଝିଅକୁ ଉଦ୍ଧାର କରିବା ପାଇଁ ନିବେଦନ କରିଥିଲେ ମାତ୍ର ଆଜି ଯାଏଁ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ। ନ୍ୟାୟ ପାଇବାରୁ ବଞ୍ଚିତ ଏହି ପରିବାର ଆଗାମୀ ଦିନରେ ବାଲେଶ୍ୱର ଏସପି ଅଫିସ ସମ୍ମୁଖରେରେ ଆତ୍ମହୁତି କରିବେ ବୋଲି ପରିବାର ଲୋକେ ଏକ ପ୍ରେସ ବିବୃତିରେ କହିଛନ୍ତି। ତେବେ ବାଲିଆପାଳ ଥାନା ଅଧିକାରୀ ଫୋନ୍ ଉଠାଉ ନଥିବାରୁ ପ୍ରତିକ୍ରିୟା ମିଳିପାରିନାହିଁ।

## ଶ୍ୱଶୁର ଘରେ ଜ୍ୱାଇଁଙ୍କ ଅସ୍ୱାଭାବିକ ମୃତ୍ୟୁ: ଅପମୃତ୍ୟୁ ମାମଲା ରୁଜୁ

ବୈଶିଙ୍ଗା, ୨୧/୭ (ନି.ପ୍ର): ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ସଇତପୁର ପଞ୍ଚାୟତର କୁରାଡିକ ଗ୍ରାମରେ ଶଶୁରଙ୍କ ଘରକୁ ବୁଲିବାକୁ ଆସି ଜ୍ୱାଇଁଙ୍କ ମୃତ୍ୟୁ ବରଣ କରିବା ଘଟଣା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ମିଳିଥିବା ସୂଚନା ମୁତାବକ ବେତନଟୀ ଥାନା ସଙ୍ଗାଡିହି ଗ୍ରାମର ପୂର୍ଣଚନ୍ଦ୍ର ମହାନ୍ତଙ୍କ ପୁଅ ଦେବାଶିଷ (୨୬ବର୍ଷ) ସଇତପୁର ଠାରେ ଥିବା ଶ୍ୱଶୁର ଲାଲମୋହନ ମହାନ୍ତଙ୍କ ଘରକୁ ବୁଲିବାକୁ ତିନି ଦିନ ତଳେ ଆସିଥିଲେ। ରବିବାର ଅପରାହ୍ନରେ ତାଙ୍କୁ ବହୁ ଖୋଜାଖୋଜି ପରେ ମଧ ଦେଖିବାକୁ ମିଳିନଥିଲା। ତେବେ ସନ୍ଧ୍ୟାରେ ଗ୍ରାମବାସୀ ଲାଲମୋହନଙ୍କୁ ତାଙ୍କ ଜ୍ୱାଇଁ ବିଲ ନିକଟରେ ମୃତ ଅବସ୍ଥାରେ ପଡ଼ିଥିବା ଜଣାଇଥିଲେ। ଲାଲମୋହନଙ୍କ ଠାରୁ ଖବର ପାଇ ବୈଶିଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ୩୨ ନଂ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ସୋମବାର ପଠାଇ ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ତେବେ ଦେବାଶିଷଙ୍କୁ ଫିଟ୍ସ ବା ମୂର୍ଚ୍ଛା ବାତ ରୋଗ ଥିବା ପରିବାର ଲୋକଙ୍କ ସୂତ୍ରରୁ ପ୍ରକାଶ।

## ମହିଳା ମହାବିଦ୍ୟାଳୟରେ ଗଠନ ହେଲା ଆଭ୍ୟନ୍ତରିଣ ସୁରକ୍ଷା କମିଟି: ସଂଯୋଜିକା ଭାବରେ ଦାୟିତ୍ୱ ନେଲେ ଅଧାପିକା ମଂଜୁଳା କଲିଆ




ଉଦଳା , ୨୧/୭ (ନି.ପ୍ର): ବାଲେଶ୍ୱରରେ ଛାତ୍ରୀ ପୋଡ଼ି ଘଟଣା ପରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ଆଭ୍ୟନ୍ତରିଣ ସୁରକ୍ଷା କମିଟି (ଆଇ.ସି.ସି.) ଗଠନ କରାଯିବା ପାଇଁ ତତ୍ପରତା ପ୍ରକାଶ ପାଇଛି । ସେହିଭଳି ଉଦଳାସ୍ଥିତ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟ ପରିସରରେ ଆଜି ଜୁଲାଇ ୨୧ ତାରିଖ ସୋମବାର ଦିନ ଆଭ୍ୟନ୍ତରିଣ ସୁରକ୍ଷା କମିଟି ଗଠନ କରାଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଶଶିଭୂଷଣ ପାଣିଗ୍ରାହୀ ଏଥିରେ ଅଧକ୍ଷତା କରି ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ ଅନୁଯାୟି ଛାତ୍ରୀ ସୁରକ୍ଷା ପାଇଁ ଆଜି କିପରି ଏହାର ଆବଶ୍ୟକତା ଜରୁରୀ ହୋଇପଡ଼ିଛି ସେ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାପରେ ମହାବିଦ୍ୟାଳୟର ବରିଷ୍ଠ ଅଧାପିକା ମଂଜୁଳା କଲିଆ ଆଭ୍ୟନ୍ତରିଣ ସୁରକ୍ଷା କମିଟିର ସଂଯୋଜିକା ଭାବରେ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ମହାବିଦ୍ୟାଳୟର ପୁର୍ବତନ ଛାତ୍ରୀ ସନ୍ତୋଷିନି ମହାନ୍ତି ଓ ସ୍ୱେଚ୍ଛାସେବି କଲ୍ୟାଣି ରାଜ ସୁରକ୍ଷା କମିଟିର ସଦସ୍ୟା ଭାବରେ ମନୋନିତ ହୋଇଛନ୍ତି । କର୍ମକ୍ଷେତ୍ରରେ ଉପୁଜୁଥିବା ସମସ୍ୟାରୁ ରକ୍ଷା ପାଇବା ପାଇଁ ରାଜ୍ୟ ସରକାରଙ୍କ ଟୋଲ ଫ୍ରି ନମ୍ବର - ୧୮୧ କିମ୍ବା ପୋଲିସ ସହାୟତା ନିମନ୍ତେ ନମ୍ବର-୧୧୨କୁ ଯୋଗାଯୋଗ କରିବା ପାଇଁ ସଂଯୋଜିକା ଅଧାପିକା କଲିଆ ଅବଗତ କରାଇଥିଲେ । ଶେଷରେ ସମେସ୍ତ ଶପଥ ପାଠ କରିବା ସହିତ ଆଜିର କାର୍ଯ୍ୟକ୍ରମର ଯବନିକା ପଡ଼ିଥିଲା ।

## ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ



ସୋର , ୨୧/୭ (ନି.ପ୍ର): ଆଜି ସକାଳ ଘ: ୧୦ ଟିକା ସମୟରେ ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ରାଜ ପ୍ରସାଦଙ୍କ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ୧୪୧ ଜଣ ଅଭିଯୋଗକାରୀ ନିଜ ନିଜ ନାମ ପଞ୍ଜିକରଣ କରି ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରି ଥିଲେ। ସେଗୁଡିକ ମଧ୍ୟରୁ ୧୩୫ ଗୋଟି ବ୍ୟକ୍ତିଗତ ଓ ୦୬ ଗୋଟି ସାମୁହିକ ଅଭିଯୋଗ ପତ୍ର ମିଳିଥିଲା । ତନ୍ମଧ୍ୟରୁ ୦୭ ଗୋଟି ଦରଖାସ୍ତର ଆଶୁ ସମାଧାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ ସିଂ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ, ଅତିରିକ୍ତ ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ଡ଼. ମଧୁସ୍ମିତା ସାମନ୍ତରାୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ଼. ପ୍ରଭାତ କୁମାର ବେହେରା, ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।

## ସମାଜସେବୀ ବରିଷ୍ଠ ନାଗରିକ ଘନ ବେହେରାଙ୍କ ପରଲୋକ

ଖୋର୍ଦ୍ଧା, ୨୧/୭ (ନି.ପ୍ର): ଖୋର୍ଦ୍ଧାର ଜଣେ ଜଣା ଶୁଣା ସମାଜ ସେବି ତଥା ବିଭିନ୍ନ ଅନୁଷ୍ଠାନ ସହିତ ଜଡିତ ବରିଷ୍ଠ ନାଗରିକ ଘନ ବେହେରା ( ଟନିଆ)ଙ୍କ ପରଲୋକ ଘଟିଛି। ସାଗୁଆନ ବଗିଚାସ୍ଥିତ ନିଜ ବାସଭବନରେ ଟନିଆଙ୍କ ମୃତ୍ୟୁ ଘଟିଥିବା ବେଳେ ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ହୋଇଥିଲା। ଟନିଆଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ସ୍ଥାନୀୟ ଅଞ୍ଚଳର ଜଣେ ମୁରବି ଶ୍ରେଣୀୟ ଓ ପରୋପକାରୀ ବ୍ୟକ୍ତି ଥିଲେ ।ଅନ୍ୟ ସହଯୋଗୀଙ୍କ ସହ ମିଶି ବିଭିନ୍ନ ଅଞ୍ଚଳରେ ନ୍ୟାୟ ନିଶାପରେ ଯୋଗଦେଇ ସାଇ ବିବାଦ , ମନ ମାଳିନ, ବିଭିନ୍ନ ସମସ୍ୟାର ସମାଧାନ କରି ଲୋକଙ୍କୁ ନ୍ୟାୟ ଯୋଗାଇ ଦେଇ ଆସୁଥିଲେ। ଏଥି ସହିତ ସାଗୁଆନ ବଗିଚା ସଂକୀର୍ତ୍ତନ ମଣ୍ଡଳି, ଅଷ୍ଟପ୍ରହରି ଆଦି କମିଟିରେ ବରିଷ୍ଠ ସଦସ୍ୟ ରହି ସ୍ୱର୍ଗତ ବେହେରା ସୁଚାରୁ ରୁପେ କାର୍ଯ୍ୟ ସମ୍ପାଦନ କରି ସମସ୍ତଙ୍କ ପ୍ରିୟ ଭାଜନ ଥିଲେ । ସ୍ୱର୍ଗତ ଟନିଆଙ୍କ ମୃତ୍ୟୁ ଖବର ପାଇଁ ପୂର୍ବତନ ବିଧାୟକ ଜିତୁମିତ୍ର , ଉତ୍ତର ଓଡ଼ିଶାର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ,ସମାଜ ସେବୀ ଜିତେନ୍ଦ୍ର ପ୍ରଧାନ (ରାଜା) ଦିପୁ ହୋତା ,ସମ୍ବାଦିକ ଲଳିତ ମୋହନ ମହାପାତ୍ର ,ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।

## ସମାଜସେବୀ ରାମନାରାୟଣ ରାୟଙ୍କ ଜନ୍ମ ଜୟନ୍ତୀରେ ଫଳ ବଂଟନ

ଭଦ୍ରକ, ୨୧/୭ (ନି.ପ୍ର): ଭଦ୍ରକ ଜିଲ୍ଲା ଆଗରପଡା ଗଡସାହି ଗ୍ରାମର ବିଶିଷ୍ଟ ଗାନ୍ଧିବାଦୀ ତଥା ଆଧାତ୍ମିକବାଦୀ ମଣିଷ ରାମନାରାୟଣ ରାୟଙ୍କ ୯୦ ତମ ଜନ୍ମ ଜୟନ୍ତି ଅବସରରେ ଆଗରପଡା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ରୋଗୀ ଏବଂ ଗୋପିନାଥ ଜରାନିବାସର ଅନ୍ତେବାସୀ ମାନଙ୍କୁ ଫଳ ବଂଟନ କରାଯାଇଛି । ସକାଳେ ସ୍ଥାନୀୟ ଅନନ୍ତ ମାଧବ ଜିୟୁ ମନ୍ଦିରରେ ପୂଜାର୍ଚ୍ଚନା ପରେ ଡାକ୍ତରଖାନାରେ ଥିବା ରୋଗୀ ଏବଂ କର୍ମଚାରୀ ମାନଙ୍କୁ ଫଳ ବଂଟନ କରା ଯାଇଥିଲା। ପରେ କଲେଜଛକସ୍ଥିତ ଗୋପିନାଥ ଜରାନିବାସକୁ ଯାଇ ଫଳ ବଂଟନ କରା ଯାଇଥିଲା । ପରିବାରର ବ୍ୟବସାୟୀ ନୃସିଂହ କୁମାର ରାୟ,ହାଇକୋର୍ଟର ଆଇନ୍‌ଜିବୀ ମନୋଜ ରାୟ, ବ୍ୟବସାୟୀ ମାନସ ରାୟ ଏବଂ ଯୁବ ଶିଳ୍ପଦ୍ୟୋଗୀ ତାପସ ରାୟଙ୍କ ତତ୍ୱାବଧାନରେ ଅନୁଷ୍ଠିତ ସେବା କାର୍ଯ୍ୟରେ ଆଗରପଡା ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ରାମଚନ୍ଦ୍ର ନାୟକ, ବିଜେପି ମହତାବ ମଣ୍ଡଳ ସଭାପତି ଅମୂଲ୍ୟ ରତ୍ନ ନନ୍ଦ, ଗୋପାଳ କୃଷ୍ଣ ଦାଶ, ସମ୍ବାଦିକ ହେମନ୍ତ ସିଂହ, ପ୍ରଦ୍ୟୁମ୍ନ ପୁହାଣ, ଜିତେନ୍ଦ୍ର ଶତପଥି,ଅକ୍ଷୟ ସିଂହ, ଯୁବ ସମାଜସେବୀ ଅନିରୁଦ୍ଧ ସିଂହ, ଆଇଡିଆଲ୍ ୟୁଥ୍ କ୍ଲବ ସଭାପତି ମନ୍ମଥ ଦାସ,ବିଜ୍ଞାନ ଭୂଷଣ ମହାନ୍ତି, ସୁଶାନ୍ତ ଶତପଥି, ଅଶୋକ ପରିଡା, ରୁଗା ସିଂହ, ଜୟଦେବ ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜ୍ୟସ୍ତରୀୟ ପୋଲିସ ଭଲିବଲ ଚମ୍ପିୟାନସିପରେ ମୟୁରଭଞ୍ଜ ପୋଲିସ ଦଳ



ବାରିପଦା , ୨୧/୭ (ନି.ପ୍ର): ୬ଷ୍ଠ ବାଟାଲିଆନ, କଟକ ଆନୁକୂଲ୍ୟରେ ଆୟୋଜିତ ୭୭ତମ ରାଜ୍ୟସ୍ତରୀୟ ପୋଲିସ ଭଲିବଲ ଚମ୍ପିୟାନସିପରେ ଅଂଶଗ୍ରହଣ କରିବା ପାଇଁ ମୟୁରଭଞ୍ଜ ପୋଲିସ ଦଳ କଟକ ଅଭିମୁଖେ ଯାତ୍ରା କରିଛି. ଦଳରେ ହରିହର ମଲ୍ଲିକ ଅଧିନାୟକ, ନିରଞ୍ଜନ ନାଏକ, ରାଜୀବ କୁମାର ଭୂୟାଁ, ଲକ୍ଷ୍ମୀ ନାରାୟଣ ସାହୁ, ବିକାଶ ଗିରି, ଜଗତ ଜୀବନ ସେଠି, ସ୍ନେହାଶିଷ ମହାନ୍ତି, ମିଲୁ ମହାନ୍ତ, ଜନ୍ମେଜୟ ଦାସ, ଅଞ୍ଜନ ବେହେରା, ପ୍ରୀତମ ମହାନ୍ତ, ସାମିଲ ଅଛନ୍ତି । ମ୍ୟାନେଜର ଭାବେ କେ. ବିଶ୍ୱନାଥ ରାଓ ଓ ଜୀତେନ୍ଦ୍ର ଜେନା କୋଚ ଭାବେ ଦଳ ସହିତ ଗସ୍ତ କରିଛନ୍ତି ରିଜର୍ଭ ପୋଲିସ ଇନ୍ସପେକ୍ଟର ଆଲୋକ କାନୁନଗୋ, ପୋଲିସ ସଙ୍ଘ ସମ୍ପାଦକ ସୁରଜ କୁମାର ରାଜ, ଏନ ଆଇ ଏସ କୋଚ ମନୋରଞ୍ଜନ ଜୀଉ ଓ ଭାନୁପ୍ରତାପ ଭଞ୍ଜଦେଓ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ. ଚଳିତ ମାସ ୨୨ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ଏହି ଚମ୍ପିୟାନସିପ ଅନୁଷ୍ଠିତ ହେବ ଏବଂ ମୟୁରଭଞ୍ଜ ତାର ପ୍ରଥମ ମ୍ୟାଚ ୨୨ ତାରିଖ ଦିନ ଖେଳିବ।

## 'ପ୍ରଜାପତି' ଶିକ୍ଷା ଶାଖାର ଆଲୋଚନାଚକ୍ର 'ଶିକ୍ଷା, ସଂପର୍କ ଓ ଆତ୍ମବିକାଶ'

ବାଲେଶ୍ୱର, ୨୧/୭ (ନି.ପ୍ର): 'ପ୍ରଜାପତି' ଶିକ୍ଷା ଶାଖା 'ସ୍ୱୀକାର' ତରଫରୁ ପରିବାର ଓ ସହଯୋଗୀ ସଦସ୍ୟଙ୍କୁ ନେଇ 'ଶିକ୍ଷା, ସଂପର୍କ ଓ ଆତ୍ମବିକାଶ' ଶୀର୍ଷକ ଏକ ଆଲୋଚନାଚକ୍ର ସ୍ଥାନୀୟ ଆତିଥ୍ୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଶିକ୍ଷାକୁ ସ୍ୱୀକାର, ଉପଯୁକ୍ତ ସଂପର୍କ ଓ ସତ୍‌ପୁସ୍ତକ ପଠନ ହିଁ ମଣିଷ ଜୀବନକୁ ସୁନ୍ଦରକରି ଗଢ଼ି ତୋଳିଥାଏ। ଦୃଷ୍ଟିଭଙ୍ଗୀର ପରିବର୍ତ୍ତନ ମଣିଷ ମନରେ ବିପୁଳ ଆତ୍ମଶକ୍ତି ଓ ଅଦମ୍ୟ ଉତ୍ସାହ ଭରି ଜୀବନକୁ ସଫଳମାର୍ଗରେ ପରିଚାଳିତ କରେ। ପରିବାର ହିଁ ସମାଜ ଗଠନ ଓ ବ୍ୟକ୍ତିତ୍ୱ ବିକାଶର ପ୍ରୟୋଗଶାଳା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। 'ପ୍ରଜାପତି'ର ପ୍ରତିଷ୍ଠାତା କବି ପ୍ରଶାନ୍ତ ଦାସ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ପୌରହିତ୍ୟ କରିଥିଲେ। ପ୍ରାରମ୍ଭରେ ବିଦାୟୀ ଆତ୍ମା ସୌମ୍ୟାଶ୍ରୀଙ୍କ ପାଇଁ ନୀରବ ପ୍ରାର୍ଥନା ପରେ ଆବାହକ ବିପ୍ଲବ ଦାସ ମହାପାତ୍ର ଆଲୋଚନା ଚକ୍ର ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଆମନ୍ତ୍ରିତ ଅତିଥି ଆଲୋଚକ ଭାବେ ଗାୟତ୍ରୀ ଆଚାର୍ଯ୍ୟ, ଶୁଭଶ୍ରୀ ଦାସ, ମୋନାଲିସା ମହାନ୍ତି ଯୋଗଦାନ କର ବ୍ୟକ୍ତିତ୍ୱ ବିକାଶ ଓ ସମାଜ ନିର୍ମାଣରେ ପରିବାରର ଭୂମିକା ସଂପର୍କରେ କଥା ରଖିଥିଲେ। ସଂପାଦକ ରାଜେଶ ଗିରି ଓ ସଂଯୋଜକ ପାର୍ଥସାରଥୀ ସାହୁ ସ୍ୱାଗତ ଓ ଆଭିମୁଖ୍ୟ ସଂପର୍କରେ ପ୍ରଥମ କଥା ରଖିଥିଲେ। ଆଲୋଚନାଚକ୍ରରେ ଅଂଶଗ୍ରହଣ କରି ନନ୍ଦିତା ନାୟକ, ପ୍ରେୟସୀ ମହାପାତ୍ର, ରଂଜନା ଘୋଷ, ସରସ୍ୱତୀ ଭୋଇ, ପ୍ରତିମା ତ୍ରିପାଠୀ, ରୋଜାଲିନ୍ ଶତପଥୀ, ସୁଜାତା ଦାସ, ରଶ୍ମିତା ଆଚାର୍ଯ୍ୟ, ସୁପ୍ରଭା ଦଳେଇ, ରଶ୍ମି ସ୍ୱାଇଁ, ରୁବିତା ଦାସ, ଇପ୍‌ସିତା ଦାସ, ନିତୁ ସାହୁ ପ୍ରମୁଖ ଉତ୍ତମ ପରିବାର ସମ୍ପର୍କରେ ମତ ରଖିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ବ୍ୟକ୍ତିତ୍ୱ ବିକାଶରେ ପରିବାରର ଭୂମିକା ସଂପର୍କରେ ଅମରଜିତ ଦାସ, ଶୁଭ୍ରାଂଶୁ ପଣ୍ଡା, ସନ୍ତୋଷ ଦଳେଇ, ଜୀବନଜ୍ୟୋତି ସ୍ୱାଇଁ, ମଧୁସୂଦନ ମିଶ୍ର, ଅନୁପ ଦାସ, ଅଭିଜିତ୍ ମହାପାତ୍ର, ସଂଜୀବ ନାୟକ, ଅଜୟ ଗୁହା ପ୍ରମୁଖ ନିଜ ନିଜର ଅନୁଭବର କଥା ରଖିଥିଲେ। ପ୍ରତିଭା ବିକାଶ କାର୍ଯ୍ୟକ୍ରମକୁ ଉପସ୍ଥାପନା କରିଥିଲେ ପ୍ରୀତିକ୍ରିଷ୍ଣା ଦାସ ଓ ବୈଷ୍ଣବୀ ସ୍ୱାଇଁ, ଈଶି ସ୍ୱାଇଁ ଓ ଦିବ୍ୟଦର୍ଶିନୀ ନାୟକ ପ୍ରମୁଖ ଶିଶୁମାନେ ଏ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶେଷରେ ଅମରଜିତ୍ ଦାସ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଛାତ୍ର କଂଗ୍ରେସ ସଭାପତି ...

ହେଲେ ରାଜ୍ୟ ସରକାର ଏବେ ମହିଳା ନିର୍ଯାତନା ଘଟଣାରେ ଶୂନ୍ୟ ସହନଶୀଳତା ନୀତି ଆପଣାଇଥିବାରୁ ସାହସ ଜୁଟାଇ ମଞ୍ଚେଶ୍ୱର ଥାନାରେ ଏତଲା ଦେଇଥିଲେ ପୀଡିତା। ଏଣେ ନିଜ ଘର ଗୁମର ଖୋଲିବା ପରେ ତୁରନ୍ତ ଉଦିତଙ୍କୁ ପଦରୁ ନିଲମ୍ବନ କରିଛି କଂଗ୍ରେସ। ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ଗଠନ କରିଛି ତଥ୍ୟ ଅନୁଧାନକାରୀ ଟିମ୍। ଏସିପିଙ୍କ କାର୍ଯ୍ୟାଳୟରେ ପହଞ୍ଚି ଟିମ୍ ର ସଦସ୍ୟ ଘଟଣାର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି। ସେପଟେ ବିଜେପି ଯୁବ ମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା ସାମ୍ବାଦିକ ସମ୍ମିଳନୀର କରି ରାଜ୍ୟ କଂଗ୍ରେସକୁ ପ୍ରବଳ ଧୋଇଛନ୍ତି। ସେ କହିଛନ୍ତି, ଖଣ୍ଡଗିରି ଥାନାରେ ଅଭିଯୋଗ ରହିଥିଲା। ଏହାସତ୍ତ୍ୱେ ତାଙ୍କୁ ଛାତ୍ର କଂଗ୍ରେସ ସଭାପତି କିପରି କରାଗଲା। ନିଜେ ପିସିସି ସଭାପତି ନାରୀ ସୁରକ୍ଷା ନେଇ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ଏବେ ଉଦିତଙ୍କ ଗିରଫ ପରେ ନିଜେ ଇସ୍ତଫା ଦେବେ କି ବୋଲି ଅଭିଲାଷ ପ୍ରଶ୍ନ କରିଛନ୍ତି ? ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଛାତ୍ର କଂଗ୍ରେସ ସଭାପତିଙ୍କ କାରନାମାକୁ ବିରୋଧ କରି ରାଜରାସ୍ତାକୁ ଓହ୍ଲାଇଛି । ବିଜେପି ଯୁବ ମୋର୍ଚ୍ଚା ମଧ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନରେ ବିକ୍ଷୋଭ ପ୍ରଦର୍ଶନ ସହ ରାହୁଲ ଗାନ୍ଧି ଓ ଭକ୍ତ ଦାସଙ୍କ କୁଶପୁତ୍ତଳିକା ଦାହ କରିଛି । ଅନ୍ୟପକ୍ଷରେ ଭକ୍ତ ଦାସ ଆଜି ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି, ଆନ୍ଦୋଳନକୁ ବନ୍ଦ କରିବାକୁ ବିଭ୍ରାନ୍ତ କରାଯାଉଛି। ଉଦିତଙ୍କୁ ଦଳ ନିଲମ୍ବିତ କରିଛି, ନାରୀ ନ୍ୟାୟ ସମସ୍ତଙ୍କ ପାଇଁ ସମାନ। ଭକ୍ତ ଦାସ ପିସିସି ସଭାପତି ଭାବେ ନିଯୁକ୍ତି ପାଇବା ପରେ ନାରୀ ସୁରକ୍ଷାକୁ ମୁଖ୍ୟ ପ୍ରସଙ୍ଗ କରି ସରକାରକୁ ଘେରିବାକୁ ଉଦ୍ୟମ କରୁଛନ୍ତି। ଏପରିକି ବିଧାନସଭାରେ ବାରମ୍ବାର ଅଚଳାବସ୍ଥା ଜାରି ରଖିଲେ କଂଗ୍ରେସ ବିଧାୟକ। ଯେଉଁଥିପାଇଁ କଂଗ୍ରେସର ସମସ୍ତ ୧୪ ବିଧାୟକଙ୍କୁ ବିଧାନସଭାରୁ ନିଲମ୍ବନ କରିଥିଲେ ବାଚସ୍ପତି। ଆଉ ଏବେ ଉଦିତ ପ୍ରଧାନ ଦୁଷ୍କର୍ମ ଅଭିଯୋଗରେ ଗିରଫ ହେବା ପରେ ଦଳର ଛବି ମଳିନ ପଡିଥିବା ଚର୍ଚ୍ଚା ହେଉଛି।

### ପଞ୍ଚମ ଦିନରେ ଘାଣ୍ଟୁଛି ...

ଘଟଣା ପରେ ୭ଟି ସାଇକେଲ କଲେଜ ପରିସରରେ ପଡିରହିଥିଲା । ଯାହା ସନ୍ଦେହ ଘେରକୁ ଆସିଛି । ଆଜି ଜଣେ ଛାତ୍ରୀ ନିଜ ସାଇକେଲ ନେଇଛନ୍ତି । ଅନ୍ୟ ସାଇକେଲ କାହାର ତାହା ଜଣାପଡିନାହିଁ । କନକ ନ୍ୟୁଜରେ ଆଇସିସି ରିପୋର୍ଟର ସତ ସାମ୍ନାକୁ ଆସିବା ପରେ ପ୍ରତିକ୍ରିୟା ରଖିଛନ୍ତି କମିଟି ସଦସ୍ୟା ମୀନତି ସେଠୀ । କହିଛନ୍ତି, ଲିଖିତ ରିପୋର୍ଟ ବ୍ୟତୀତ ମୌଖିକ ଭାବେ ସମୀର ସାହୁଙ୍କୁ ବଦଳି ବାବଦରେ କହିଥିଲୁ । ସମ୍ବେଦନଶୀଳ ପରିସ୍ଥିତିକୁ ଦୃଷ୍ଟିରେ ରଖି ସମୀର ସାହୁଙ୍କୁ ଅନ୍ୟତ୍ର ବଦଳି କରିବା କିମ୍ବା ଛୁଟିରେ ପଠାଇଦେବା ପାଇଁ କଲେଜ ଅଧକ୍ଷଙ୍କୁ ମୌଥିକ ଭାବେ କହିଥିଲେ କମିଟି ସଦସ୍ୟ । ସମୀର ସାହୁଙ୍କ ବିରୋଧରେ କେହି କିଛି କହିନାହାନ୍ତି । ତେଣୁ କେମିତି ସମୀର ସାହୁଙ୍କ ବିରୋଧରେ ଲେଖିଥାନ୍ତୁ ବୋଲି ଓଲଟା ପ୍ରଶ୍ନ କରିଛନ୍ତି ମନୀତି ସେଠୀ । ରବିବାର କ୍ରାଇମବ୍ରାଞ୍ଚ ଡିଜି ବାଲେଶ୍ୱରରେ ତଦନ୍ତ କରିଥିଲେ । କିଛି ଗୁରୁତ୍ୱପୂର୍ଣ୍ଣ ସୁରାକ୍ ମିଳିଥିବା ସୂଚନା ଦେଇଥିଲେ । ତେଣୁ କ୍ରାଇମବ୍ରାଞ୍ଚର ତଦନ୍ତର ନିଷ୍କର୍ସ ଉପରେ ସମସ୍ତଙ୍କ ନଜର ରହିଛି ।

### ଅନଲାଇନ୍ ବେଟିଂ ଆପ୍ ...

ନିଷ୍ପତ୍ତିରେ କୌଣସି ତ୍ରୁଟି ନାହିଁ । ବିଚାରପତିଙ୍କ ଚିନ୍ତାଧାରା ଏବଂ ଆଭିମୁଖ୍ୟରେ କୌଣସି ତ୍ରୁଟି ନାହିଁ । ବିଶେଷ ତଥ୍ୟ ଏବଂ ପରିସ୍ଥିତିକୁ ବିଚାର କରି ଆମେ ଆବେଦନକୁ ଖାରଜ କରୁଛୁ । ସେପଟେ କୋର୍ଟରେ ଆଉ ଏକ ପିଟିସନ ଦାଖଲ କରିଛନ୍ତି କର୍ଣ୍ଣାଟକ ସରକାର। କେନ୍ଦ୍ର ସରକାର ସିବିଆଇ, ଆଇଟି ଓ ଇଡି ପରି ତଦନ୍ତକାରୀ ସଂସ୍ଥାଙ୍କୁ ଅପବ୍ୟବହାର କରୁଛନ୍ତି । ଏ ଦିଗରେ ଧାନ ଦେବାକୁ ଅପିଲ କରାଯାଇଛି । ଏଥିସହ ଇଡି ଉପରେ କଡ଼ା ଟିପ୍ପଣୀ ପାଇଁ କୋର୍ଟଙ୍କୁ ଧନ୍ୟବାଦ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ।

### ରାଜ୍ୟପାଳଙ୍କୁ ଭେଟିଲେ...

ରାଜ୍ୟରେ ରାଜନୈତିକ ସ୍ଥିତି ବେଶ ସରଗରମ ରହିଛି। ରାଜ୍ୟରେ କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଘଟିଲେ ରାଜ୍ୟପାଳଙ୍କୁ ଭେଟିବା ଏକ ସ୍ୱାଭାବିକ ଘଟଣା। ପ୍ରାୟ ଏକ ଘଣ୍ଟା ଧରି ଉଭୟଙ୍କ ମଧରେ ଆଲୋଚନା ହୋଇଥିବା କୁହାଯାଉଛି। ଯେହେତୁ ଆଗକୁ ବିଧାନସଭାର ମୌସୁମୀ ଅଧିବେସନ ରହିଛି ତାପୂର୍ବରୁ ହୁଏତ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ କରାଯାଇପାରେ ବୋଲି ଅନୁମାନ କରିଛନ୍ତି ରାଜନୈତକି ସମୀକ୍ଷକ।

### ମୌସୁମୀ ଅଧିବେଶନର...

ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ପାଇଁ କଂଗ୍ରେସ ପକ୍ଷରୁ ନୋଟିସ ଦିଆଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜେ ଉଭୟ ଗୃହରେ ଉତ୍ତର ଦେବାକୁ ବିରୋଧୀ ଦାବି କରିଛନ୍ତି । ମୁଖ୍ୟ ପ୍ରସଙ୍ଗ ରହିଛି ପହଲଗାମ ଆକ୍ରମଣ, ଅପରେସନ ସିନ୍ଦୂର ଓ ଟ୍ରମ୍ପଙ୍କ ମଧସ୍ଥତା ଭୂମିକା। ବିହାରରେ ଭୋଟର ତାଲିକା ସଂଶୋଧନ ପ୍ରସଙ୍ଗ ମଧ ସଂସଦରେ ଉଠିଛି । ଏସବୁ ଉପରେ ସରକାର ଆଭିମୁଖ୍ୟ ସ୍ପଷ୍ଟ କରିବାକୁ ବିରୋଧୀ ଦାବି କରିଛନ୍ତି। ସବୁ ପ୍ରସଙ୍ଗରେ ଆଲୋଚନା ପାଇଁ ପ୍ରସ୍ତୁତ ବୋଲି ସରକାର ସଂକେତ ଦେଇଥିଲେ ସଂସଦରେ ଏହାର କୌଣସି ପ୍ରଭାବ ପଡ଼ିନାହିଁ। ସଂସଦର ମୌସୁମୀ ଅଧିବେଶନ ଅଗଷ୍ଟ ୨୧ ପର୍ଯ୍ୟନ୍ତ ଚାଲିବ। ଏଥିରେ ବିଭିନ୍ନ ବିଲ୍ ପାସ୍ ପାଇଁ ଲକ୍ଷ୍ୟ ରଖିଛନ୍ତି ସରକାର । ଉଭୟ ଗୃହ ସାରା ଅଧିବେଶନରେ ସରଗରମ ରହିବା ସମ୍ଭାବନା ଅଛି।

### ୨୦୦୬ ମୁମ୍ବାଇ ଟ୍ରେନ...

ମାମଲାର ଶୁଣାଣି କରି ଏପରି ରାୟ ଦେଇଛନ୍ତି। ରାୟରେ ଖଣ୍ଡପୀଠ କହିଛନ୍ତି ଯେ ଉପଯୁକ୍ତ ପ୍ରମାଣ ଦେବାରେ ସରକାରୀ ଓକିଲ ବିଫଳ ହୋଇଛନ୍ତି। କେବଳ ସନ୍ଦେହ ଛଡ଼ା ସରକାରୀ ଓକଲି କୌଣସି ପ୍ରକାରର ଠୋସ ପ୍ରମାଣ ଉପସ୍ଥାପନ କରି ପାରି ନାହାନ୍ତି। କୋର୍ଟ କହିଛନ୍ତି ଯେ ମୁଖ୍ୟ ସାକ୍ଷୀମାନଙ୍କ ବୟାନ ବିଶ୍ୱାସଯୋଗ୍ୟ ନୁହେଁ। ସେମାନେ ଯେଉଁଭଳି ଭାବେ ଅଭିଯୁକ୍ତମାନଙ୍କୁ ପ୍ୟାରେଡ ଜରିଆରେ ଚିହ୍ନଟ କଲେ, ତା' ଉପରେ ଅନେକ ପ୍ରଶ୍ନବାଚୀ ରହିଛି। ସେହିପରି ସ୍ୱୀକାରୋକ୍ତି ଅତ୍ୟନ୍ତ ନିର୍ଯାତନା ବଳରେ ହାସଲ କରାଯାଇ ଯାଇଥିଲା। ବେଞ୍ଚ କହିଛନ୍ତି, "ପ୍ରତିପକ୍ଷ ଓକିଲ ପ୍ୟାରେଡ ଦ୍ୱାରା ଅଭିଯୁକ୍ତଙ୍କୁ ଚିହ୍ନଟ ଉପରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇଛନ୍ତି। ଅଧିକାଂଶ ସାକ୍ଷୀ ଘଟଣାର ଦୀର୍ଘ ବର୍ଷ ଯାଏ ନୀରବ ରହିଥିଲେ। ପ୍ରାୟ ୪ ବର୍ଷ ସେମାନେ ଚୁପ ରହିବା ପରେ ସାମ୍ନାକୁ ଆସିଥିଲେ ଓ ହଠାତ୍ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରି ଦେଇଥିଲେ। ଏହା ଆଦୌ ସ୍ୱାଭାବିକ ଘଟଣା ନୁହେଁ। ଅଧିକାଂଶ ସାକ୍ଷୀ କାହିଁକି ସେମାନେ ଦୀର୍ଘ ବର୍ଷ ହେଲା ନୀରବ ରହିଥିଲେ ଓ କେମିତି ଅଭିଯୁକ୍ତଙ୍କୁ ଦୀର୍ଘ ବର୍ଷ ପରେ ଚିହ୍ନଟ କଲେ, ସେକଥା ଠିକ ଭାବେ କହି ପାରି ନାହାନ୍ତି।" ଖଣ୍ଡପୀଠ ସରକାରୀ ଓକିଲ କରିଥିବା ତ୍ରୁଟି ସମ୍ପର୍କରେ ମଧ ଆଲୋକପାତ କରିଛନ୍ତି। ଖଣ୍ଡପୀଠ କହିଛନ୍ତି, "ଶୁଣାଣି ବେଳେ କିଛି ସାକ୍ଷୀଙ୍କ ବୟାନକୁ ଯାଞ୍ଚ କରାଯାଇ ନଥିଲା। ଆରଡିଏକ୍ସ ଓ ଅନ୍ୟ ବିସ୍ଫୋରକ ସାମଗ୍ରୀ ଜବତକୁ ବିଚାରକୁ ନେଲେ ଜଣାପଡ଼ିଛି ଯେ ସେଗୁଡ଼ିକ ଫରେନ୍ସିକ ଲ୍ୟାବରେ ପହଞ୍ଚିବା ଯାଏ ସରକାରୀ ଓକିଲ ଏହା ଯେ ପ୍ରମାଣ ତା'କୁ ଦର୍ଶାଇ ପାରି ନଥିଲେ। ସନ୍ଦେହ ବ୍ୟତୀତ ସରକାରୀ ଓକିଲ ମାମଲାକୁ ପ୍ରମାଣିତ କରିବାରେ ବିଫଳ ହୋଇଛନ୍ତି। ତେଣୁ ୨୦୧୫ ଅକ୍ଟୋବର ମାସରେ ମହାରାଷ୍ଟ୍ର କଣ୍ଟ୍ରୋଲ ଅଫ ଅର୍ଗାନାଇଜଡ କ୍ରାଇମ ଆକ୍ଟ ବା ମୋକା କୋର୍ଟଙ୍କ ରାୟକୁ ହାଇକୋର୍ଟ ଖାରଜ କରିଛନ୍ତି। ମୋକା କୋର୍ଟ ୨୦୦୬ ମୁମ୍ବାଇ ଟ୍ରେନ ବିସ୍ଫୋରଣ ଘଟଣାରେ ୫ ଜଣଙ୍କୁ ମୃତ୍ୟୁ ଓ ବାକି ୭ ଜଣଙ୍କୁ ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଥିଲେ। ୧୨ ଜଣଙ୍କ ମଧ୍ୟରୁ କମଲ ଅନସାରୀ ନାଗପୁର ଜେଲରେ ଥିବା ବେଳେ କୋରନା ଯୋଗୁ ୨୦୨୧ରେ ପ୍ରାଣ ହରାଇଥିଲେ। ଏବେ ୧୯ ବର୍ଷ ହେଲା ଜେଲଦଣ୍ଡ ଭୋଗୁଥିବା ବାକି ୧୧ ଜଣ ନିର୍ଦ୍ଦୋଷରେ ଖଲାସ ହେବାକୁ ଯାଉଛନ୍ତି। ୨୦୦୬ ମୁମ୍ବାଇ ଟ୍ରେନ ବିସ୍ଫୋରଣ ଘଟଣାରେ କମଲ ଅନସାରୀ, ମହମ୍ମଦ ଫୈଜଲ, କୁତୁବୁଦ୍ଦିନ ସିଦ୍ଦିକୀ, ନବୀଦ ହୁସେନ ଓ ଆସିଫ ଖାନଙ୍କୁ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରାଯାଇଥିଲା। ସେହିପରି ତନବୀର ଅହମ୍ମଦ ଇବ୍ରାହିମ ଅନସାରୀ, ମହମ୍ମଦ ମାଜିଦ, ଶେଖ ମହମ୍ମଦ ଅଲୀ ଆଲାମ ଶେଖ, ମହମ୍ମଦ ସାଜିଦ ମାରଗୁବ ଅନସାରୀ, ମୁଜାମ୍ମିଲ ଅତାଉର ରହମନ ଶେଖ, ସୁହାଲି ମେହମ୍ମୁଦ ଶେଖ ଓ ଜମୀର ଅହମଦ ଲାତିଉର ରେହମନ ଶେଖଙ୍କୁ ଆଜୀନବ ଜେଲଦଣ୍ଡରେ ଦଣ୍ଡିତ କରାଯାଇଥିଲା। ୨୦୦୬ ମୁମ୍ବାଇ ଟ୍ରେନ ବିସ୍ଫୋରଣ ପୂରା ଦେଶକୁ ଦୋହଲାଇ ଦେଇଥିଲା। ୱେଷ୍ଟର୍ଣ୍ଣ ରେଳ ଲାଇନର ବ୍ୟସ୍ତବହୁଳ ସମୟରେ ୭ଟି ବୋମା ପ୍ରଥମ ଶ୍ରେଣୀ କମ୍ପାର୍ଟମେଣ୍ଟରେ ବିସ୍ଫୋଣ ହୋଇଥିଲା। ଏଥିରେ ୧୮୯ ଜଣଙ୍କ ଜୀବନ ଯାଇଥିଲା।

## ବନ୍ୟା ବିପନ୍ନ ଭିନ୍ନକ୍ଷମ ଏବଂ ଅସହାୟ ମହିଳାଙ୍କୁ ଶିକ୍ଷୟିତ୍ରୀଙ୍କ ସହାୟତା

ବାଲିଆପାଳ , ୨୧/୭ (ନି.ପ୍ର): ସୁବର୍ଣ୍ଣରେଖା ନଦୀରେ ୨୫ ଦୀନ ମଧରେ ଲଗାତାର ଚାରିଥର ବନ୍ୟା ଆସି ବାଲିଆପାଳ ବ୍ଲକର ୧୦ଟି ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ ଗ୍ରାମର ଗ୍ରାମବାସୀଙ୍କ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଛି। ସରକାରୀ ସ୍ତରରେ ସେମିତି କିଛି ଆଖି ଦୃଶିଆ କୌଣସି ସହାୟତା ମିଳିନାହିଁ। ସାତ ଦିନର ରିଲିଫ ସହାୟତା ଯୋଗାଇଦେବାକୁ ସରକାରୀ ଘୋଷଣା ହୋଇଥିଲେ ମଧ ବିପନ୍ନଙ୍କ ପାଖରେ ରିଲିଫ ପହଞ୍ଚି ପାରିନି। ତେବେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ବନ୍ୟା ବିପନ୍ନଙ୍କ ପାଇଁ ସହାୟତାର ହାତ ବଢାଇ ଥିବା ଦେଖିବାକୁ ମିଳୁଛି। ବିଭିନ୍ନ ବଦାନ୍ୟ ବ୍ୟକ୍ତି ବିଶେଷ ମଧ ବନ୍ୟା ବିପନ୍ନଙ୍କ ପାଖରେ ଛିଡ଼ା ହେବାର ଦେଖିବାକୁ ମିଳୁଛି। ସେହିପରି ରବିବାର ବାଲିଆପାଳ ବ୍ଲକ ଅନ୍ତର୍ଗତ ଅସ୍ତି ପଞ୍ଚାୟତର ବିଭିନ୍ନ ଗ୍ରାମର ୧୦ରୁ ଉର୍ଦ୍ଧ୍ୱ ବନ୍ୟା ପ୍ରଭାବିତ ଭିନ୍ନକ୍ଷମ ଏବଂ ଅସହାୟ ମହିଳାଙ୍କୁ ଡାଙ୍ଗରପଦା ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟତ୍ରୀ ମାମିଲତା ବେହେରା ୨୦ଦିନର ରେଶନ ସାମଗ୍ରୀ ପ୍ରଦାନ କରିଥିବା ଦେଖିବାକୁ ମିଳିଛି। ଶ୍ରୀମତୀ ବେହେରା କରୋନା ସମୟରେ ଟ୍ରଲି ରିକ୍ସା ଚାଳକ ମାନଙ୍କୁ ସହାୟତାର ହାତ ବଢାଇ ଚର୍ଚ୍ଚାକୁ ଆସିଥିଲେ।ସେ ବିଭିନ୍ନ ସମୟରେ ଦୁସ୍ଥ ଓ ଅସହାୟ ଲୋକଙ୍କୁ ସାହାଯ୍ୟର ହାତ ବଢ଼ାଇ ସେମାନଙ୍କ କଷ୍ଟ ଲାଘବ କରିବାକୁ ଚେଷ୍ଟା କରିଥାନ୍ତି। ଶ୍ରୀମତୀ ବେହେରା ସାମ୍ବାଦିକ ପ୍ରତାପ କୁମାର ପାତ୍ରଙ୍କ ସହଧର୍ମିଣୀ ଅଟନ୍ତି।

ମଙ୍ଗଳବାର, ଜୁଲାଇ ୨୨, ୨୦୨୫
ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା ୮

# ପଞ୍ଚଲିଙ୍ଗେଶ୍ୱର ମହାଦେବଙ୍କୁ ଜଳାଭିଷେକ କରିବାକୁ ଆସିଥିବା କାଉଡିଆ ଅଶାନ୍ତି

ନୀଳଗିରି , ୨୧/୭ (ନି.ପ୍ର): ଓଡିଶାର ପ୍ରମୁଖ ଶୈବପୀଠ ମଧ୍ୟରେ ଅନ୍ୟତମ ପଞ୍ଚଲିଙ୍ଗେଶ୍ୱର ପୀଠରେ ପ୍ରତ୍ୟେକ ବର୍ଷ ଲକ୍ଷାଧିକ କାଉଡିଆ ଜଳାଭିଷେକ ପାଇଁ ଆସୁଥିବା ବେଳେ ଚଳିତବର୍ଷ ପବିତ୍ର ଶ୍ରାବଣ ମାସର ୨ୟ ସୋମବାରରେ ଅହେତୁକ ଭିଡ଼ ଦେଖିବାକୁ ମିଳିଥିଲା । ମାତ୍ର ସବୁଠି ଭକ୍ତଙ୍କ ଅଶାନ୍ତି ଦେଖିବାକୁ ମିଳିଥିଲା। ମୁଖ୍ୟତଃ ପଞ୍ଚଲିଙ୍ଗେଶ୍ୱର ପୀଠକୁ ସଂଯୋଗ କରୁଥିବା ପ୍ରମୁଖ ରାସ୍ତାର ଦୂରାବସ୍ଥା ପାଇଁ ବୋଲବମ୍ ଭକ୍ତଙ୍କ ଗୋଡରୁ ରକ୍ତ ଝରିବା, ଚାଲିବାରେ ଅସୁବିଧା ହେବା, ଏପରିକି ମହିଳା ଭକ୍ତମାନେ ରାସ୍ତାଖରାପ ଯୋଗୁଁ ପଡ଼ିଯିବା,ପଞ୍ଚଲିଙ୍ଗେଶ୍ୱର ଛକଠାରୁ ପୀଠ ପର୍ଯ୍ୟନ୍ତ ବିଜୁଳିର ବ୍ୟବସ୍ଥା ଥିଲେ ମଧ ଅଧିକାଂଶ ଖୁମ୍ବରେ ଲାଇଟ ନ ଜଳିବା କାରଣରୁ କାଉଡିଆମାନେ ନିଜ ମୋବାଇଲ ଆଲୁଅ ସାହାଯ୍ୟରେ ଅବା ଅନ୍ଧାରରେ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ପହଁଞ୍ଚି ଥିଲେ । ଏପରିକି ପୀଠରେ ପାନୀୟ ଜଳର ଘୋର ସମସ୍ୟା ମଧ ରହିଥିବା ଦେଖାଯାଇଛି। କାଉଡିଆମାନେ କିଣିକରି ପାଣି ପିଉଥିବା ଅଭିଯୋଗ ମଧ ଆସିଛି। ଏପରିକି ପରିବେଶକୁ ସ୍ୱଚ୍ଛ ରଖିବାପାଇଁ ଆସିଥିବା ବ୍ଲିଚିଙ୍ଗ ପାଉଡର ପକାଇବାପାଇଁ ପ୍ରଶାସନ କିମ୍ବା ଟ୍ରଷ୍ଟବୋର୍ଡ ତତ୍ପରତା ଦେଖାଇନଥିବା ସ୍ଥାନୀୟଦୋକାନୀ ସହିତ କାଉଡ଼ିଆମାନେ ଅଭିଯୋଗ କରିଛନ୍ତି । ତେବେ ଆଗାମୀ ସୋମବାର ତୃତୀୟପାଳି ଅବସରରେ ପ୍ରଶାସନ, ବିଦ୍ୟୁତ ବିଭକ୍ଷଗ ସହିତ ଟ୍ରଷ୍ଟବୋର୍ଡ ଉକ୍ତ ସମସ୍ୟା ପ୍ରତି ତତ୍ପରତାର ସହିତ ପଦକ୍ଷେପ ନେଲେ ସମସ୍ୟାର ସମାଧାନ ସହିତ ପଞ୍ଚଲିଙ୍ଗେଶ୍ୱର ପୀଠର ସୁନାମରେ ଆଞ୍ଚ ଆସିବନାହିଁ ବୋଲି ବୁଦ୍ଧିଜୀବୀ ମାନେ ମତବ୍ୟକ୍ତ କରିଛନ୍ତି।




# ବିଶିଷ୍ଟ ସମାଜସେବୀ ଦୈତାରୀ ବେହେରାଙ୍କ ସ୍ମୃତିଚାରଣ ସଭା




ବାସୁଦେବପୁର , ୨୧/୭ (ନି.ପ୍ର): ବାସୁଦେବପୁର ପୌର ପାଳିକା ଅନ୍ତର୍ଗତ ମନ୍ଦାରି ପ୍ରବୋଧପୁର ଠାରେ ବିଶିଷ୍ଟ ସମାଜସ୍ୱୋ ଦୈତାରୀ ବେହେରାଙ୍କ ଏକାଦଶାହ ଅବସରରେ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓ ବକ୍ତବ୍ୟ ପ୍ରଦାନ କରିଥିଲେ। ବାସୁଦେବପୁରର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ, ପୂର୍ବତନ ସାଂସଦ ଅନନ୍ତ ସେଠି, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ, ଭଦ୍ରକ ଜିଲାପାଳ ଦିଲ୍ଲୀପ କୁମାର ରାଉତରାୟ, ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ପୌର ପାଳିକା ଅଧ୍ୟକ୍ଷା ନିବେଦିତା ବେହେରା, ବିଶିଷ୍ଟ ଶିଳ୍ପପତି ଶୁଭେନ୍ଦୁ ଭୂଷଣ ବେହେରା, ଶିକ୍ଷାବିତ୍ ଦୁଃଶାସନ ରାଉତ, ପଣ୍ଡିତ ଦୟାନିଧି ଦାଶ, ବିଜେପିର ବରିଷ୍ଠ ନେତା ମାଧବାନନ୍ଦ ମଲ୍ଲିକ, ଚାନ୍ଦବାଲିର ବରିଷ୍ଠ ନେତା ଅମୀୟ ମହାପାତ୍ର, ପୂର୍ବତ ନ ସରପଞ୍ଚ ଭାଗୀରଥି ବଳ, ଶିକ୍ଷାବିତ୍ ଭାଗୀରଥି ପଲେଇ, ବିଜେପି ନେତା ବାଣୀ କଲ୍ୟାଣ ମହାନ୍ତି, ଉଦୟ ନାରାୟଣ ମଲ୍ଲିକ, ଜଗବନ୍ଧୁ ଦାସ,ଅଧ୍ୟାପକ ରାଜ କିଶୋର ବାରିକ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଶିକ୍ଷା, ସେବା ଓ ଆଧ୍ୟାତ୍ମିକତା ର ଅମ୍ଳାନ ପ୍ରତିଭା ଦୈତାରୀ ଅତିଥି ବନ୍ଧୁ ଙ୍କ ଦ୍ୱାରା ଉନ୍ମୋଚିତ ହୋଇ ଥିଲା। ସମସ୍ତେ ଦୈତାରୀ ବେହେରାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶେଷରେ ଶୁଭେନ୍ଦୁ ଭୂଷଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ୨୭ରେ ଜିଲ୍ଲା ସ୍ତରୀୟ ଲୋକ ଅଦାଲତ

ଭଦ୍ରକ, ୨୧/୭ (ନି.ପ୍ର): ଆସନ୍ତା ୨୭ ତାରିଖ ରବିବାର ଭଦ୍ରକ ନଳାଙ୍ଗ ସ୍ଥିତ ଅଦାଲତ ପରିସରରେ ଅନୁଷ୍ଠିତ ହେବ ଜିଲ୍ଲା ସ୍ତରୀୟ ଲୋକ ଅଦାଲତ। ଏଥିରେ ବିଚାରାଧୀନ ଚେକ୍ ବାଉନ୍ସ ମାମଲାର ଆପୋଷ ସହମତିରେ ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େନାହିଁ। ଲୋକ ଅଦାଲତଙ୍କ ରାୟ ବୈଧ ଚୂଡ଼ାନ୍ତ ଓ ଅମଳ ଯୋଗ୍ୟ। ଦୀର୍ଘ ଦିନ ଧରି ଚାଲୁ ରହିଥିବା ମୋକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହା ଏକ ସୁଯୋଗ। ସବିଶେଷ ବିବରଣୀ ପାଇଁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସହିତ ଯୋଗଯୋଗ କରିପାରିବେ ବୋଲି ଜଣାଯାଇଛି।

# ଡ. ଶ୍ରୀଧର ସାମଲଙ୍କ କବିତା ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, ୨୧/୭ (ନି.ପ୍ର): ଗତ ତା ୨୦ ରିଖ ରବିବାର ମୌସୁମୀ ସାହିତ୍ୟ ଆନୁକୂଲ୍ୟରେ ସ୍ଥାନୀୟ ସାଂଧ୍ୟ ମହାବିଦ୍ୟାଳୟ ସଭା ଗୃହରେ କବି ଡ଼ ଶ୍ରୀଧର ସାମଲଙ୍କ ନୂତନ କବିତା ସଂକଳନ ' 'ନିରବତାର ସେପାଖରେ'ର ଶୁଭ ଉନ୍ମୋଚନ ସହ ଏକ ଭବ୍ୟ ବର୍ଷା କବିତା ଆସର ଅନୁଷ୍ଠିତ ହୋଇଯାଇଛି। ପ୍ର.ନନ୍ଦ କିଶୋର ପରିଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସମାରୋହରେ ସମ୍ପାଦକ ଡ଼ ଶ୍ରୀଧର ସାମଲ ସ୍ୱାଗତ ଭାଷଣ ଦେଇଥିଲା ବେଳେ, ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକା ବସୁନ୍ଧରାର ନିର୍ଦ୍ଦେଶିକା ଶ୍ରୀମତୀ ରିନୀ ମହାନ୍ତି,ମୁଖ୍ୟ ବକ୍ତା ଭାବେ ଗୋକର୍ଣ୍ଣିକାର ସମ୍ପାଦକ ରମାକାନ୍ତ ଜେନା,ବରେଣ୍ୟ ଅତିଥି ଭାବେ ସାହିତ୍ୟିକ ଡ଼ ବାସୁଦେବ ଦାସ,କବି ଅନ୍ନପୂର୍ଣ୍ଣା ମହାନ୍ତି, ସମୀକ୍ଷକ ପ୍ରକାଶ କୁମାର ମହାନ୍ତି,ପରାଗ ର ସମ୍ପାଦକ ବନମାଳି ସେନାପତି ଯୋଗ ଦେଇ ସାହିତ୍ୟ ହିଁ ସମାଜର ମେରୁଦଣ୍ଡ ବୋଲି ମତବ୍ୟକ୍ତ କରିଥିଲେ।ଏହି ଅବସରରେ ଶ୍ରୀମତୀ ରିନୀ ମହାନ୍ତିଙ୍କୁ ସମାଜ ସେବା ଓ ସାହିତ୍ୟକ୍ଷେତ୍ରରେ ଅବଦାନ ପାଇଁ ସମ୍ବର୍ଦ୍ଧିତ କରା ଯାଇଥିଲା।ଇଂ ଅକ୍ଷୟ କୁମାର ପାଣି ସଭା ପରିଚାଳନା କରିଥିଲା ବେଳେ କବିତା ଆସରକୁ କବି ପ୍ରେମାନନ୍ଦ ଖଣ୍ଡୁଆଳ ପରିଚାଳନା କରିଥିଲେ। କବି ଚାରୁଲତା ଭୂୟାଁ, ନିରୁପମା ଦାସ, ନିକୁଞ୍ଜ ପୃଷ୍ଟି କବିତା ସଂଯୋଜନା କରିଥିଲେ।କବିତା ପାଠଉତ୍ସବରେ କବି ଖଗେଶ୍ୱର ମହାନ୍ତି, ଅଜୟ ପାତ୍ର,ରଞ୍ଜନ ବାଇ,ଗୋଲାପ ରାଉତ, ଗୀତାଞ୍ଜଳି ସାହୁ,କୃଷ୍ଣ ଚନ୍ଦ୍ର ମହାପାତ୍ର, ପୂଜାଶ୍ରୀ ସେଠୀ, ମଞ୍ଜୁଶ୍ରୀ ବରାଳ, ଅମର ପ୍ରସାଦ ରାଉତ, ଲକ୍ଷ୍ମୀପ୍ରିୟା ମାଇତି, କାଶୀନାଥ ରାଉତରାୟ,ସଞ୍ଜୟ କୁମାର ମଲ୍ଲିକ,ଶଶିକାନ୍ତ ଦାସ, କବିତା ମୁଦୁଲି,ଡ଼ ଗିରିଜାକାନ୍ତ ଦାସ, ଅଧ୍ୟାପକ ଶିଶିର କାନ୍ତ ମହାପାତ୍ର ମାତୃଦତ୍ତ ମହାନ୍ତି, ବଂଶୀଧର ମହାନ୍ତି, ଜ୍ୟୋତ୍ସ୍ନା ମୟୀ ସୂତାର, ମମତା ସାମଲ, ପ୍ରେମାନନ୍ଦ ଜେନା, ଇତ୍ୟାଦି ଚାଳିଶରୁ ଉର୍ଦ୍ଧ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ।କବି ବୃନ୍ଦାବନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



# ବାବା ନିଖିରେଶ୍ୱର ଶୈବପୀଠରେ ଜଳାଭିଷେକ କଲେ ଶହ ଶହ କାଉଡ଼ିଆ



ବାଲିଆପାଳ, ୨୧/୭ (ନି.ପ୍ର): ବାଲିଆପାଳ ବ୍ଲକର ସର୍ବ ପୁରାତନ ନିଖିରା ଗ୍ରାମରେ ଅବସ୍ଥିତ ସ୍ୱୟମ୍ଭୁ ବାବା ନିଖିରେଶ୍ୱର ଶୈବପୀଠରେ ଆଜି ଶ୍ରାବଣ ମାସର ଦ୍ୱିତୀୟ ସୋମବାର ଅବସରରେ ଶହ ଶହ ମାନସିକ ଧାରୀ ଶ୍ରଦ୍ଧାଳୁ ମହାଦେବଙ୍କ ନିକଟରେ ଜଳଲାଗି କରିଛନ୍ତି । ପୁଣ୍ୟ ଅର୍ଜନ ପାଇଁ ବଡ଼ି ଭୋରୁ ବହୁ ଶ୍ରଦ୍ଧାଳୁ ମହିଳା, ପୁରୁଷ, କୁନି ଭକ୍ତ ପୂର୍ଣ୍ଣତୋୟା ସୁବର୍ଣ୍ଣରେଖା ନଦୀ ଠାରେ ପହଞ୍ଚିଥିଲେ । ସେଠାରେ ପୂଜାର୍ଚ୍ଚନା କରି ସୁବର୍ଣ୍ଣରେଖା ନଦୀରୁ ପାଣି ଭାର ଉଠାଇ ବାବା ନିଖିରେଶ୍ୱରଙ୍କ ନାମ ନେଇ ମନ୍ଦିର ନିକଟରେ ପହଞ୍ଚି ମନ୍ଦିରର ଚାରିପଟେ ଘୂରି ଥିଲେ । ଏହା ପରେ ସମସ୍ତେ ଶାନ୍ତି ଶୃଙ୍ଖଳାର ସହ ଧାଡ଼ିରେ ଯାଇ ମନ୍ଦିର ଭିତରକୁ ପ୍ରବେଶ କରି ବାବାଙ୍କ ନିକଟରେ ଜଳାଭିଷେକ କରିଥିଲେ ।'ଜୟ ବାବା ନିଖିରେଶ୍ୱର' 'ହର ହର ମହାଦେବ' ଧ୍ୱନିରେ ସମଗ୍ର ମନ୍ଦିର ପରିସର ପ୍ରକମ୍ପିତ ହୋଇ ଉଠିଥିଲା କ୍ଷବାବା ନିଖିରେଶ୍ୱରଙ୍କୁ ଯିଏ ବି ଜଳଲାଗି କରିବେ, ତାଙ୍କ ମନସ୍କାମନା ପୂରଣ ହୁଏ ବୋଲି ଶ୍ରଦ୍ଧାଳୁ କାଉଡ଼ି ଭକ୍ତ କହିଛନ୍ତି। ବାବା ନିଖିରେଶ୍ୱର ମନ୍ଦିର କମିଟି ପକ୍ଷରୁ ଜଳାଭିଷେକ କାର୍ଯ୍ୟକ୍ରମ ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

# ଭଗବାନ ମହାପାତ୍ରଙ୍କ ଏକାଦଶାହରେ ସ୍ମୃତିଚାରଣ ସଭା ଅନୁଷ୍ଠିତ




ରୂପ୍ସା, ୨୧/୭ (ନି.ପ୍ର): ବିଶିଷ୍ଟ ସମାଜସେବୀ, ଓଡ଼ିଶା ପଞ୍ଚାୟତ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ତଥା ଭଗବାନପୁର ଗ୍ରାମର ପ୍ରତିଷ୍ଠାତା ସ୍ୱର୍ଗତ ଭଗବାନ ମହାପାତ୍ରଙ୍କ ଏକାଦଶାହ ଅବସରରେ ପଣ୍ଡିତ ଗୋପାଳ ଦାଶ, ଚକ୍ରଧର ଆଚାର୍ଯ୍ୟ, ମଧୁସୂଦନ ପଣ୍ଡାଙ୍କ ଦ୍ୱାରା କର୍ମ ସମ୍ପାଦିତ ହୋଇଥିଲା । ବୈଦିକ ଗୁରୁକୁଳ ଆଶ୍ରମର ସଞ୍ଚାଳକ ବିଜୟ ଜୀଙ୍କ ଦ୍ୱାରା ବୈଦିକ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଆୟୋଜିତ ସ୍ମୃତିଚାରଣ ସଭାରେ ମହାନୁଭବ, ବୁଦ୍ଧିଜୀବୀ ଓ ବିଭିନ୍ନ ରାଜନୈତିକ ବ୍ୟକ୍ତିବିଶେଷ ମତବ୍ୟକ୍ତ କରିଥିଲେ । ପଣ୍ଡିତ ନିରଞ୍ଜନ ପଣ୍ଡାଶର୍ମାଙ୍କ ପୌରୋହିତ୍ୟ ତଥା ବିଶିଷ୍ଟ ସମାଜସେବୀ ବରଦାପ୍ରସନ୍ନ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ସ୍ମୃତି ଚାରଣ ସଭାରେ କବି କାଳୀପଦ ପଣ୍ଡା, ଧ୍ୱନି ପ୍ରତିଧ୍ୱନିର ସମ୍ପାଦକ ସୃଷ୍ଟିଧର ପରିଡ଼ା, ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ଜୟନ୍ତ କୁମାର ପାଣିଗ୍ରାହୀ, ରାଜ୍ୟ ପଞ୍ଚାୟତ ସଂଘର ସଦସ୍ୟ ଗୋବିନ୍ଦ ଶତପଥୀ, ପ୍ରାକ୍ତନ ବ୍ୟାଙ୍କ୍ ମ୍ୟାନେଜର ଯୋଗେଶ୍ୱର ମହାପାତ୍ର, ବୃନ୍ଦାବନ ପଣ୍ଡା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଅତିଥି ଭାବରେ ଯୋଗଦାନ କରି ବିକାଶ ପୁରୁଷ, ଦକ୍ଷ ସଂଗଠକ ଭଗବାନ ମହାପାତ୍ରଙ୍କ ସ୍ମୃତିଚାରଣ କରିଥିଲେ । ସ୍ୱର୍ଗତ ମହାପାତ୍ରଙ୍କ ନେତୃତ୍ୱ ଓ ଅବଦାନରେ ରୂପ୍ସାର ସାମଗ୍ରିକ ବିକାଶ, କସିପଦା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ରୂପ୍ସା ଆଞ୍ଚଳିକ ବିକାଶ ପରିଷଦ, ଝୋଟ କାରଖାନା ଶ୍ରମିକ ସଂଘ, ଭଗବାନପୁର ଗ୍ରାମ , ଭଗବାନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ଶିବ ମନ୍ଦିର ପ୍ରଭୃତିର ବିକାଶ ହୋଇଥିଲା । ତିରିଶରୁ ଅଧିକ ଅନୁଷ୍ଠାନର ସ୍ୱର୍ଗତ ଭଗବାନ ମହାପାତ୍ର ଥିଲେ ପ୍ରାଣ ପ୍ରତିଷ୍ଠାତା । ଏହି ସଭାରେ ବଡ଼ସାହି ବିଧାୟକ ସନାତନ ବିଜୁଳୀ, ନଗର ଉନ୍ନୟନ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ପ୍ରତିନିଧି ପ୍ରଦୀପ ମହାନ୍ତି, ନୀଳମଣି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ତପନ କୁମାର ବେହେରା ପୂର୍ବତନ ବଡ଼ସାହି ବିଧାୟକ ଗଣେଶ୍ୱର ପାତ୍ର, ମୟୂରଭଞ୍ଜ ଜିଲ୍ଲାର ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ଜିଲ୍ଲା ପରିଷଦ ସଭ୍ୟା ଧାନି କିସ୍କୁ , ସୁମନ୍ତ ଜେନା, ସମୟ ଚକ୍ରର ସମ୍ପାଦକ ସର୍ବେଶ୍ୱର ଜେନା, ବିକ୍ରମ ପଣ୍ଡା, ବସ୍ତାର ଶ୍ୟାମ ପ୍ରସାଦ ବେହେରା, ଗୌରାଙ୍ଗ ପାଣିଗ୍ରାହୀ , ପ୍ରଭାତ ଆଚାର୍ଯ୍ୟ, ଗୋପାଳ ଚନ୍ଦ୍ର ସାହୁ, ଜଗଦୀଶ ଚନ୍ଦ୍ର ପଟ୍ଟନାୟକ, ନିରଞ୍ଜନ ପରିଡ଼ା, ଶାନ୍ତନୁ ପଟ୍ଟନାୟକ, କିଶୋର ମହାପାତ୍ର, ଓରିପଲ୍ ଇଣ୍ଡଷ୍ଟ୍ରି ଲିମିଟେଡ, ରେମୁଣାର ନିର୍ଦ୍ଦେଶିକା ଆକାଂକ୍ଷା ବେହେରା ଓ ପରିଚାଳନା ନିର୍ଦ୍ଦେଶକ ଆଦିତ୍ୟ ବେହେରା ପ୍ରମୁଖ ସ୍ୱର୍ଗତ ମହାପାତ୍ରଙ୍କ ନିଃସ୍ୱାର୍ଥପର ସମାଜସେବାର ପରାକାଷ୍ଠା ବିଷୟରେ ବର୍ଣ୍ଣନା କରିଥିଲେ । ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅନନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ସ୍ମୃତିଚାରଣ ସଭାର ଦ୍ୱିତୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ମଞ୍ଚାସୀନ ଅତିଥି ଭାବରେ ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ପ୍ରାକ୍ତନ ଶିକ୍ଷକ ଯୋଗେଶ୍ୱର ବେହେରା, ଅଧ୍ୟାପକ ରବୀନ୍ଦ୍ର କୁମାର ପଣ୍ଡା , ପୂର୍ବତନ ସ୍ୱତନ୍ତ୍ର ଶାସନ ସଚିବ ଛୋଟରାୟ ମୁର୍ମୁ ପ୍ରମୁଖ ଯୋଗଦାନ କରି ସ୍ୱର୍ଗତ ମହାପାତ୍ରଙ୍କ ମହନୀୟତା ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଏହି ସ୍ମୃତି ଚାରଣ ସଭାରେ ଓଡ଼ିଶା ସ୍ୱାଭିମାନ ପରିଷଦ, ସୁରେନ୍ଦ୍ର ନାଥ ଜେନା ସ୍ମୃତି କମିଟୀ ଓ ବୈଦିକ ଗୁରୁକୁଳ ଆଶ୍ରମ ତରଫରୁ ସ୍ୱର୍ଗତ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ଶୋକ ବାର୍ତ୍ତା ପ୍ରଦାନ କରାଯାଇଥିଲା । ଅନ୍ତର୍ଯ୍ୟାମୀ ମହାପାତ୍ର, ସୁଦର୍ଶନ ମହାପାତ୍ର , ଚକ୍ରଧର ମହାପାତ୍ର, ସଂଯୁକ୍ତା ମହାପାତ୍ର, ସସ୍ମିତା ମହାପାତ୍ର, ବିଜୟଲକ୍ଷ୍ମୀ, ଶୁଭଲକ୍ଷ୍ମୀ, ଜୟଲକ୍ଷ୍ମୀ , ରାଜେଶ ସ୍ୱାଇଁ , ଜୟନ୍ତ ସ ଓ କୃଷ୍ଣଚନ୍ଦ୍ର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। । ଏହି ସ୍ମୃତିଚାରଣ ସଭାରେ ସମାଜସେବୀ, ରାଜନେତା, ଆଇନଜିବୀ, କବି, ଲେଖକ, ବିଭିନ୍ନ କଳକାରଖାନାର ମୁଖ୍ୟ, ଭଗବାନପୁର ଓ କାଦମୌଦାର ଗ୍ରାମବାସୀ, ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ବୁଦ୍ଧିଜିବୀ ଉପସ୍ଥିତ ରହିବା ସହ ସ୍ୱର୍ଗତ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଦେବେନ୍ଦ୍ର ଆଚାର୍ଯ୍ୟ ଓ ଶିକ୍ଷକ ବିଶ୍ୱନାଥ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ନିବେଦିତା ମହାପାତ୍ର , ଜୟସ୍ମିତା ମହାପାତ୍ର , ମନା, ମାନୀ, ମିଜାନି, ସୌମ୍ୟକାନ୍ତ, ଶୁଭକାନ୍ତ, ସାଇ ଶୁଭମ୍, ସାଇ ସତ୍ୟମ୍, ମାନସ, ଶୁଭଙ୍କର, ଶୁଭ୍ରଜିତ୍ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ସୁଦର୍ଶନ ମହାପାତ୍ର ଓ ଅନ୍ତର୍ଯ୍ୟାମୀ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦୁଇ ମଦ୍ୟପ ଡ୍ରାଇଭର ଗିରଫ

ଜୟପୁର, ୨୧/୭ (ନି.ପ୍ର): ଅତ୍ୟଧିକ ମଦ୍ୟପାନ କରି ଗାଡି ଚଲାଉଥିବା ନେଇ ଆଜି ଜୟପୁର ସଦର ପୁଲିସ ଦୁଇଜଣ ମଦ୍ୟପ ଡ୍ରାଇଭରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତକାଲି ରାତି ଜୟପୁର ସଦରପୁଲିସ ପାଞ୍ଜିଆଗୁଡା ନିକଟରେ ପେଟ୍ରୋଲିଂଗ କରୁଥିବା ସମୟରେ ପାଞ୍ଜିଆଗୁଡାରୁ କୁନ୍ତରଖାଲ ଆସୁଥିବା ଢେପଗୁଡା ଅଂଚଳର ପି.ଚକ୍ରି(୨୬) ବାଇକ ଆରୋହି କୁ ଅଟକ ରଖି ଯାଂଚ କରିବା ସମୟରେ ସେ ମଦ୍ୟପାନ କରିଥିବା ଜଣାପଡିଥିଲା। ସେହିପରି ଅନ୍ୟଜଣେ କୋରାପୁଟ୍ ସଦରଥାନା ଅଂଚଳର ରାଜୁ କୁଲଦୀପ ଏକ ସ୍କୁଟିରେ ବାଲିଆରୁ ଜୟପୁର ଅଭିମୁଖେ ଆସୁଥିବା ସମୟରେ ତାକୁ ଅଟକ ରଖି ଚେକିଂ କରିବା ସମୟରେ ସେ ମଧ ମଦ୍ୟପାନ କରିଥିବା ଦେଖିବାକୁ ମିଳିଥିଲା। ଆଜି ଦୁଇଜଣ ମଦୁଆଙ୍କୁ ସଦରପୁଲିସ ଗିରଫ କରିଥିବା ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ମା'ଙ୍କ ପାଇଁ ଗୋଟିଏ ଗଛ: ବନବିଭାଗ ଓ ଗ୍ରାମ୍ୟ ଜଙ୍ଗଲ କମିଟି ଆନୁକୂଲ୍ୟରେ ମଛପଦାରେ ମେଗା ବୃକ୍ଷରୋପଣ

ବୈଶିଙ୍ଗା , ୨୧/୭ (ନି.ପ୍ର): ଦେଶରେ ସବୁଜ ବଳୟ ସୃଷ୍ଟି କରିବା ପାଇଁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ଯେଉଁ ବାର୍ତ୍ତା ଦେଇଥିଲେ ତାହା ହେଲା 'ମାଁ କେ ଲିୟେ ଏକ୍ ପେଡ୍' । ଏହାକୁ ପ୍ରତିପାଦିତ କରିବା ପାଇଁ ସାରା ଦେଶରେ ପ୍ରତି ଗ୍ରାମ ଗ୍ରାମରେ ଚାରା ରୋପଣ ଏକ ମାଧ୍ୟମ ପାଲଟି ଯାଇଛି । ଏହି ଉପଲକ୍ଷେ ବେତନଟୀ ବନ ଖଣ୍ଡ ଅଧିକାରୀ ମନୱର ଖାଁଙ୍କ ପରିଚାଳନା ରେ ସନ୍ତରା ପଞ୍ଚାୟତ ଅଧିନ ମଛପଦା ରେ ଆଜି ସୋମବାର ଏକ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବହୁ ଦିନରୁ ଧ୍ୱଂସ ପାଇ ଯାଇଥିବା ମଛପଦା ଗ୍ରାମର ଏହି ଗ୍ରାମ୍ୟ ଜଙ୍ଗଲକୁ ସଫା କରାଯାଇ ପ୍ରାୟ ଦଶ ହଜାରରୁ ଉର୍ଦ୍ଧ୍ୱ ଗଛ ଲଗାଯିବାର ଯୋଜନା କରା ଯାଇଥିଲା ।




ଆଜିର ଏହି ମେଗା ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଜିଲ୍ଲା ଜଙ୍ଗଲ ଅଧିକାରୀ ଏ.ଉମା ମହେଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବନ ପାଳ ଦୀପକ ପାତ୍ର, ପ୍ରଦୀପ ଦେହୁରୀ ତଥା ବନରକ୍ଷୀ ସସ୍ମିତା ଦଳେଇ , ଉତ୍ତମ ଦାସ, ଜୟନ୍ତୀ ପାତ୍ର, ସସ୍ମିତା ଶତପଥି ପ୍ରମୁଖ ବୃକ୍ଷ ରୋପଣରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ଗ୍ରାମ୍ୟ ଜଙ୍ଗଲ କମିଟିର ସଭାପତି ଧ୍ରୁବ ଚରଣ ସିଂ , ସଦସ୍ୟ ମହେଶ୍ୱର ପରିଡା, ରଜନୀକାନ୍ତ ମହାରଣା, ପ୍ରବୀଣ ନାଏକ, ମନୁ ସିଂ, ଅଜୟ ସିଂ ଙ୍କ ସମେତ ଶତାଧିକ ଗ୍ରାମବାସୀ ସହଯୋଗ କରିଥିଲେ । ମୁଖ୍ୟ ଅତିଥି ଏ.ଉମା ମହେଶ ନିଜ ବକ୍ତବ୍ୟରେ ଗଛ ଲଗାଇବା ପରେ ଏହାର ଯତ୍ନ ନେବାପାଇଁ ଗ୍ରାମବାସୀ ଙ୍କ ଅକୁଣ୍ଠ ସହଯୋଗ ର ଆବଶ୍ୟକତା ବୋଲି ନିବେଦନ କରିଥିଲେ । ବୈଶିଙ୍ଗା ଅଞ୍ଚଳର ସାମ୍ବାଦିକ ମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଥିଲେ ।

# ଆଦାନୀ ପୋର୍ଟସ ଏବଂ ଏସ୍‌ଇଜେଡ୍ ପକ୍ଷରୁ 'କନେକ୍ଟ ୨.୦' ଆୟୋଜିତ

ଭୁବନେଶ୍ୱର, ୨୧/୭ (ନି.ପ୍ର): ପୂର୍ବ ଭାରତର ଅଗ୍ରଣୀ ବନ୍ଦର ଲଜିଷ୍ଟିକ୍ସ କମ୍ପାନୀ, ଆଦାନୀ ପୋର୍ଟସ ଏବଂ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ (ଏପିଏସ୍‌ଇଜେଡ୍) ପକ୍ଷରୁ 'କନେକ୍ଟ ୨.୦' ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ 'ଟୁଗେଦର୍ସ ଟୁୱାର୍ଡସ ଟୁମୋରୋ' ଶୀର୍ଷକ ଉପରେ ପର୍ଯ୍ୟବେକ୍ଷିତ ଥିଲା । ଏଥିରେ ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼ ରାଜ୍ୟରୁ ପୋର୍ଟକୁ ସହଯୋଗ କରୁଥିବା ସମନ୍ୱିତ ମଲ୍ଟି-ମୋଡାଲ ଲଜିଷ୍ଟିକ୍ କମ୍ପାନୀ, ରେଳବାଇ, ଟ୍ରକ୍ ନେଟ୍‌ୱର୍କ ପ୍ରମୁଖ ନୌବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ଧାମରା ପୋର୍ଟ, ଗୋପାଳପୁର ପୋର୍ଟ ଏବଂ ହଳଦିଆ ଟର୍ମିନାଲର ମିଳିତ ଶକ୍ତିକୁ ପ୍ରଦର୍ଶିତ କରିଥିଲା । ଧାମରା ପୋର୍ଟ ୫୦ ଏମ୍‌ଏମ୍ଟିପିଏ ରୁ ୨୦୩୦ ଏବଂ ୨୦୪୦ ସୁଦ୍ଧା ଯଥାକ୍ରମେ ୧୦୦ ଏମ୍‌ଏମ୍ଟିପିଏ ୨୦୦ ଏମ୍‌ଏମ୍ଟିପିଏ, ଗୋପାଳପୁର ପୋର୍ଟ ୨୫ ଏମ୍‌ଏମ୍ଟିପିଏ, ନଭେମ୍ବର ୪ ରୁ କାର୍ଯ୍ୟକ୍ଷମ ହେବାକୁ ଯାଉଥିବା ହଳଦିଆ ଟର୍ମିନାଲ ୪ ଏମ୍‌ଏମ୍ଟିପିଏ ବନ୍ଦରଗୁଡ଼ିକ ମିଳିତ ଭାବରେ ବାର୍ଷିକ ୧୩୦ ନିୟୁତ ମେଟ୍ରିକ୍ ଟନ୍ (ଏମ୍‌ଏମ୍ଟିପିଏ) ବ୍ୟବସାୟ ପରିଚାଳନା ବ୍ୟବସାୟିକ ଅଭିବୃଦ୍ଧି ଲକ୍ଷ୍ୟ ରଖାଯାଇଛି । ଧାମରା ଏବଂ ଗୋପାଳପୁର ପୋର୍ଟର କ୍ଷମତା ଏବଂ ଦକ୍ଷତା ବୃଦ୍ଧି ପାଇଁ ଯୋଜନା କରାଯାଇଥିବା ଆଦାନୀ ଗ୍ରୁପ ଦ୍ୱାରା ଗୁରୁତ୍ୱପୂର୍ଣ୍ଣ ନିବେଶ ବିଷୟରେ ପୋର୍ଟ ସହ ପ୍ରତ୍ୟେକ୍ଷ ଭାବେ ବାଣିଜ୍ୟ କାରବାର କରୁଥିବା କମ୍ପାନୀଗୁଡ଼ିକୁ ଅବଗତ କରାଯାଇଥିଲା । ଏହି ସମ୍ମିଳନୀରେ ଗ୍ରାହକ ଓ ନୌବାଣିଜ୍ୟିକ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ମଧ୍ୟରେ ଅଭୁତପୂର୍ବ ଉତ୍ସାହ ଦେଖିବାକୁ ମିଳିଥିଲା ଯାହା ଏପିଏସ୍‌ଇଜେଡ୍ର ଗ୍ରାହକ-କୈନ୍ଦ୍ରିକ ଆଭିମୁଖ୍ୟକୁ ପୁନରାବୃତ୍ତି କରିଥିଲା । ଏକତ୍ର ଭାବେ ଆମେ ପୂର୍ବ ଭାରତର ଅର୍ଥନୈତିକ ଅଭିବୃଦ୍ଧି ଏବଂ ବିକାଶକୁ ଆଗେଇ ନେବାର ଲକ୍ଷ୍ୟ ରଖିଥିବା କାର୍ଯ୍ୟକ୍ରମରେ କୁହାଯାଇଥିଲା । ଟାଟା ଷ୍ଟିଲ, ରୁଙ୍ଗଟା ମାଇନ୍ସ, ରଶ୍ମି ମେଟାଲିକ୍ସ, ଷ୍ଟିଲ ଅଥୋରିଟୀ ଅଫ୍ ଇଣ୍ଡିଆ, ଟ୍ୟାନ୍ଟିଡକ୍ସୋ, ବେଦାନ୍ତ ଆଲୁମିନା, ଜିନ୍ଦଲ୍, ବେଙ୍ଗଲ ଏନର୍ଜୀ ପ୍ରମୁଖ କମ୍ପାନୀଗୁଡ଼ିକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । 'କନେକ୍ଟ ୨.୦' ସିରିଜ୍ର ଲକ୍ଷ୍ୟ ହେଉଛି ସହଯୋଗକୁ ପ୍ରୋତ୍ସାହିତ କରିବା, ଅଭିବୃଦ୍ଧି ଯୋଜନାଗୁଡ଼ିକୁ ତ୍ୱରାନ୍ୱିତ କରିବା ଏବଂ ଗ୍ରାହକ ସନ୍ତୁଷ୍ଟି ପାଇଁ ଏପିଏସ୍‌ଇଜେଡ୍ର ପ୍ରତିବଦ୍ଧତାକୁ ସୁଦୃଢ କରିବା ।




❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida